R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୨୬
ତିଥି : ପଞ୍ଚମୀ
୨୨ ମେ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 226
22 May 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଉପକୂଳରୁ ପଶ୍ଚିମ ବର୍ଷୁଛି ନିଆଁ




ଭୁବନେଶ୍ୱର, ୨୧।୫ (ସବ୍ୟୁ) : ରାଜ୍ୟରେ ଭୟଙ୍କର ତାତି ଅନୁଭୂତ ହେଉଛି । ଦିନ ହେଉକି ରାତି, ଘରେ କିମ୍ବା ବାହାରେ କେଉଁଠି ବି ରହିହେଉନି । ଘରର କାନ୍ଥବାଡ ସବୁ ତତେଇ ଦେଉଛି । ରାତିରେ ବି ନିଆଁ ହୁଳା ଉଠୁଛି । ଭୀଷଣ ଗରମରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଉଛି । ଆଗାମୀ ସପ୍ତାହେ ଯାଏଁ କେତେକ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ଜାରି ରହିବ । ତେବେ କାଳବୈଶାଖୀ ବର୍ଷା ତାତିରୁ ସାମାନ୍ୟ ଆଶ୍ୱସ୍ତି ଦେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନୀ ପକ୍ଷରୁ ଜାରି ହୋଇଥିବା ବୁଲେଟିନ୍‌ରେ କୁହାଯାଇଛି, ଦକ୍ଷିଣ ଉପକୂଳ ଓଡିଶା ଉପରେ ଏକ ଘୂର୍ଣ୍ଣି ବଳୟ ରହିଛି । ଯାହା ପୂର୍ବ ଉତ୍ତରପ୍ରଦେଶରୁ ଦକ୍ଷିଣ ଓଡିଶା ଦେଇ ଝାଡଖଣ୍ଡ ଏବଂ ଉତ୍ତର ଛତିଶଗଡ ସମେତ ଆଭ୍ୟନ୍ତରୀଣ ଓଡିଶା ପର୍ଯ୍ୟନ୍ତ ଲମ୍ବିଛି । ଏହା ପ୍ରଭାବରେ ଉପକୂଳ ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡିଶାର ସ୍ଥାନେ ଦୁଇ (୯ ପୃଷ୍ଠାରେ)

## କାଳବୈଶାଖୀ ତାଣ୍ଡବରେ ୩ ମୃତ


ମୁଖ୍ୟମନ୍ତ୍ରୀଙ୍କ ଶୋକ, ସହାୟତା ଘୋଷଣା

କେନ୍ଦୁଝର / ଢେଙ୍କିକୋଟ, ୨୧।୫ (ଜିପ୍ର/ସବ୍ୟୁ): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ନରଣପୁର ହାଟ ଛକ ନିକଟରେ ଗୁରୁବାର ଦିନ କାଳବୈଶାଖୀ ତାର ତାଣ୍ଡବ ଦେଖାଇଛି । କାଳବୈଶାଖୀ ପ୍ରଭାବରେ ପ୍ରଚଣ୍ଡ ପବନ ଓ ପ୍ରବଳ ବର୍ଷାରେ ଗଛ ସବୁ ଉପୁଡ଼ି ପଡ଼ିବା ସହ ଘରର ଛାତ ଉପରେ ଟେଣ୍ଟ ମାରି ଶୋଇଥିବା ବେଳେ ତାହା ଭୁଶୁଡ଼ିପଡବାରୁ ତିନିଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ (୯ ପୃଷ୍ଠାରେ)

## ପେଟ୍ରୋଲ-ଡିଜେଲ ଖର୍ଚ୍ଚକାଟ

### ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ୮ ସୂତ୍ରୀ ନିର୍ଦ୍ଦେଶାବଳୀ

ଭୁବନେଶ୍ୱର, ୨୧।୫ (ସବ୍ୟୁ) : ସାମ୍ପ୍ରତିକ ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁ ଦେଶରେ ପେଟ୍ରୋଲ ଡିଜେଲ ଖର୍ଚ୍ଚକାଟ ପାଇଁ ପ୍ରଧାନମନ୍ତ୍ରୀ ନିକଟରେ ନିବେଦନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ନିବେଦନ ପରେ ମୁଖ୍ୟମନ୍ତ୍ରୀ ତାଙ୍କ କାର୍‌କେଡ୍‌'ର ଗାଡ଼ିସଂଖ୍ୟା ଅଧା କରିଥିବା ବେଳେ ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚ କମ୍ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ ।



ଏହି ପରିପ୍ରେକ୍ଷୀରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ ବିଭାଗ ଗୁଡ଼ିକରେ ପେଟ୍ରୋଲ ଓ ଡିଜେଲ ବ୍ୟବହାର (୯ ପୃଷ୍ଠାରେ)

## ସିଜେପିର ଏକ୍ସ ଆକାଉଣ୍ଟ ବନ୍ଦ

### ଇନ୍‌ଷ୍ଟାଗ୍ରାମ୍‌ରେ ଫଲୋର୍ସଙ୍କ ସଂଖ୍ୟା ୧୫ ମିଲିୟନ୍




ନୂଆଦିଲ୍ଲୀ, ୨୧।୫ : କକ୍ରୋଚ ଜନତା ପାର୍ଟି (ସିଜେପି)ର ଏକ୍ସ ଆକାଉଣ୍ଟକୁ ଭାରତରେ ବନ୍ଦ କରିଦିଆଯାଇଛି । ନୂଆ କରି ଗଠନ ହୋଇଥିବା ଏହି ଦଳର ଏକ୍ସ ଆକାଉଣ୍ଟରେ ୧.୬ ଲକ୍ଷରୁ ଅଧିକ ଫଲୋଅର୍ସ ଥିବା ବେଳେ ଇନଷ୍ଟାଗ୍ରାମରେ ଏହାର ୧୫ ନିୟୁତ ବା ୧ କୋଟି ୫୦ ଲକ୍ଷ ଫଲୋଅର୍ସ ରହିଛନ୍ତି ତେବେ ଏହି ଆକାଉଣ୍ଟକୁ ସରକାର ବନ୍ଦ କରିଦେଇଛନ୍ତି । ଆକାଉଣ୍ଟ ବନ୍ଦ ହେଲା ପରେ ସିଜେପି ପକ୍ଷରୁ ପୁଣି ଏକ୍ସରେ ଏକ ନୂଆ ଆକାଉଣ୍ଟ ଖୋଲାଯାଇଛି ।

ନୂଆକରି ଖୋଲା ଯାଇଥିବା ସିଜେପିର ଅନଲାଇନରେ ଫଲୋଅର୍ସଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଥିଲା । ଏହାର ଇନଷ୍ଟାଗ୍ରାମରେ ଫଲୋଅର୍ସଙ୍କ ସଂଖ୍ୟା ବିଜେପକୁ ଅଧିକ ହୋଇଥିଲା । ସିଜେପିର ପ୍ରତିଷ୍ଠାତା ଅଭିଜିତ ଦିପେକ ମଧ୍ୟ ଏନେଇ ପ୍ରତିକ୍ରିୟା ରଖିଛନ୍ତି । ସେ ପ୍ରଥମ ମୂଳ ଆକାଉଣ୍ଟକୁ ଭାରତରେ ବନ୍ଦ କରିଦିଆଯାଇଥିବା ନେଇ ସେୟାର କରିଛନ୍ତି । ଏହି ନୂଆ ଦଳ (୯ ପୃଷ୍ଠାରେ)

## ବ୍ରହ୍ମପୁରରେ ମୁକେଶକୁ ଏନ୍‌କାଉଣ୍ଟର

ବ୍ରହ୍ମପୁର, ୨୧।୫ (ସବ୍ୟୁ): ବ୍ରହ୍ମପୁର ଗିରିରୋଡ ଆକ୍ରମଣ ଘଟଣାରେ ଅଭିଯୁକ୍ତ ମୁକେଶ ସାହୁକୁ ଏନକାଉଣ୍ଟର କରାଯାଇଛି । ଡିଜିଙ୍କ ଚରମବାଣୀ ପରେ ଅପରାଧୀଙ୍କୁ କାଉଣ୍ଟର ପାଇଁ ଏନକାଉଣ୍ଟର ଜାରି ରଖିଛି ବ୍ରହ୍ମପୁର ପୋଲିସ । ଗତ ସପ୍ତାହକ ମଧ୍ୟରେ ଏହା ଦ୍ୱିତୀୟ ଏନକାଉଣ୍ଟର । ଗିରିରୋଡ଼ରେ ଉମେଶ ରଥ ଓ ତାଙ୍କ ସ୍ତ୍ରୀ'ଙ୍କୁ ସର୍ବସମ୍ମୁଖରେ ରାସ୍ତା ଉପରେ ନିସ୍ତୁକ ମାଡ ମାରିଥିଲେ ମୁକ୍ତେଶ ଓ ଅନ୍ୟ ସହଯୋଗୀ । ବୁଧବାର ବିଳମ୍ବିତ ରାତିରେ ଗୋଳନ୍ଥରା ଥାନା ଅନ୍ତର୍ଗତ ଟାମଣା ଘଟିଠାରେ ପୋଲିସ ଗୋଡ଼ାଇ ଗୋଡାଇ ଏନକାଉଣ୍ଟର କରିବା ପରେ ମୁକ୍ତେଶକୁ ଏମକେସିଜି ମେଡିକାଲ ଆଇସିୟୁରେ ଭର୍ତ୍ତି କରାଯାଇଛି ।

ଗୁରୁବାର ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତି ଶେଖର ସୂଚନା ଦେଇଛନ୍ତି । ତାଙ୍କ ସହ ବ୍ରହ୍ମପୁର ଏସପି ଡ଼ା.ସର୍ବଣା ବିବେକ (୯ ପୃଷ୍ଠାରେ)

## ପୁଲୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ନିହତ

ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି) : ପୁଲୱାମା ଆକ୍ରମଣର ମାଷ୍ଟର ମାଇଣ୍ଡ ଅମଜା ବୁରହାନକୁ ପାକ ଅଧିକୃତ କାଶ୍ମୀର (ପିଓକେ)ରେ ଅଜଣା ବ୍ୟକ୍ତି ଗୁଳି କରି ହତ୍ୟା କରିଛନ୍ତି । ହମଜା ଜଣେ ଡାକ୍ତର ଭାବେ ଜଣାଶୁଣା । ୨୦୧୯ରେ ଜାମ୍ମୁ-କାଶ୍ମୀରର ପୁଲୱାମାରେ ଯେଉଁ ଆକ୍ରମଣ ହୋଇଥିଲା, ୪୦ ସିଆରଏଫ ଯବାନଙ୍କ ମୃତ୍ୟୁ ହୋଇଥିବା ଘଟଣାର ଏହାକୁ ମାଷ୍ଟର ମାଇଣ୍ଡ (୯ ପୃଷ୍ଠାରେ)

### ଆଇଆଇଟି ପଢ଼ିବା ଖର୍ଚ୍ଚ ୨୦ ଲକ୍ଷ

## ନିଯୁକ୍ତିରେ ମିଳୁନି ଆଶାନୁରୂପ ବେତନ

ନୂଆଦିଲ୍ଲୀ, ୨୧।୫ : ନିଜ ପିଲାମାନଙ୍କୁ ଆଇଆଇଟିରେ ପଢ଼ାଇବା ସ୍ୱପ୍ନ ଦେଖୁଥିବା ବାପା, ମାଙ୍କୁ ଏହା ପୂରଣ କରିବା ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ମାତ୍ର ପାଠ ପଢ଼ିଲା ପରେ ଯେଉଁ ନିଯୁକ୍ତି ମିଳୁଛି ତଦନୁଯାୟୀ ଦରମା ମିଳୁନାହିଁ । ବାପା, ମା'ଙ୍କ ଉପରେ ପାଠପଢ଼ାଇବା ପାଇଁ ଅନେକ ଖର୍ଚ୍ଚ କରିବାକୁ ପଡୁଛି । ୫ରୁ ୮ ଲକ୍ଷ ଟଙ୍କା କୋଚିଂ ପାଇଁ ଯାଉଥିବା ବେଳେ ୮ରୁ ୧୦ ଲକ୍ଷ ଟଙ୍କା ଆଇଆଇଟିର ଦେୟ ବାବଦରେ ଯାଉଛି । ମାତ୍ର ଦେଶର ସବୁଠୁ ପ୍ରମୁଖ ଆଇଆଇଟି କୁହାଯାଉଥିବା ବମ୍ବେ ଆଇଆଇଟିରେ ପଢୁଥିବା ଛାତ୍ରଙ୍କୁ ଯେଉଁ ନିଯୁକ୍ତି ମିଳିଛି ସେମାନଙ୍କ ଦରମା ବାର୍ଷିକ ୨୬ ଲକ୍ଷ ହେଉଛି । ସେଥିମଧ୍ୟରୁ ଟିକସ, ଘରଭଡା ଓ ଇଏମଆଇ ମଧ୍ୟ ରହୁଛି ।

ଆଇଆଇଟି ବମ୍ବେର (୯ ପୃଷ୍ଠାରେ)






# ପସନ୍ଦ ଆସିବ କାହାଣୀ



ନିର୍ଦ୍ଦେଶକ ଇମତିଆଜ୍ ଅଲ୍ଲୀଙ୍କ ନୂଆ ଚଳଚ୍ଚିତ୍ର 'ମେଁ ୱାପସ ଆଉଙ୍ଗା'ର ଟ୍ରେଲର୍ ରିଲିଜ୍ ହୋଇଛି। 'ଅମର ସିଂ ଚମକିଲା'ର ସଫଳତା ପରେ ସେ ପୁଣି ଏକ ପ୍ରେମ କାହାଣୀକୁ ଦର୍ଶକଙ୍କ ପାଇଁ ପ୍ରସ୍ତୁତ କରିଛନ୍ତି । କାହାଣୀଟି ସବୁ ବର୍ଗର ଦର୍ଶକଙ୍କୁ ପସନ୍ଦ ଆସିବବୋଲି ମେକର୍ସ ଆଶା ରଖିଛନ୍ତି । ୩ ମିନିଟ୍ ୯ ସେକେଣ୍ଡର ଟ୍ରେଲରଟି ଭାବପ୍ରବଣତାରେ ଭରପୂର ଅଛି ଏବଂ ଏହାର କାହାଣୀ ୧୯୪୭ ମସିହାର ଭାରତ ବିଭାଜନ ସମୟ ଉପରେ ଆଧାରିତ। ଚଳଚ୍ଚିତ୍ରଟି ଦୁଇଟି ଭିନ୍ନ ସମୟକୁ ନେଇ ଗତି କରିବ, ଯେଉଁଥିରେ ଦିଲଜିତ ଦୋସାଞ୍ଜ, ଶରଭରୀ ୱାଘ, ବେଦାଙ୍ଗ ରାଇନା ଏବଂ ନସୀରୁଦ୍ଦୀନ ଶାହ ଅଭିନୟ କରିଛନ୍ତି। ଟ୍ରେଲରର ପ୍ରଥମ ଭାଗରେ ଜଣେ ଅସୁସ୍ଥ ବୃଦ୍ଧ ବ୍ୟକ୍ତି ନିଜ ପିଲାଦିନର ପ୍ରେମିକାକୁ ଭେଟିବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି, ଯାହାଙ୍କଠାରୁ ସେ ବିଭାଜନ ସମୟରେ ୭୮ ବର୍ଷ ପୂର୍ବେ ଅଲଗା ହୋଇଯାଇଥିଲେ । ଏତେ ବର୍ଷ ପରେ ବି ସେ ସେହି ଦୁଃଖକୁ ଭୁଲିନାହାନ୍ତି ଏବଂ ପ୍ରେମିକାଙ୍କ ସହିତ ଭେଟ ହେବାକୁ ମନ ବଳାଇଛନ୍ତି। ଏହାପରେ କାହାଣୀଟି ବିଭାଜନ ପୂର୍ବ ସମୟକୁ ଯାଉଛି, ଯେଉଁଠାରେ ବେଦାଙ୍ଗ ରାଇନା ଏବଂ ଶରଭରୀ ୱାଘ ପରସ୍ପରକୁ ପ୍ରେମ କରୁଛନ୍ତି, କିନ୍ତୁ ପରିସ୍ଥିତି ସେମାନଙ୍କୁ ଅଲଗା କରିଦେଉଛି। ପରବର୍ତ୍ତୀ ସମୟରେ ବେଦାଙ୍ଗଙ୍କ ଚରିତ୍ରର ବୃଦ୍ଧ ଅବସ୍ଥାକୁ ନସୀରୁଦ୍ଦୀନ ଶାହ ଅଭିନୟ କରିଛନ୍ତି, ଯିଏ ଆଜି ବି ନିଜର ସେହି ହଜିଲା ପ୍ରେମକୁ ମନେ ରଖିଛନ୍ତି। କାହାଣୀଟି ଖୁବ ଭାବପ୍ରବଣତାରେ ଭରି ରହିଥିବାରୁ ଦର୍ଶକଙ୍କୁ ଖୁବ ପସନ୍ଦ ଆସିବବୋଲି ମେକର୍ସ ଆଶା ରଖିଛନ୍ତି ।

# ଗ୍ରୀଷ୍ମଋତୁରେ ବଢ଼ିଥାଏ ରାଗ



ଗ୍ରୀଷ୍ମଋତୁରେ ତାପମାତ୍ରା ବଢ଼ିବା ସହିତ ଅଧିକାଂଶ ଲୋକଙ୍କ ମଧ୍ୟରେ ଥକ୍କାପଣ, ଚିଡ଼ିଚିଡ଼ାପଣ, କମ୍ ନିଦ ହେବା, କାମରେ ଏକାଗ୍ରତା କମିଯିବା, କଥା କଥାରେ ରାଗ ଆସିବା ଏବଂ ବିନା କାରଣରେ ଅସ୍ଥିରତା ବଢ଼ିବା ଭଳି ସମସ୍ୟା ଦେଖାଦେଇଥାଏ । ହିଟ୍ ୱେଭ୍ ବା କ୍ରମାଗତ ଉଚ୍ଚ ତାପମାତ୍ରା ଯୋଗୁଁ ମାନସିକ ଚାପ, ନିଦ୍ରାହୀନତା ଏବଂ ମୁଡ୍ ସ୍ୱିଙ୍ଗ୍ ଜନିତ ମାମଲା ବହୁତ ବଢ଼ିଯାଏ । ଯାହାକୁ ନେଇ 'ଇଣ୍ଟରନ୍ୟାସନାଲ୍ ଜର୍ଣ୍ଣାଲ୍ ଅଫ୍ ଏନଭାୟରମେଣ୍ଟାଲ୍ ରିସର୍ଚ୍ଚ ଆଣ୍ଡ ପବ୍ଲିକ୍ ହେଲ୍ଥ'ରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଗ୍ରୀଷ୍ମ ଦିନେ ମାନସିକ ସ୍ୱାସ୍ଥ୍ୟ ବିଭାଗରେ ମାମଲା ୮ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ। ବାସ୍ତବରେ ଶରୀରରେ ଜଳୀୟ ଅଂଶର ଅଭାବ (ଡିହାଇଡ୍ରେସନ), ଖରାପ ଶୋଇବା ଶୈଳୀ ଏବଂ ଦୈନନ୍ଦିନ ଜୀବନଯାତ୍ରାରେ ପରିବର୍ତ୍ତନ ମିଶି ଆମର ମାନସିକ ସନ୍ତୁଳନକୁ ପ୍ରଭାବିତ କରିଥାଏ । ବିଶେଷଜ୍ଞଙ୍କ ସୂଚନା ଅନୁସାରେ ଅତ୍ୟଧିକ ଗରମ ସମୟରେ ଶରୀରକୁ ଥଣ୍ଡା ରଖିବା ପାଇଁ ଅଧିକ ଶକ୍ତି ଖର୍ଚ୍ଚ ହେଉଥିବାରୁ ଶାରୀରିକ ଥକ୍କାପଣ ସହ ମସ୍ତିଷ୍କରେ ସେରୋଟୋନିନ୍ ଓ ଡୋପାମିନ୍ ଭଳି 'ଫିଲ୍ ଗୁଡ୍ ହରମୋନ୍'ର ସନ୍ତୁଳନ ବିଗିଡ଼ିଯାଏ, ଯାହା ମୁଡ୍ ସ୍ୱିଙ୍ଗ୍ ଏବଂ ରାଗ ବଢ଼ାଇଥାଏ । ଡିହାଇଡ୍ରେସନ ଯୋଗୁଁ ମସ୍ତିଷ୍କ କୋଷ ପର୍ଯ୍ୟନ୍ତ ରକ୍ତ ଓ ଅମ୍ଳଜାନ ସଞ୍ଚାଳନ ବାଧାପ୍ରାପ୍ତ ହୁଏ, ଶରୀରରେ ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ ହେତୁ ମାନସିକ ସୁସ୍ତି ଆସେ ଏବଂ ଚିନ୍ତା କରିବା ଓ ନିଷ୍ପତ୍ତି ନେବାର କ୍ଷମତା ଦୁର୍ବଳ ହୋଇଯାଏ । ଏହି କାରଣରୁ ଲୋକଙ୍କ ମଧ୍ୟରେ ଅତ୍ୟଧିକ ଚିନ୍ତା (ଆଙ୍ଗଜାଇଟି), ଡିପ୍ରେସନ, ନିଦ୍ରାହୀନତା, ବୁଦ୍ଧିଭ୍ରମ, ଏକାଗ୍ରତାର ଅଭାବ, ସାମାଜିକ ଦୂରତା, ସ୍ମୃତିଶକ୍ତି ଦୁର୍ବଳ ହେବା ଏବଂ ମାନସିକ ଚାପ ଭଳି ସମସ୍ୟା ସୃଷ୍ଟି ହୁଏ । ଗ୍ରୀଷ୍ମ ଋତୁରେ ସୂର୍ଯ୍ୟଙ୍କ ପ୍ରଖର କିରଣ ଓ ଦିନ ବଡ଼ ହେବା କାରଣରୁ ଶରୀରର ସର୍କାଡିଆନ୍ ରିଦମ୍ ବିଗିଡ଼ିଯାଏ, ଯାହା ଶୋଇବା ପ୍ରକ୍ରିୟାକୁ ନଷ୍ଟ କରେ। ବିଶେଷ କରି ବୟସ୍କ ବ୍ୟକ୍ତି, ଛୋଟ ପିଲା, ଗର୍ଭବତୀ ମହିଳା, ବାହାରେ କାମ କରୁଥିବା ଶ୍ରମିକ ଏବଂ ପୂର୍ବରୁ ଆଞ୍ଜାଇଟି, ଡିପ୍ରେସନ କିମ୍ବା ମାନସିକ ରୋଗରେ ପୀଡ଼ିତ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହି ଋତୁରେ ବିପଦ ଅଧିକ ଥାଏ ।

# ଇତିହାସ

୧୫୪୫- ସୁର ବଂଶର ପ୍ରଥମ ସମ୍ରାଟ ଶେର ଶାହ ସୁରିଙ୍କର ନିଧନ ।

୧୭୭୨- ବ୍ରହ୍ମ ସମାଜ ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ବାଲ୍ୟବିବାହ ଓ ସତୀଦାହ ପ୍ରଥା ଉଚ୍ଛେଦର କର୍ଣ୍ଣଧାର ରାଜା ରାମମୋହନ ରାୟଙ୍କ ଜନ୍ମ ।

୧୯୫୯- ଜମ୍ମୁ କାଶ୍ମୀର ମୁଖ୍ୟମନ୍ତ୍ରୀ ମେହବୁବା ମୁଫତିଙ୍କ ଜନ୍ମ ।

୧୯୯୬- ମାଇକେଲ କୋମଡ୍ରେସସ୍ ତୃତୀୟ ଥର ପାଇଁ ହେଲେ ଅନ୍ତର୍ଜାତୀୟ ମୁଦ୍ରାକୋଷ ପ୍ରବନ୍ଧ ନିର୍ଦ୍ଦେଶକ ।

୨୦୦୧- ତୀବ୍ବତର ସ୍ୱାଧୀନତା ପାଇଁ ଦାବି ଉଠାଇଥିଲେ ଦଲାଇ ଲାମା ।

୨୦୦୩- ଆଲଜେରିଆରେ ଭୟଙ୍କର ଭୂକମ୍ପରେ ୨୦୦୦ ଲୋକଙ୍କର ମୃତ୍ୟୁ ।

# ସୋସିଆଲ କୋଟ୍ସ



ବର୍ତ୍ତମାନ ଆମ ଦେଶରେ ଆର୍ଗାନିକ, ହୋମ ମେଡ୍, ଫାର୍ମ ଗ୍ରୋନ୍, ଇଣ୍ଡିଆନ ଷ୍ଟାର୍ଟଅପ୍, ଅଥେନ୍ଟିକ ଆଦି ବେଶି ଶୁଣିବାକୁ ମିଳୁଛି । ଯାହା ଇମ୍ପୋର୍ଟେଡ୍ ଠାରୁ ବେଶି ବିଶ୍ୱାସଯୋଗ୍ୟ ମଧ ଲାଗୁଛି ।

**କଙ୍ଗନା ରାଣାୱତ, ଅଭିନେତ୍ରୀ**



ମୁଁ ଖୁବ କମଦିନ ହେଲା ଇଣ୍ଡଷ୍ଟ୍ରିରେ ପାଦ ଦେଇଛି, ତେଣୁ "ପଗଲାଇଟ୍" ଭଳି ଫିଲ୍ମ କରିବାକୁ ସେଥିପାଇଁ ଆଗ୍ରହୀ ନଥିଲି । ହେଲେ ଧୀରେଧୀରେ ଏହାର ଷ୍ଟୋରୀ ମତେ ଖୁବ ପସନ୍ଦ ଆସିଥିଲା ।

**ସାନ୍ୟା ମଲହୋତ୍ରା, ଅଭିନେତ୍ରୀ**



ଅକ୍ଷୟ ମୋର ସବୁଠାରୁ ଭଲ ସାଙ୍ଗ । ସେହିଭଳି ସେ ହେଉଛନ୍ତି ଇଣ୍ଡଷ୍ଟ୍ରୀର ବେଶ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ । ତାଙ୍କ ସହ କାମ କରି ମୁଁ ଅନେକ କିଛି ଶିଖିଛି ।

**ରବିନା ଟଣ୍ଡନ, ଅଭିନେତ୍ରୀ**

# ବିଲେଇ ଭଳି ବୋବାଉଛି ସିଗଲ୍ସ




ତୁର୍କୀରୁ ସାମ୍ନାକୁ ଆସିଥିବା 'ସୀଗଲ୍ସ' ସମୁଦ୍ରୀ ପକ୍ଷୀମାନଙ୍କର ଏକ ଚମତ୍କାର ଏବଂ ମଜାଦାର କାରନାମା ଏବେ ସାରା ବିଶ୍ୱର ଲୋକଙ୍କ ମନ ଜିଣିବା ସହ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ପ୍ରକୃତରେ ସେଠାକାର ପ୍ରଶାସନ ପକ୍ଷରୁ ବେସହାରା ବିଲେଇମାନଙ୍କୁ ଖାଦ୍ୟ ଖୁଆଇବା ପାଇଁ ସହରର ବିଭିନ୍ନ ସ୍ଥାନରେ ସ୍ମାର୍ଟ ଫିଡିଂ ମେସିନ୍ ଲଗାଯାଇଛି । ଯେଉଁଠାରେ ସାଧାରଣ ଲୋକେ ମେସିନର ବଟନ ଦବାଇଲେ ବିଲେଇମାନଙ୍କ ପାଇଁ ଖାଦ୍ୟ ବାହାରିଥାଏ । କିନ୍ତୁ ଚତୁର ସୀଗଲ୍ ପକ୍ଷୀମାନେ ଏହି ବ୍ୟବସ୍ଥାର ଫାଇଦା ଉଠାଇବା ପାଇଁ ବିଲେଇଙ୍କ ଭଳି 'ମିଆଁଉ' ଆୱାଜ୍ କରିବା ଶିଖିଯାଇଛନ୍ତି । ସେମାନେ ବର୍ତ୍ତମାନ ମେସିନ୍ ପାଖରେ ରହି ବିଲେଇ ପରି ଶବ୍ଦ କରୁଛନ୍ତି, ଯାହାଦ୍ୱାରା ଯାତାୟାତ କରୁଥିବା ଲୋକମାନେ ସେମାନଙ୍କୁ ପ୍ରକୃତ ବିଲେଇ ଭାବି ମେସିନର ବଟନ ଦବାଇ ଦେଉଛନ୍ତି । ଏହାପରେ ସେଥିରୁ ବାହାରୁଥିବା ସ୍ୱାଦିଷ୍ଟ ଖାଦ୍ୟକୁ ଏହି ପକ୍ଷୀମାନେ ଆନନ୍ଦରେ ଖାଉଛନ୍ତି । ପକ୍ଷୀମାନଙ୍କର ଏଭଳି ଅତ୍ୟଧିକ ବୁଦ୍ଧିମତା ଶୈଳୀକୁ ସୋସିଆଲ ମିଡିଆରେ ଲୋକେ ଖୁବ୍ ପସନ୍ଦ କରୁଛନ୍ତି । ତେବେ ସେମାନଙ୍କର ଏଭଳି ବ୍ୟବହାର ପ୍ରମାଣିତ କରୁଛି ଯେ କେବଳ ମଣିଷ ନୁହେଁ, ବରଂ ପଶୁପକ୍ଷୀମାନେ ମଧ ପରିବେଶ ଓ ପରିସ୍ଥିତି ଅନୁଯାୟୀ ନିଜକୁ ଢାଳିନେବାରେ ସକ୍ଷମ ଅଟନ୍ତି ।

# ନକଲି ଅଣ୍ଡାରୁ ଅସଲି ଛୁଆ

ଆମେରିକାର ବାୟୋଟେକ୍ କମ୍ପାନୀ 'କୋଲୋସଲ ବାୟୋସାଇନ୍ସେସ୍' ଏକ କୃତ୍ରିମ ବା ନକଲି ଅଣ୍ଡା ପ୍ରସ୍ତୁତ କରିଛି, ଯେଉଁଥିରୁ ପ୍ରକୃତ ଜୀବନ୍ତ କୁକୁଡ଼ା ଛୁଆ ଜନ୍ମ ନେଇଛନ୍ତି । ଏହି ପ୍ରକ୍ରିୟା ପାଇଁ କମ୍ପାନୀ ଏକ ସ୍ୱତନ୍ତ୍ର କୃତ୍ରିମ ଅଣ୍ଡା ପ୍ରଣାଳୀ ତିଆରି କରିଛି, ଯେଉଁଠାରେ ଭ୍ରୂଣକୁ ଲ୍ୟାବ୍‌ରେ ବିକଶିତ କରାଯାଇଛି ।



ଏହି କୃତ୍ରିମ ଅଣ୍ଡାଟି ପ୍ରାକୃତିକ ଅଣ୍ଡା ଭଳି ଭିତରକୁ ଅମ୍ଳଜାନ ପହଞ୍ଚାଇଥାଏ, ଯାହାଦ୍ୱାରା ଛୁଆଟି ସାଧାରଣ ଭାବେ ବଢ଼ିପାରେ । ଏହା ସମ୍ପୂର୍ଣ୍ଣ ସ୍ୱଚ୍ଛ ବା ପାରଦର୍ଶୀ ହୋଇଥିବାରୁ ବୈଜ୍ଞାନିକମାନେ ବାହାରୁ ହିଁ ଭ୍ରୂଣର ବିକାଶକୁ ସହଜରେ ଦେଖିପାରୁଛନ୍ତି । କମ୍ପାନୀର ସୂଚନା ଅନୁଯାୟୀ, ଏହି ଅଭିନବ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଏପର୍ଯ୍ୟନ୍ତ ୨୬ଟି ସୁସ୍ଥ କୁକୁଡ଼ା ଛୁଆ ଜନ୍ମ ହୋଇସାରିଛନ୍ତି । ଯେଉଁଥିପାଇଁ କୌଣସି ମାଈ କୁକୁଡ଼ା କିମ୍ବା ପ୍ରାକୃତିକ ଅଣ୍ଡାର ଆବଶ୍ୟକତା ପଡ଼ିନାହିଁ । ବିଶେଷ କରି ନ୍ୟୁଜିଲ୍ୟାଣ୍ଡରେ ମିଳୁଥିବା, ପ୍ରାୟ ୧୨ ଫୁଟ ଲମ୍ବା ଏବଂ ୨୦୦ କିଲୋରୁ ଅଧିକ ଓଜନ ବିଶିଷ୍ଟ ବିଲୁପ୍ତ ହୋଇଯାଇଥିବା ବିଶାଳ ପକ୍ଷୀ 'ମୋଆ' କୁ ପୁଣିଥରେ ପୃଥିବୀକୁ ଫେରାଇ ଆଣିବା ପ୍ରୋଜେକ୍ଟ ଉପରେ କାମ କରିବା ପାଇଁ ବୈଜ୍ଞାନିକମାନେ ଏହି ନକଲି ଅଣ୍ଡା ପ୍ରସ୍ତୁତ କରୁଛନ୍ତି ।



**ମେଷ:** ମାନସିକ ଅଶାନ୍ତି, ଆର୍ଥିକଚିନ୍ତା, ଦୂରଯାତ୍ରା ସଫଳ, ବ୍ୟବସାୟରେ ସ୍ୱଳ୍ପଲାଭ, ଶତ୍ରୁସମସ୍ୟା, ସମ୍ପତ୍ତିବିବାଦ, ବନ୍ଧୁ ବିଦ୍ରୋହ, ଦାମ୍ପତ୍ୟ କଳହ, ସନ୍ତାନସମସ୍ୟା, ବିଦ୍ୟାରେ ଅସଫଳ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** ବ୍ୟବସାୟିକ ଲାଭ, କର୍ମକ୍ଷେତ୍ରେ ସମ୍ମାନ, ଉଚ୍ଚଆଶା ସଫଳ, ଶତ୍ରୁ ପରାଜିତ, ବିଦେଶଯାତ୍ରା, ପଦବୀଲାଭ, କିଛି କାର୍ଯ୍ୟରେ ମନ ଅସ୍ଥିର, ସନ୍ତାନସୁଖ, ମାନସିକ ଶାନ୍ତି, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ଦୂରଯାତ୍ରା, କର୍ମକ୍ଷେତ୍ରେ ସ୍ଥାନାନ୍ତର, ଶତ୍ରୁ ପରାଜିତ, ବ୍ୟବସାୟିକ ଖୁସି, ନୂତନ କର୍ମନିଯୁକ୍ତି, ସମ୍ପତ୍ତିଲାଭ, ଅର୍ଥସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ବିବାଦ ସମାଧାନ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ନୃସିଂହ ଭଗବାନ ।

**କର୍କଟ:** କାର୍ଯ୍ୟରେ ସଫଳ, ମାନସମ୍ମାନ ପ୍ରାପ୍ତି, ଅର୍ଥଲାଭ, ଦୂରଯାତ୍ରା ସଫଳ, ସମ୍ପତ୍ତିଲାଭ, ବିଦେଶ ଭ୍ରମଣ, ଅନୁଷ୍ଠାନରୁ ଲାଭ, ଉଚ୍ଚଆଶା ସଫଳ, ସନ୍ତାନଖୁସି, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୦, ଆରାଧନା-ମା' ଭୁବନେଶ୍ୱରୀ ।

**ସିଂହ:** ମନସ୍ତାପ, କର୍ମେ ଅସନ୍ତୋଷ, ଅର୍ଥସମସ୍ୟା, ନୂତନ ବାଣିଜ୍ୟରେ ଲାଭ, ଶତ୍ରୁସମସ୍ୟା, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପଲାଭ, ଦୂରଯାତ୍ରାରେ କଷ୍ଟ, ବନ୍ଧୁସହଯୋଗ, ଦାମ୍ପତ୍ୟଖୁସି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୩, ଆରାଧନା-ମା' ବଗଳାମୁଖୀ ।

**କନ୍ୟା:** ନୂତନ ଆୟ, ମାମଲାରେ ବିଜୟ, ଆର୍ଥିକସୁଖ, ନୂତନ କାର୍ଯ୍ୟ ଆରମ୍ଭ, ଦାମ୍ପତ୍ୟ ସୁଖ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଶରୀର ସୁସ୍ଥ, ଯାନବାହନ କ୍ରୟ, ସ୍ୱାଦିଷ୍ଟ ଭୋଜନପ୍ରାପ୍ତି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୨, ଆରାଧନା-ଲକ୍ଷ୍ମୀନୃସିଂହ ।

**ତୁଳା:** ଚିନ୍ତାବୃଦ୍ଧି, ଅର୍ଥସମସ୍ୟା, ଆଶାରେ ବିଫଳ, ଶରୀର ସୁସ୍ଥ, ନୂତନ କାର୍ଯ୍ୟରେ ଖୁସି, ଦୂରଯାତ୍ରା, ବନ୍ଧୁ ସହାୟତା, ବିଦ୍ୟାରେ ସଫଳତା, ସନ୍ତାନ ସମସ୍ୟା, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସଫେଦ, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**ବିଛା:** ବନ୍ଧୁମିଳନ, ବ୍ୟବସାୟରେ ଲାଭ, ଶୁଭଖବର, ଅର୍ଥସମସ୍ୟା ସମାଧାନ, ପରିବହନ କ୍ଷେତ୍ରେ ଲାଭ, ପୁରୁଣା ମାମଲା ସମାଧାନ, ଅନୁଷ୍ଠାନରୁ ଲାଭ, ଭୂସମ୍ପତ୍ତି ଲାଭ, ଦ୍ରବ୍ୟଲାଭ, ଲୋକସମ୍ପର୍କ ବୃଦ୍ଧି, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** କାର୍ଯ୍ୟରେ ବିଳମ୍ବ, ଅର୍ଥସମସ୍ୟା, ବ୍ୟବସାୟରେ ସ୍ୱଳ୍ପଲାଭ, ଆଶାରେ ବିଳମ୍ବ, ନୂତନ କାର୍ଯ୍ୟ ଆରମ୍ଭ, ବନ୍ଧୁଲାଭ, ମାମଲାରେ କଷ୍ଟ, ଦୂରଯାତ୍ରା, ବିଦ୍ୟାରେ ସଫଳତା, ଦାମ୍ପତ୍ୟ ଖୁସି, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା-ପ୍ରଭୁ ହନୁମାନ ।

**ମକର:** କାର୍ଯ୍ୟରେ ସଫଳ, ନୂତନ ନିଯୁକ୍ତି, ଦୂରଯାତ୍ରା, ନୂତନ ବାଣିଜ୍ୟ ଲାଭ, ଦ୍ରବ୍ୟଲାଭ, ମାମଲା ସମାଧାନ, ଶୁଭଖର, ଅନୁଷ୍ଠାନରୁ ଲାଭ, ଗୃହେ ଉତ୍ସବ, ସନ୍ତାନଲାଭ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ଲିଙ୍ଗରାଜ ।

**କୁମ୍ଭ:** ନୂତନ ଆୟ, ଶତ୍ରୁ ପରାଜିତ, ଦ୍ରବ୍ୟଲାଭ, ଶରୀର ସୁସ୍ଥ, କାର୍ଯ୍ୟ ସଫଳ, ଦୂରଯାତ୍ରା, ସନ୍ତାନସୁଖ, ଶୁଭସମାଚାର, ପୁରାତନ ମାମଲାରେ କଷ୍ଟ, ସମ୍ପତ୍ତି ବିବାଦ, ବ୍ୟବସାୟିକ ଖୁସି, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୮, ଆରାଧନା-ମା' ମଙ୍ଗଳା ।

**ମୀନ:** ବନ୍ଧୁ ସାହାଯ୍ୟ, ବ୍ୟବସାୟରେ ମଧ୍ୟମ ଫଳ, ଶତ୍ରୁ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ତୀର୍ଥାଟନ ଯାନବାହନେ ସତର୍କ, ବିଶିଷ୍ଟ ବ୍ୟକ୍ତି ସହାୟତା, ବିଦ୍ୟାରେ ସଫଳ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-

**ଜ୍ୟେଷ୍ଠ (ମଳ) ଶୁକ୍ଲପକ୍ଷ ଷଷ୍ଠୀ,ସପ୍ତମୀ**
**୨୨.୫.୨୦୨୬, ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ରଥଯାତ୍ରା ପାଇଁ ଡିଜିପି କଲେ ଉଚ୍ଚସ୍ତରୀୟ ସମୀକ୍ଷା

# ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ

କଟକ, (ସବ୍ୟୁ)ଜୁଲାଇ ୧୬ ତାରିଖରେ ପୁରୀରେ ବିଶ୍ୱପ୍ରସିଦ୍ଧ ଶ୍ରୀଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଐତିହାସିକ ମହାପର୍ବକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା।ବୈଠକରେ ଡିଜିପି ଶ୍ରୀ ଖୁରାନିଆ ରଥଯାତ୍ରା ସମୟରେ ସମସ୍ତ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ପରିସ୍ଥିତିରେ ଯେପରି ତ୍ରୁଟିବିଚ୍ୟୁତି ନ ଘଟେ, ସେଥିପାଇଁ ପ୍ରତ୍ୟେକ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସେ ପରାମର୍ଶ ଦେଇଥିଲେ।ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ବିଭିନ୍ନ ରୀତିନୀତି ନିର୍ଦ୍ଦିଷ୍ଟ ତାରିଖରେ ପାଳନ କରାଯିବ। ଆସନ୍ତା ଜୁନ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୧୪ ତାରିଖରେ ନବଯୌବନ ଦର୍ଶନ, ଜୁଲାଇ ୧୬ ତାରିଖରେ ରଥଯାତ୍ରା, ଜୁଲାଇ ୨୦ ତାରିଖରେ ହେରା ପଞ୍ଚମୀ, ଜୁଲାଇ ୨୩ ତାରିଖରେ ସନ୍ଧ୍ୟା ଦର୍ଶନ, ଜୁଲାଇ ୨୪ ତାରିଖରେ ବାହୁଡା ଯାତ୍ରା, ଜୁଲାଇ ୨୫ ତାରିଖରେ ସୁନାବେଶ, ଜୁଲାଇ ୨୬ ତାରିଖରେ ଅଧରପଣା




ଏବଂ ଜୁଲାଇ ୨୭ ତାରିଖରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ। ଏହି ସମସ୍ତ ଅବସରରେ ଦେଶ-ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀରେ ସମାଗମ ହେବାର ସମ୍ଭାବନା ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ ଓ ଅଧିକ ସକ୍ରିୟ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।ରଥଯାତ୍ରାରେ ଭକ୍ତମାନଙ୍କ ସୁରକ୍ଷା ଓ ସୁଚାରୁରୂପେ ଭିଡ଼ ନିୟନ୍ତ୍ରଣ କରିବାକୁ ଚଳିତ ବର୍ଷ ଅନେକ ନୂତନ ପଦକ୍ଷେପ ଗ୍ରହଣ କରାଯିବାକୁ ଯୋଜନା କରାଯାଇଛି। ଯାତାୟାତ ଓ ଟ୍ରାଫିକ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଅତିରିକ୍ତ ୮ଟି ପାର୍କିଂ ସ୍ଥଳୀ ଚିହ୍ନଟ କରାଯାଇଛି। ରଥ ଟଣା ସମୟରେ ରଥଗୁଡ଼ିକର ସୁଗମ ଗତି ସୁନିଶ୍ଚିତ କରିବାକୁ ରଥ ଆଗରେ ସ୍ୱତନ୍ତ୍ର କ୍ଲିୟରାନ୍ସ ପାର୍ଟି ନିୟୋଜିତ କରାଯିବ।ଅଧିକ ଭିଡ଼ ଥିବା ସ୍ଥାନଗୁଡ଼ିକରେ କ୍ରାକ୍ ଟିମ୍ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ।

ଏହାବ୍ୟତୀତ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅତିରିକ୍ତ ସିସିଟିଭି କ୍ୟାମେରା ସ୍ଥାପନ, ଟ୍ରାଫିକ ସୁପରିଚାଳନା ପାଇଁ ରୋଡ ଡିଭାଇଡର, ଡିଲିନେଟର ଏବଂ ଟ୍ରାଫିକ ଜୋନ୍ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାର୍କିଂ ସୁବିଧା ଏବଂ ଶୃଙ୍ଖଳିତ ଯାତାୟାତ ପରିଚାଳନା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା।ପୁରୀ ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ୍ ଚାଲୁ କରିବା, ହୋଟେଲ ଓ ଲଜଗୁଡ଼ିକରେ ନିୟମିତ ଯାଞ୍ଚ କରିବାକୁ ଡିଜିପି ପୁରୀ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରା ସମୟରେ ବାହାର ରାଜ୍ୟର ଅଭ୍ୟାସଗତ ଅପରାଧୀମାନଙ୍କ ଆଗମନ ସମ୍ଭାବନା ଥିବାରୁ ସେମାନଙ୍କ ଫଟୋ ସଂଗ୍ରହ କରି ରେଳ ଷ୍ଟେସନ ଓ ବସଷ୍ଟାଣ୍ଡରେ ଥିବା ଏଲଇଡି ସ୍କ୍ରିନ୍‌ରେ ପ୍ରଦର୍ଶନ କରାଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ସମୁଦ୍ରକୂଳ ଅଞ୍ଚଳରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ସହ ଅସ୍ଥାୟୀ ପୋଲିସ ଆଉଟପୋଷ୍ଟ ଖୋଲାଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହାସହ ରେଳବାଇ ପୋଲିସ ପକ୍ଷରୁ ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ଜଟଣୀ ରେଳ ଷ୍ଟେସନରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯିବା ନେଇ ଆଲୋଚନା କରାଯାଇଥିଲା। ଆରପିଏଫ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ। ଏହାସହ ମନ୍ଦିର ନିକଟରେ ରକ୍ଷକ ଯାନ ମୁତୟନ, କେ -୯ ସ୍କ୍ୱାଡ୍ ନିୟୋଜନ, ଏନଏସଜି ତାଲିମପ୍ରାପ୍ତ ଏସଓଜି ଟିମ ମୁତୟନ, ଏସଟିଯୁ ଟିମ ନିୟୋଜିତ, ଦଳାଚକଟା ପରି ପରିସ୍ଥିତିକୁ ଏଡାଇବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା, ପୋଲିସ ଫୋର୍ସଙ୍କ ରହଣି ପାଇଁ ଆବଶ୍ୟକ ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ୍ ବ୍ୟବସ୍ଥା, ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ଆଶୁ ସମସ୍ୟାର ସମାଧାନ ଏବଂ ଭକ୍ତମାନଙ୍କ ।ଏହି ବୈଠକରେ କ୍ରାଇମବ୍ରାଞ୍ଚର ଆରକ୍ଷୀ ନିର୍ଦ୍ଦେଶକ ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ନାବାଳକଙ୍କୁ ଅପହରଣ, ୫ଲକ୍ଷ ମୁଣ୍ଡଜାମିନ

# ଅପହୃତ ଉଦ୍ଧାର, ୬ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଭରତପୁର ଥାନା ଅଞ୍ଚଳରେ ବ୍ୟବସାୟ କରୁଥିବା ମହମ୍ମଦ ସକିଲଙ୍କ ନାବାଳକ ପୁଅ ଏମ୍‌ଡି ପ୍ରିନ୍ସ ରବ୍‌ବି (୧୭)ଙ୍କୁ ବୁଧବାର ଦିନ ଦୁର୍ବୃତ୍ତମାନେ ଅପହରଣ କରିନେଇ ୫ଲକ୍ଷ ଟଙ୍କା ମୁଣ୍ଡଜାମିନ ମାଗିଥିଲେ । ଦୁର୍ବୃତ୍ତଙ୍କ କବ୍‌ଜାରେ ପୁଅ ଥିବା ବାପା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ ।

ଅଭିଯୋଗ ହେବାର ଦେଢଘଣ୍ଟା ମଧ୍ୟରେ ଅପହୃତ ନାବାଳକଙ୍କୁ ପୋଲିସ ଉଦ୍ଧାର କରିବା ସହ ୬ ଅପହର୍ତ୍ତାଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସାଇ ଅଭିଷେକ ପାଣି (୨୧), ବିନିତ ମହାନ୍ତି (୨୦), ସ୍ୱସ୍ତିକ ତ୍ରିପାଠୀ (୧୯), ପ୍ରଥମେଶ ପାତ୍ର (୨୦), ସଞ୍ଜୟ ବେହେରା (୨୧) , ମୋହାଦିପ୍ ରାଉତରାୟ (୨୨। ୬ଜଣ ନାବାଳକଙ୍କୁ ଅପହରଣ କରିନେଇ ଏକ ନିବୁଜ ଘରେ ରଖି ମାଡ ମାରିବା ସହ ବାପାଙ୍କୁ ଫୋନ୍ କରି ଟଙ୍କା ମଗାଇଥିଲେ । ପୋଲିସ ସିସି କ୍ୟାମେରା ଓ ପ୍ରତ୍ୟେକଦର୍ଶୀଙ୍କ ବୟାନ ଆଧାରରେ ଅପହୃତଙ୍କୁ



ଅଟକ ରଖାଯାଇଥିବା ଘର ନିକଟରେ ପହଞ୍ଚିବାରେ ସମର୍ଥ ହୋଇଥିଲା । ସତର୍କତାର ସହ ଉଦ୍ଧାର କାର୍ଯ୍ୟ କରି ଅପହର୍ତ୍ତାମାନଙ୍କୁ ଗିରଫ କରି ଥାନାକୁ ଆଣିଥିଲା ।

ଏ ସମ୍ପର୍କରେ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀ କରି ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଛନ୍ତି । ପୋଲିସ କେମିତି ଅଭିଯୋଗ ହେବାର କମ୍ ସମୟ ମଧ୍ୟରେ ଅପହୃତଙ୍କୁ ଉଦ୍ଧାର କରି ଅପହର୍ତ୍ତାଙ୍କୁ ଗିରଫ କରିବାରେ ସଫଳ ହେଲା ତାହା କମିଶନର କହିଥିଲେ । ଅପହର୍ତ୍ତାଙ୍କ ନିକଟରୁ ପୋଲିସ ଗୋଟିଏ କାର୍, ଦୁଇଟି ସ୍କୁଟର, ୫ଟି ମୋବାଇଲ ଫୋନ୍, ଗୋଟିଏ ଛୁରି ଓ ଗୋଟିଏ ଲାଠି ଜବତ କରିଛି ।

## ଆସନ୍ତା ୩୦ରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅପିଲ୍ କ୍ୟାମ୍ପ କୋର୍ଟ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆସନ୍ତା ଶନିବାର, ୩୦ ତାରିଖ , ୨୦୨୬ ଅପରାହ୍ନ ୩:୦୦ ଟାରେ ଭୁବନେଶ୍ୱରସ୍ଥିତ ଉନ୍ନତି ଭବନଠାରେ ଏକ ସ୍ୱତନ୍ତ୍ର ଅପିଲ୍ କ୍ୟାମ୍ପ କୋର୍ଟ ଆୟୋଜିତ ହେବାନେଇ ଏକ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ବିରୁଦ୍ଧରେ ଆସିଥିବା ଅପିଲ୍ ମାମଲାଗୁଡ଼ିକର ଶୁଣାଣି ଏବଂ ସମାଧାନ ପାଇଁ ଏହି କ୍ୟାମ୍ପ କୋର୍ଟର ଆୟୋଜନ କରାଯାଇଛି । ପଡ଼ି ରହିଥିବା ଅପିଲ୍ ମାମଲାଗୁଡ଼ିକର ଶୀଘ୍ର ସମାଧାନ ନିଶ୍ଚିତ କରିବା ପାଇଁ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଅପିଲ୍ କର୍ତ୍ତୃପକ୍ଷ ଭାବେ ମନୋନୀତ କରାଯାଇଛି । ଏହି ମନୋନୀତ ଅପିଲ୍ କର୍ତ୍ତୃପକ୍ଷମାନଙ୍କ ମଧ୍ୟରେ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ , ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ , ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକ, ଅତିରିକ୍ତ ସଚିବ ସୌରୀନ୍ଦ୍ର ରାଉତରାୟ।, ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ସଚିବ ସହଦେବ ସାମୁଡ଼ିଆ , ଅତିରିକ୍ତ ସଚିବ ସୁଭାନନ୍ଦ ମହାପାତ୍ର ଏବଂ ଅତିରିକ୍ତ ସଚିବ ଶତ୍ରୁଘ୍ନ କର ସାମିଲ ଅଛନ୍ତି। କାର୍ଯ୍ୟଧାରାକୁ ସୁରୁଖୁରୁରେ ଏବଂ ଦକ୍ଷତାର ସହ ପରିଚାଳନା କରିବା ପାଇଁ, ମାମଲା ପରିଚାଳନା ଏବଂ ସମ୍ପର୍କିତ କାର୍ଯ୍ୟରେ ସହାୟତା ପ୍ରଦାନ କରିବା ନିମନ୍ତେ ସମ୍ପୃକ୍ତ ଅପିଲ୍ କର୍ତ୍ତୃପକ୍ଷମାନଙ୍କ ସହ ନିର୍ଦ୍ଦିଷ୍ଟ ଅଧିକାରୀ ଏବଂ ସହାୟକ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। କ୍ୟାମ୍ପ କୋର୍ଟ ପ୍ରକ୍ରିୟା ସମୟରେ ଅପିଲ୍‌ଗୁଡ଼ିକର ସଠିକ୍ ପ୍ରସ୍ତୁତି ଏବଂ ସମୟୋଚିତ ସମାଧାନ ନିଶ୍ଚିତ କରିବା ପାଇଁ, ବିଭାଗର ନଗର ଯୋଜନା ଶାଖାରୁ ସମସ୍ତ ସମ୍ପୃକ୍ତ ମାମଲା ରେକର୍ଡ ପୂର୍ବରୁ ସଂଗ୍ରହ କରିବାକୁ ସହାୟକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ବଢ଼ିବନି ସମୟ ଅବଧି, ଏସ୍‌ସିବି କୋଠା ନିର୍ମାଣ ସଂସ୍ଥାକୁ ଚେତାବନୀ

ଭୁବନେଶ୍ୱର(ସବ୍ୟୁ): ପୁରୀ ଐତିହ୍ୟ ପ୍ରକଳ୍ପ ଠାରୁ ଆରମ୍ଭ କରି ଏସସିବିର କ୍ଲିନିକାଲ୍ ଓ ରେସିଡେନ୍ସିଆଲ୍ କମ୍ପ୍ଲେକ୍ସ, ମହିମା ଗାଦି ମନ୍ଦିର ପ୍ରକଳ୍ପ, ବ୍ରାହ୍ମଣୀ ଓ ବୈତରଣୀ, ମହାନଦୀରେ ହାଇଲେବୁଲ୍ ସେତୁ ନିର୍ମାଣର ସମୀକ୍ଷା କରାଯାଇଥିଲା । ଏହାର




ସଫଳ ପରିସମାପ୍ତି କେବଳ ସରକାରଙ୍କ ପାଇଁ ନୁହେଁ, ବରଂ ରାଜ୍ୟବାସୀଙ୍କ ପାଇଁ ବଡ଼ ଉପଲବ୍ଧି । ତେଣୁ ଏହିସବୁ କାର୍ଯ୍ୟରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ । ସରକାରୀ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ହେଉ କିମ୍ବା ଠିକା ସଂସ୍ଥା ଦ୍ୱାରା ଅଯଥା ବିଳମ୍ବ ହେବା ନେଇ ସମସ୍ତ ଅଭିଯୋଗ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

ଗୁରୁବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ନିର୍ମାଣ ବିଭାଗର ୫୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱର୍ ପ୍ରକଳ୍ପର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ, ଏସ୍‌ସିବିର କ୍ଲିନିକାଲ୍ ଓ ରେସିଡେନ୍ସିଆଲ୍ କମ୍ପ୍ଲେକ୍ସ ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାକୁ କାର୍ଯ୍ୟରେ ବିଳମ୍ବ ପାଇଁ ଚେତାବନୀ ଦିଆଯିବା ସହ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ନହଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ନିର୍ଦ୍ଦେଶ ଦିଆଯାଇଛି ।

ଆଜିର ବୈଠକରେ ପୁରୀ ବାସେଳି ସାହି ଧର୍ମଶାଳାର ନିର୍ମାଣ, ଦିଗବାରେଣୀ ଓ ସମଙ୍ଗ ପାର୍କ, ରେଭେନ୍ସା ବାଳିକା ହଷ୍ଟେଲ ନିର୍ମାଣ, ଭୁବନେଶ୍ୱରସ୍ଥିତ ବିଧାୟକ କୋଠା, ଟାଇପ୍-୪, ଟାଇପ୍-୨ ଆବାସିକ କମ୍ପ୍ଲେକ୍ସ, ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ, ସାରଳା ମନ୍ଦିର ଉନ୍ନୟନ ପ୍ରକଳ୍ପ, ମହିମା ମନ୍ଦିର ଉନ୍ନୟନ ପ୍ରକଳ୍ପ, ଯାଜପୁର ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ସମେତ ନିର୍ମାଣ ବିଭାଗ ଅଧୀନରେ ଥିବା ୧୦ଟି ରାସ୍ତା, ୯ଟି ସେତୁ, ୮ଟି ବିଲ୍ଡିଂ ସମେତ ଓବିସିସିର ୨୦ଟି ପ୍ରକଳ୍ପ ନିର୍ମାଣର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଓ୍ୱାମିସ୍ ଭଳି ଗୁରୁତ୍ୱପୂର୍ଣ୍ଣ ଅନଲାଇନ୍ ଆପ୍ଲିକେସନର ସଦୁପଯୋଗ ସହ ବିଭିନ୍ନ ବିଭାଗ ସହ ଆବଶ୍ୟକ ସମନ୍ୱୟ ରକ୍ଷାକରି ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେବା ଉପରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ।

- ନିର୍ମାଣରେ ଗୁଣବତ୍ତା, ସମୟ ଅବଧି ପରିସମାପ୍ତି ଉପରେ ଗୁରୁତ୍ୱ
- କାର୍ଯ୍ୟରେ ଅବହେଳା କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ରଥଯାତ୍ରା ପୂର୍ବରୁ ପୁରୀରେ ଆବଶ୍ୟକ ନିର୍ମାଣ ଶେଷ କର

## ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରୁ ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ର ଆସନ୍ତା ୨ଦିନ ପର୍ଯ୍ୟନ୍ତ ବନ୍ଦ ରହିବ:ଜିଲ୍ଲାପାଳ

କଟକ, (ସବ୍ୟୁ): ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ କଟକ ଜିଲ୍ଲାରେ ମଧ୍ୟ ଗ୍ରୀଷ୍ମ ଲହରୀ ପରିଲିକ୍ଷିତ ହେଉଅଛି। ବର୍ତ୍ତମାନର ଏହି ପାଣିପାଗକୁ ଦୃଷ୍ଟିରେ ରଖି ସତର୍କତା ଅବଲୋମ୍ବନ ପୂର୍ବକ ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡିକ ଆଗାମୀ ଦୁଇ ଦିନ (ଗୁରୁବାର ଓ ଶୁକ୍ରବାର) ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତ୍ତୀ ସମୟରେ ପାଣିପାଗ ଅନୁଯାୟୀ ସମୀକ୍ଷା ପୂର୍ବକ କେନ୍ଦ୍ର ଗୁଡିକ ଖୋଲିବା ଓ ସମୟ ନିର୍ଦ୍ଧାରଣ ନିମନ୍ତେ ନିଷ୍ପତି ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ଗୋଟିଏ ରାତିରେ ୩ ମନ୍ଦିରରୁ ଚୋରି

ସାକ୍ଷୀଗୋପାଳ , (ସବ୍ୟୁ): ଗୋଟିଏ ରାତିରେ ୨ ଗୋଟି ଗ୍ରାମର ୩ ଟି ମନ୍ଦିରରୁ ଏକ କାଳୀନ ଚୋରି ହୋଇଯାଇଛି । ସତ୍ୟବାଦୀ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମର ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ଓ ସତ୍ୟବାଦୀ ଥାନା ଅନ୍ତର୍ଗତ ଚକ୍ରପଡା ଗ୍ରାମର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ ମହାଦେବ ମନ୍ଦିର ଓ ସାନ୍ଧ୍ୟବାସିନୀ ଠାକୁରାଣୀଙ୍କ ମନ୍ଦିରରୁ ମଙ୍ଗଳବାର ରାତିରେ ଚୋରି ହୋଇଯାଇଛି । ଦୁର୍ବୃତ୍ତ ମାନେ ମନ୍ଦିରର କବାଟ ତାଲା ଭାଙ୍ଗି ମନ୍ଦିରରୁ ଘଣ୍ଟ,ଘଣ୍ଟି ପିତଳ ସାମଗ୍ରୀ, ସମେତ ଠାକୁର ଓ ଠାକୁରାଣୀ ସୁନା ଅଳଙ୍କାର ଓ ଦୋଳ କଳସକୁ ଲୁଟି ନେଇଛନ୍ତି । ଅଭିଯୋଗ ପାଇବା ପରେ ସତ୍ୟବାଦୀ ପୋଲିସ ତରଫରୁ ମନ୍ଦିର ପରିଦର୍ଶନ କରି ଘଟଣାର ତଦନ୍ତ ଆରମ୍ଭ ହୋଇଅଛି ।

## ଜଟଣୀରେ ସେକ୍ସ ରାକେଟ ଠାବ, ୫ ଦେହଜୀବୀ ଉଦ୍ଧାର

# କିଙ୍ଗପିନ ଓ ରାଣୀ ମହୁମାଛିଙ୍କ ସହ ୪ ଗ୍ରାହକ ଗିରଫ

ଜଟଣୀ, (ସବ୍ୟୁ): ସ୍ଥାନୀୟ ରାମଚନ୍ଦ୍ରପୁର ବଜାର ଅଞ୍ଚଳରେ ଥିବା "ସାଇ ବିହାର" ସ୍ଥିତ "ସାଇ କିରଣ ଭବନ " ଘରେ ଚାଲିଥିବା ସେକ୍ସ ରାକେଟ ଠାବ କରିଛି ଜଟଣୀ ପୋଲିସ । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାଇ ଏହି ଅନୈତିକ କାରବାର ଅନେକ ଦିନ ଧରି ଚାଲିଥିଲା । ଏହି ବାବଦରେ ପୂର୍ବରୁ ପୁଲିସକୁ ଅନେକ ଥର ଅବଗତ କରାଯାଇଥିଲେ ମଧ୍ୟ ପୁଲିସର ଉଦାସୀନତା କାରଣରୁ ଏହା ବେଧଡକ ଭାବେ ଚାଲିଥିଲା କୁହାଯାଉଛି । ଯେଉଁ ଘରେ ଅନୈତିକ କାର୍ଯ୍ୟ ଚାଲିଥିଲା ତାହା ଜଣେ ପ୍ରଭାବ ଶାଳୀ ବ୍ୟକ୍ତିଙ୍କ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ସୂଚନା । ଯେଉଁଥିପାଇଁ ଭୟରେ ଅଞ୍ଚଳର ବାସିନ୍ଦା ମାନେ ସବୁ ଜାଣି ଚୁପ ରହିବାକୁ ବାଧ ହେଉଥିଲେ କ୍ଷ ଅନ୍ୟ ପକ୍ଷରେ ସ୍ଥାନୀୟ ୱାର୍ଡ଼ ର କାଉନସିଲର କହିଛନ୍ତି ସେ ଏ ବାବଦରେ ବହୁ ଦିନରୁ ଅବଗତ ଥାଇ ପୁଲିସକୁ ବାରମ୍ବାର ଖବର ଦେଇଥିଲେ । ତେବେ ଯାହେଉ ଡେରିରେ ହେଲେଭି ବୁଧବାର ରାତିରେ ବିଶେଷ ସୂତ୍ରରୁ ଖବର ପାଇ ଜଟଣୀ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏକ ଟିମ ଉକ୍ତ ଘରେ



ଚଡ଼ାଉ କରି ରାଣୀ ମହୁମାଛି ସମେତ ୪ ଗ୍ରାହକଙ୍କୁ ଗିରଫ କରିଥିବା ବେଳେ ୫ ଦେହଜୀବୀ ମାନଙ୍କୁ ଥାନାକୁ ଆଣିଥିଲେ । ସେମାନେ ହେଲେ ଯଥାକ୍ରମେ ଗଡ଼ଖୋର୍ଦ୍ଧା ଅଞ୍ଚଳର ମନୋରଞ୍ଜନ ବଳବନ୍ତରାୟ (୪୯) ଏବଂ ବୃନ୍ଦାବନ ବିଶ୍ୱାଳ (୨୫), ଡେଲାଙ୍ଗ ଥାନା ଅନ୍ତର୍ଗତ ଓଡ଼ ତରାବୋଇ ଗ୍ରାମର ଶଶୀକାନ୍ତ ତାଡ (୨୯) ଏବଂ ଅଜୟ ଦାସ (୨୯) ଙ୍କ ସମେତ ରାକେଟ ର କିଙ୍ଗପିନ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ବାଙ୍କନିଧି ସ୍ୱାଇଁଙ୍କ ପତ୍ନୀ ପ୍ରଭାତୀ ସ୍ୱାଇଁ (୪୫), ଓ ସହଯୋଗୀ ରାଣୀ ମହୁମାଛି ସ୍ଥାନୀୟ ରେଡଙ୍ଗ କଲୋନୀର ଡି ରାମାରାଓଙ୍କ ପତ୍ନୀ ଡି ଗୌରୀ (୪୮) ଓ ଏହି ଅନୈତିକ କାରବାରରେ ଯୁବତୀ ମାନଙ୍କୁ ନେବା ଆଣିବା ଦାୟିତ୍ୱରେ ଥିବା ଅଟୋ ଚାଳକ ବାଛରାପାଟଣା ଅଞ୍ଚଳର ବି କୁମାର (୩୦) ଙ୍କୁ ଗିରଫ କରାଯାଇ ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି । ପୁଲିସ ଘଟଣା ସ୍ଥଳରୁ ପାଞ୍ଚଟି ମୋବାଇଲ ଫୋନ, ନଗଦ ୫ ହଜାର୨୫୦ ଟଙ୍କା ସହିତ ବହୁ ଆପତ୍ତି ଜନିତ ସାମଗ୍ରୀ ଜବତ କରିଥିବା ଜଣାପଡିଛି। ଅନ୍ୟ ପକ୍ଷରେ ଏହି ରାକେଟ ପଛରେ ଘର ମାଲିକଙ୍କ ସମ୍ପୃକ୍ତି ଅଛି କି ନାହିଁ ପୋଲିସ ତଦନ୍ତ କରୁଛି। କିନ୍ତୁ କହିବାକୁ ଗଲେ ଯେଉଁ ମାଲିକ ଘର ଭଡା ଦିଏ ତାହାର ସମ୍ପୂର୍ଣ୍ଣ ବିବରଣୀ ସ୍ଥାନୀୟ ଥାନାରେ ଏହି ବାବଦରେ ଅବଗତ କରିବା କଥା ନିୟମ ଥିବା ବେଳେ ଏହି ନିୟମର ଅବମାନନା କରିବା କେତେ ଦୂର ଯଥାର୍ଥ ତାହା ଆଲୋଚନର ବିଷୟ ପାଲଟିଛି। ଅନ୍ୟ ପକ୍ଷରେ ଜଟଣୀର ଅନେକ ସ୍ଥାନରେ ଏଭଳି ଅନୈତିକ କାରବାର ଲୁଚାଛାପାରେ ଚାଲିଥିବା ବେଳେ ଏହା ପଛରେ ବହୁ ଭଦ୍ରମୁଖା ପିନ୍ଧା ପରୋକ୍ଷରେ ରହି ପରିଚାଳନା କରୁଥିବା ସାଧାରଣରେ ଆଲୋଚନାର ପ୍ରମୁଖ ଚର୍ଚ୍ଚା ଜୋର ଧରିଛି ।




ବାଧାହୀନ ବ୍ୟାଙ୍କିଙ୍ଗ ସେବା ପାଇଁ
ନିଜର KYC ଅପଡେଟ୍ କରି ରଖନ୍ତୁ

ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇନାହିଁ,
Re-KYC ପାଇଁ ପତ୍ର/ଅନ୍‌ଲାଇନ ବ୍ୟାଙ୍କିଙ୍ଗ/ମୋବାଇଲ ବ୍ୟାଙ୍କିଙ୍ଗ/ଏଟିଏମ/ନିଜର ମୋବାଇଲ ନମ୍ବର ମାଧ୍ୟମରେ/ଆପଣଙ୍କ ବ୍ୟାଙ୍କରେ ପଞ୍ଜୀକୃତ ହୋଇଥିବା ଇ-ମେଲ୍ କିମ୍ବା ବିଜ୍‌ନେସ୍ କରେସ୍‌ପୋଣ୍ଡେଣ୍ଟ (BCs) ମାଧ୍ୟମରେ ଏକ ସ୍ୱ-ଘୋଷଣା ଦାଖଲ କରନ୍ତୁ ।

ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇଛି,
ଅପଡେଟ୍ ସୂଚନାଯୁକ୍ତ ଯେକୌଣସି ଏକ ଦସ୍ତାବିଜ ପ୍ରଦାନ କରନ୍ତୁ : ଆଧାର/ମତଦାତା ପରିଚୟ ପତ୍ର/NREGA ଜବ୍ କାର୍ଡ/ଡ୍ରାଇଭିଂ ଲାଇସେନ୍ସ/ପାସପୋର୍ଟ/ନ୍ୟାସନାଲ ପପୁଲେସନ୍ ରେଜିଷ୍ଟାର ଦ୍ୱାରା ଜାରି ପତ୍ର ।

ନିଜର ବ୍ୟାଙ୍କର ନିକଟତମ ଶାଖା ଯାଇ ମଧ୍ୟ KYC ଅପଡେଟ୍ କରାଇପାରିବେ ।

ଆରବିଆଇ କହେ...
ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ !

ଅଧିକ ସୂଚନା ପାଇଁ,
https://rbikehtahai.rbi.org.in/KYC ଭିଜିଟ୍ କରନ୍ତୁ
ଅଫିସିଆଲ୍ ହ୍ୱାଟ୍ସଆପ୍ ନମ୍ବର
99990 41935 / 99309 91935

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

# ଅପରାଧୀରେ ସଂପୃକ୍ତ ଅନୁପ୍ରବେଶକାରୀଙ୍କ ପାଇଁ ଗାଇଡଲାଇନ୍ ଆଣ: ହାଇକୋର୍ଟ

କଟକ,(ସବ୍ୟୁ): ଓଡ଼ିଶାରେ ବେଆଇନ ଭାବେ ରହି ଯାଉଥିବା ଅନୁପ୍ରବେଶକାରୀ ବା ବିଦେଶୀ ନାଗରିକଙ୍କ ସହ କିପରି ଆଇନଗତ ଭାବେ କାର୍ଯ୍ୟ କରାଯିବ ସେନେଇ ସେଭଳି କୌଣସି ବିସ୍ତୃତ ଆଇନ ନାହିଁ । ଅପରାଧୀକ କାର୍ଯ୍ୟରେ ସମ୍ପୃକ୍ତ ଥିବା ଏହିଭଳି ଅନୁପ୍ରବେଶକାରୀଙ୍କ ସହ ଡିଲ୍ କରିବା ଲାଗି ହାଇକୋର୍ଟ ରାଜ୍ୟ ସରକାରଙ୍କ ପାଇଁ କେତେକ ଗାଇଡ୍‌ଲାଇନ୍ ଜାରି କରିଛନ୍ତି । ବିଶେଷକରି ଏହି ଭଳି ଅନୁପ୍ରବେଶକାରୀମାନଙ୍କ ପାଇଁ କରାଯାଇଥିବା ଡିଟେନ୍‌ସନ୍ କେନ୍ଦ୍ର ଲାଗି ଏକ ଏସଓପି ଆଣିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶରୁ ଚାଲି ଆସି ଆସ୍କାରେ ୩୫ ବର୍ଷ ଧରି ରହି ଆସୁଥିବା ଆବୁ ସଇଦ୍ ହାଲ୍‌ଦାରଙ୍କୁ ଜାମିନ୍ ପ୍ରଦାନ କରିବା ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ହାଇକୋର୍ଟ ଜାରି କରିଥିବା ଗାଇଡ୍‌ଲାଇନ୍‌ରେ କହିଛନ୍ତି ଯେ, ଯଦି କୌଣସି ବିଦେଶୀ ନାଗରିକ ବା ଅନୁପ୍ରବେଶକାରୀଙ୍କ ନିକଟରେ ବୈଧ ପାସପାର୍ଟ ନଥାଏ ବା କୌଣସି ବୈଧ ଡକ୍ୟୁମେଣ୍ଟ ନଥାଏ ସେହିଭଳି ନାଗରିକଙ୍କ ବିରୋଧରେ ତୁରନ୍ତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ସ୍ଥାନୀୟ ପୁଲିସ୍ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିବା ପରେ ପ୍ରୋସିଡିଂ ଆରମ୍ଭ କରିବା ଲାଗି ତୁରନ୍ତ ପ୍ରାଧିକୃତ ଅଧିକାରୀଙ୍କୁ ଅବଗତ କରିବେ। ଏହି ଅଭିଯୁକ୍ତଙ୍କ ଜାମିନ୍ ମାମଲାର ଶୁଣାଣି ବେଳେ ଯଦି ତାଙ୍କ ଜାମିନ୍ ଖାରଜ ହୋଇଯାଏ ତାହେଲେ କେସ୍ ଟ୍ରାଏଲ୍ ଶେଷ ହେବା ପର୍ଯ୍ୟନ୍ତ ତାଙ୍କ ଜେଲ୍‌ରେ ରହିବାକୁ ପଡ଼ିବ। ଯଦି ଜାମିନ୍ ମିଳିଯାଏ ତାହେଲେ ପ୍ରାଧିକୃତ ଅଧିକାରୀଙ୍କୁ ତାଙ୍କ ଛାଡ଼୍ ସଂକ୍ରାନ୍ତରେ ଅବଗତ କରାଯିବ । ଯଦି ଅଭିଯୁକ୍ତ ଜଣକ ଜଣେ ମହିଳା ହୋଇଥାନ୍ତି ଏବଂ ତାଙ୍କ ସହ ଶିଶୁ ଥାଏ ସେ କ୍ଷେତ୍ରରେ ସମ୍ପୃକ୍ତ ମହିଳାଙ୍କୁ ନିୟମିତ ଜେଲ୍ ଅବା ଡିଟେନ୍‌ସନ୍ କେନ୍ଦ୍ରରେ ରଖାଯିବାର ବ୍ୟବସ୍ଥା କରାଯିବ। ଯଦି ଅଭିଯୁକ୍ତ ଜଣକ ଜଣେ ଛୋଟ ପିଲା ହୋଇଥାନ୍ତି ତାହେଲେ ଜୁଭେନାଇଲ୍ ଜଷ୍ଟିସ୍‌ରେ ତାଙ୍କ ଶୁଣାଣି କରାଯିବ।

ଯଦି ଅଭିଯୁକ୍ତ ବିଦେଶୀ ନାଗରିକ ଜଣକ ତାଙ୍କ କାର୍ଯ୍ୟ ପାଇଁ ଦଣ୍ଡିତ ହୁଅନ୍ତି ତାହେଲେ ନିୟମିତ ଜେଲ୍‌ରେ ସେ ତାଙ୍କ ଦଣ୍ଡାଦେଶ କଟାଇବେ । ଯଦି ଅଭିଯୋଗରୁ ଛାଡ଼୍ ପାଆନ୍ତି ତାହେଲେ ପ୍ରାଧିକୃତ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯିବ। ଅନ୍ୟପକ୍ଷରେ ଯଦି ଜଣେ ବିଦେଶୀ ନାଗରିକଙ୍କ ବିରୋଧରେ ଥିବା ସମସ୍ତ ମାମଲାରୁ ତାଙ୍କୁ ଛାଡ଼୍ ମିଳିଯାଏ ଏବଂ ତାଙ୍କର ଜାତୀୟତାକୁ ନେଇ ପ୍ରଶ୍ନ ରହିଥାଏ ଏହି ସମସ୍ୟାର ସମାଧାନ ହେବା ପର୍ଯ୍ୟନ୍ତ ତାଙ୍କୁ ଡିଟେନ୍‌ସନ୍ କେନ୍ଦ୍ରରେ ରଖାଯିବ। ରାଜ୍ୟ ସରକାର ଏକ ମଡେଲ୍ ଡିଟେନ୍‌ସନ୍ ସେଣ୍ଟର ନୀତି ଅପଣାଇବାକୁ ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ସ୍ପଷ୍ଟ କରିଛନ୍ତି। ରାଜ୍ୟ ଆଇନସେବା ପ୍ରାଧିକରଣ ସେମାନଙ୍କ ଅଧୀନରେ ଆସୁଥିବା ବିଭିନ୍ନ ଜିଲ୍ଲା ଆଇନସେବା ପ୍ରାଧିକରଣ ଏବଂ ତାଲୁକସ୍ତରୀୟ ପ୍ରାଧିକରଣଙ୍କୁ ଏହିସବୁ ଡିଟେନ୍‌ସନ୍ କେନ୍ଦ୍ର ପରିଦର୍ଶନ ପାଇଁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟ କହିଛନ୍ତି। ଏହି ଆଦେଶର କପି ରାଜ୍ୟ ମୁଖ୍ୟ ଶାସନସଚିବ, ଗୃହ ବିଭାଗ ସଚିବ, ପୁଲିସ୍ ଡିଜି, ସମସ୍ତ କ୍ରିମିନାଲ କୋର୍ଟ, ଓଡ଼ିଶା ଜୁଡିସିଆଲ ଏକାଡେମୀ ନିର୍ଦ୍ଦେଶକ, ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବଙ୍କୁ ପ୍ରଦାନ ଲାଗି ହାଇକୋର୍ଟ କହିଛନ୍ତି।

## ପ୍ରତିଭା ବିକାଶ, ନବସର୍ଜନା ଏବଂ ଶିଳ୍ପ ସମନ୍ୱୟ ପାଇଁ

# କିଟ୍ ଓ ସୋୱାଟେକ୍ ମଧ୍ୟରେ ବୁଝାମଣା

ଭୁବନେଶ୍ୱର, (ସବ୍ୟୁ): ପ୍ରତିଭା ବିକାଶ, ନବସର୍ଜନା ଏବଂ ବୈଶ୍ୱିକ ପ୍ରତିଯୋଗିତାକୁ ଗୁରୁତ୍ୱ ପ୍ରଦାନ କରି ଶିଳ୍ପ ସମନ୍ୱୟ ପାଇଁ କିଟ୍ ଏବଂ ତାମିଲନାଡୁର ଏବିଆଇ ସୋୱାଟେକ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ପ୍ରତିଭା ବିକାଶ, ଗବେଷଣା, ଛାତ୍ର ସଂପୃକ୍ତି ଏବଂ ନବସର୍ଜନା-ଚାଳିତ ପଦକ୍ଷେପ ମାଧ୍ୟମରେ ଶିଳ୍ପ-ଶିକ୍ଷାକ୍ଷେତ୍ର ସହଭାଗିତାକୁ ସୁଦୃଢ଼ କରିବା ପାଇଁ ଏକ ବ୍ୟାପକ ସହଯୋଗୀ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ଦୀର୍ଘକାଳୀନ ସହଯୋଗ ପାଇଁ ଏହି ସଂରଚିତ ଢାଞ୍ଚା ଶିଳ୍ପ-ଶିକ୍ଷାକ୍ଷେତ୍ର ସହଭାଗିତାକୁ ଆନୁଷ୍ଠାନିକ ରୂପ ଦିଆଯିବାର ଆଶା କରାଯାଉଛି ।



ଏହି ବୁଝାମଣା ଅନୁସାରେ ପ୍ରଥମ ପର୍ଯ୍ୟାୟରେ କିଟ୍‌ର ୪୦ ଜଣ ଆଇଟିଆଇ ଓ ଡିପ୍ଲୋମା ଛାତ୍ରଛାତ୍ରୀ ଟିଭିଏସ୍ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଛନ୍ତି । ଏହି ଛାତ୍ରମାନେ ଶିଳ୍ପ ସଂସ୍ଥାରେ କାମ କରିବାର ଅଭିଜ୍ଞତା ହାସଲ କରିବା ସହ ଏବିଆଇର ପୁଲିଭାଲମ୍ ଉତ୍ପାଦନ କେନ୍ଦ୍ରରେ ଇଣ୍ଟର୍ନସିପ୍ କରିବା ସହ ସେଠାରେ ନିଯୁକ୍ତି ପାଇବେ । ପରେ ସେମାନଙ୍କୁ ଓଡ଼ିଶାରେ ହେବାକୁ ଥିବା ଟିଭିଏସ୍ କମ୍ପାନୀର ପ୍ରକଳ୍ପରେ ଅବସ୍ଥାପିତ କରାଯିବ । ଇଣ୍ଟର୍ନସିପ ସମୟରେ ରହିବା, ଖାଇବା ସୁବିଧା ସହ ମାସିକ ୨୦ ହଜାର ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନର ବ୍ୟବସ୍ଥା ରହିଛି । ଏବିଆଇ ସୋୱାଟେକ୍ (ଇଣ୍ଡିଆ) ଲିମିଟେଡ୍ ଟିଭିଏସ୍ ଗ୍ରୁପ୍‌ର ସହ ଜଡ଼ିତ ଏକ ଅଂଶୀଦାର କମ୍ପାନୀ । ଏହା ପ୍ରିସିସନ୍ ଏବଂ ଇନ୍‌ଭେଷ୍ଟମେଣ୍ଟ କାଷ୍ଟିଂର ଏକ ବିଶେଷଜ୍ଞ ନିର୍ମାତା । ଏହା ମଧ୍ୟ ଟିଏସ୍ ସନାଥନମ ଗ୍ରୁପ୍ ଅଫ୍ କଂପାନୀଜ୍ ସହିତ ଜଡ଼ିତ ।

ଏହି ବୁଝାମଣା ଫଳରେ ଗବେଷଣା କ୍ଷେତ୍ରରେ ତିନୋଟି ମିଳିତ ପ୍ରସ୍ତାବ ବର୍ତ୍ତମାନ ମୂଲ୍ୟାଙ୍କନସ୍ତରରେ ଅଛି । ମନୋନୀତ ପ୍ରକଳ୍ପଗୁଡ଼ିକ ଉପରେ କାମ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି । ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି କିଟ୍ ସର୍ବଦା ପ୍ଲେସମେଣ୍ଟ ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇ ଆସିଛି । ଯାହା ଫଳରେ ଭାରତୀୟ ଓ ବହୁଦେଶୀୟ କମ୍ପାନୀମାନେ କିଟ୍‌ରୁ ଛାତ୍ରଛାତ୍ରୀଙ୍କୁ ମନୋନୀତ କରି ପ୍ଲେସ୍‌ମେଣ୍ଟ ଦେଇଥାନ୍ତି । ଏହି ବୁଝାମଣା ଉତ୍ପାଦନ ପ୍ରକ୍ରିୟା, ସାମଗ୍ରୀ ଇଞ୍ଜିନିୟରିଂ ଏବଂ ଯୋଗାଣ ଶୃଙ୍ଖଳା ନବସର୍ଜନାର ଅପ୍‌ଟିମାଇଜେସନ୍ ଉପରେ କେନ୍ଦ୍ରିତ ପ୍ରୟୋଗିକ ଗବେଷଣାକୁ ପ୍ରାଥମିକତା ଦେବା ଏହି ସହଯୋଗର ପ୍ରାଥମିକ ଉଦ୍ଦେଶ୍ୟ ହେବ । ଏହି ସହଭାଗିତା ଘନିଷ୍ଠ ଶିଳ୍ପ ସଂଯୋଗ ସ୍ଥାପନ କରି ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ସହ ଗବେଷଣା ପାଇଁ ସୁଯୋଗ ସୃଷ୍ଟି କରି ଉଭୟ ପ୍ରତିଷ୍ଠାନକୁ ଲାଭବାନ କରିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଉପସଭାପତି ଡ. ଅଜୟ ପ୍ରଧାନ, ଏବିଆଇ ସୋୱାଟେକ୍ ଚେୟାରମ୍ୟାନ୍, ଆର ରାମାନୁଜାମ, ଡିନ୍ ଡ. ପିସି ମିଶ୍ର, ନିର୍ଦ୍ଦେଶକ ଡ ବେଣୁଗୋପାଳ ମହାପାତ୍ର, ଏବିଆଇର ସିଏଫ୍‌ଓ ଟି ଟି ହତଗ୍ରାବିନ୍, ଏବିଇର ପରାମର୍ଶଦାତା ଡ ଦେବାଶିଷ ଦେବ ଏବଂ ଏବିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ ସୁନ୍ଦର ପ୍ରମୁଖ ଉପସ୍ଥିତ ଥିଲେ ।

## ମୌସୁମୀ ପୂର୍ବରୁ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ପ୍ରସ୍ତୁତି

# ଜୁନ୍‌ରୁ ବିଏମ୍‌ସିରେ ଖୋଲିବ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ଭୁବନେଶ୍ୱର(ସବ୍ୟୁ): ଡେଙ୍ଗୁ ରୋଗରୁ ରକ୍ଷା ପାଇବା ପାଇଁ ଜନ ସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏ ସଂପର୍କରେ ବ୍ୟାପକ ପ୍ରଚାର ପ୍ରସାର କରିବା ସହ ବିଏମ୍‌ସିର ସମସ୍ତ ଚିକିତ୍ସା ଅଧିକାରୀ, ପରିଚାଳନା କର୍ମଚାରୀ, ସ୍ୱେଚ୍ଛାସେବୀ, ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ମହିଳା ଆରୋଗ୍ୟ ସମିତି ସଦସ୍ୟଙ୍କ ଭଳି ତୃଣମୂଳସ୍ତରରେ କାର୍ଯ୍ୟକରୁଥିବା କର୍ମୀଙ୍କୁ ସାମିଲ କରାଯିବ । ବର୍ଷା ଋତୁ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ କୁହାଯାଇଛି । ତୃଣମୂଳସ୍ତରରୁ ରୋଗ ପ୍ରତିଶେଧକ ଏବଂ ଡେଙ୍ଗୁ ନିୟନ୍ତ୍ରଣ ନେଇ ଯୋଜନା କରିବାକୁ କହିଛନ୍ତି ବିଏମସି କମିଶନର ଚଞ୍ଚଳ ରାଣା । ଏହାସହ ଜୁନ୍ ଆରମ୍ଭରୁ ବିଏମ୍‌ସି ମୁଖ୍ୟାଳୟରେ ୧୨ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବ । ଏଥିରେ ବିଏମ୍‌ସି ସ୍ୱାସ୍ଥ୍ୟ ଉପାୟୁକ୍ତଙ୍କ,ୟୁଏମ୍‌ଏସ୍‌ୟୁ, ଏନ୍‌ୟୁଏଚ୍‌ଏମ୍ ଓ ୱାଟକୋର ପ୍ରତିନିଧିମାନେ ରହିବେ ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଜି(ଗୁରୁବାର) ଭେକଟର ବାହିତ ରୋଗ ନିୟନ୍ତ୍ରଣ ଏବଂ ଡେଙ୍ଗୁ ପ୍ରତିଶେଧକ ବ୍ୟବସ୍ଥା ସଂପର୍କରେ



ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବିଏମ୍‌ସି କମିଶନର ଶ୍ରୀ ରାଣା ଅଧ୍ୟକ୍ଷତା କରି କହିଥିଲେ, ବୈଦ୍ୟୁତିକ, ଛାପା ଓ ସାମାଜିକ ଗଣମାଧ୍ୟରେ ପ୍ରଚାର ପ୍ରସାର ସହ ରେଡିଓ ଜିଙ୍ଗଲ, ଘରକୁ ଘର ଗାଡି ଇତ୍ୟାଦି ମାଧ୍ୟମରେ ଡେଙ୍ଗୁରୋଗର ପ୍ରତିରୋଧ ସଂପର୍କରେ ପ୍ରଚାର ପ୍ରସାର କରାଯିବ । ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ମାଇକ୍ରୋ ପ୍ଲାନ କରାଯିବାକୁ ନିଷ୍ପତ୍ତି ହୋଇଛ । କେବଳ ସେତିକି ନୁହେଁ, ଶିକ୍ଷା ବିଭାଗ ସହ ସମନ୍ୱୟ ରକ୍ଷାକରି ସଂପୃକ୍ତ ମେଡିକାର ଅଫିସରଙ୍କ ଦ୍ୱାରା ପ୍ରାର୍ଥନା କ୍ଲାସରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ରୋଗର ସମ୍ବେଦନଶୀଳତା ସଂପର୍କରେ ଅବଗତ କରାଯିବ ।

ତିନି ମାସ ପାଇଁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ । ୨୦ଟି ଟିମ୍ ଗଠନ କରାଯାଇ ପ୍ରତିଦିନ ୪୦ଟି ଘରକୁ ପ୍ରତ୍ୟେକ ଟିମ୍ ଯାଇ ସଚେତନ କରାଇବେ । ଡେଙ୍ଗୁର ଉତ୍ସଗୁଡିକୁ ହ୍ରାସ କରିବା ପାଇଁ ସେମାନେ ମଧ୍ୟ ସଚେତନତା ସୃଷ୍ଟି କରିବେ । ପ୍ରତ୍ୟେକ ୱାର୍ଡରେ ଡେଙ୍ଗୁ ଦିବସ ପାଳନ କରାଯିବ । ଏହା ବ୍ୟତୀତ ସମସ୍ତ ସନ୍ଦିଗ୍ଧ ଡେଙ୍ଗୁ ମାମଲା ନିର୍ଦ୍ଦିଷ୍ଟ ସେଣ୍ଟିନେଲ ସାଇଟରେ ପରୀକ୍ଷା କରାଯିବ । ଆର୍‌ଏମ୍‌ଆର୍‌ସି, ଏମ୍ସ, କ୍ୟାପିଟାଲ ହସ୍ପିଟାଲ, ପଟିଆୟୁସିଏଚ୍‌ସି, ନୟାପଲ୍ଲୀୟୁପିଏଚ୍‌ସି ଆଦିରେ ରକ୍ତ ନମୁନା ପରୀକ୍ଷା କରାଯିବାକୁ ନିଷ୍ପତ୍ତି ହୋଇଛି । ପ୍ରତି ଶୁକ୍ରବାରକୁ ଡ୍ରାଏ ଡେ ଭାବେ ପାଳନ କରାଯିବ । ଗତ ବର୍ଷ ଚିହ୍ନଟ ହୋଇଥିବା ହଟସ୍ପଟ ସହ ଅନ୍ୟ ସାମ୍ଭାବ୍ୟ ହଟସ୍ପଟଗୁଡ଼ିକର ମଧ୍ୟ ସମୀକ୍ଷା କରାଯିବ ବୋଲି ଶ୍ରୀ ରାଣା କହିଛନ୍ତି ।

# ଏସ୍‌ସିବିରେ ରୋଗୀ ପରିବହନ ପାଇଁ ୧୦ଟି ବିଦ୍ୟୁତ୍ ଚାଳିତ ଗାଡ଼ି ଦେଲା ହୁଡକୋ

କଟକ, (ସବ୍ୟୁ) ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ରୋଗୀସେବାକୁ ଅଧିକ ସୁବ୍ୟବସ୍ଥିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆଜି ୧୦ଟି ବିଦ୍ୟୁତ୍ ଚାଳିତ ଗାଡି ଲୋକାର୍ପିତ ହୋଇଛି । ଏହି ପଦକ୍ଷେପ ଫଳରେ ହସ୍ପିଟାଲ ଭିତରେ ଗୁରୁତର ଓ ଅସୁସ୍ଥ ରୋଗୀଙ୍କୁ ଏକ ବିଭାଗରୁ ଅନ୍ୟ ବିଭାଗକୁ ସହଜ ଓ ଶୀଘ୍ର ପହଞ୍ଚାଇବାରେ ସୁବିଧା ହେବ ବୋଲି ଆଶା କରାଯାଉଛି ।

ହୁଡକୋର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧିନରେ ଏସସିବିକୁ ଏହି ୧୦ଟି ବ୍ୟାଟେରୀଚାଳିତ ଗାଡି ପ୍ରଦାନ କରାଯାଇଛି । ଏହି ଗାଡିଗୁଡିକର ମୂଲ୍ୟ ପ୍ରାୟ ୯୨ ଲକ୍ଷ ଟଙ୍କା ବୋଲି ହୁଡକୋ ପକ୍ଷରୁ କୁହାଯାଇଛି । ପରିବେଶ ଅନୁକୂଳ ଏବଂ ଧ୍ୱନି ପ୍ରଦୂଷଣ ମୁକ୍ତ ଏହି ଗାଡିଗୁଡିକ ହସ୍ପିଟାଲରେ ସବୁଜ ପରିବେଶ ସୃଷ୍ଟି ସହ ରୋଗୀ ସେବା ବଢାଇବାରେ ମଧ୍ୟ ସହାୟକ ହେବ । ରୋଗୀ ପରିବହନକୁ ଧ୍ୟାନରେ ରଖି ଏହି ଗାଡିଗୁଡିକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି । ଆମ୍ବୁଲାନ୍ସ ଭଳି ଏଥିରେ ରୋଗୀ ଶୋଇବା ପାଇଁ ଷ୍ଟ୍ରେଚର ଭଳି ବ୍ୟବସ୍ଥା, ରୋଗୀଙ୍କ ସମ୍ପର୍କୀୟ ବସିପାରିବା ଏବଂ ସାଲାଇନ୍ ଓ ଅକ୍ସିଜେନ୍ ଆଦି ରଖିପାରିବା ସୁବିଧା ଉପଲବ୍ଧ ରହିଛି । ହସ୍ପିଟାଲର ବିଶାଳ ପରିସର ମଧ୍ୟରେ ଗୁରୁତର ରୋଗୀଙ୍କୁ ଏକ ବିଭାଗରୁ ଅନ୍ୟ ବିଭାଗକୁ ନେବା ସମୟରେ ଯେଉଁ ସମସ୍ୟା ହେଉଥିଲା, ଏହି ଗାଡି ଚାଲୁ ହେବା ପରେ ଅନେକାଂଶରେ ଏହାର ସମାଧାନ ହେବ ବୋଲି ଆଶା କରାଯାଏ ।

ଉଦଘାଟନ ସମୟରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ, ରେଜିଷ୍ଟ୍ରାର ସୁବାସ ଚନ୍ଦ୍ର ରାୟ, ଅର୍ଥ ଅଧିକାରୀ ମାନସ ପାତ୍ର, ହୃଦରୋଗ ବିଶେଷଜ୍ଞ ପ୍ରଫେସର ନିର୍ମଳ କୁମାର ମହାନ୍ତି, କାଜୁଆଲଟି ମେଡିକାଲ ଅଫିସର ଡଃ ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ଏବଂ



ହୁଡକୋ ପକ୍ଷରୁ ହୁଡକୋର ଆଂଚଳିକ ମୁଖ୍ୟ ରାମ ପ୍ରସାଦ ନାୟକ, ଏଜିଏମ, ଦୟାନିଧି ପଟ୍ଟନାୟକ, ବରିଷ୍ଠ ପରିଚାଳକ (ଅର୍ଥ) ଏସ୍. ଆନନ୍ଦରାଜ, ପରିଚାଳକ (ଅର୍ଥ) ଆର୍.କେ. ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ହୁଡକୋ ପକ୍ଷରୁ ଏଭଳି ସାମାଜିକ ଦାୟିତ୍ୱମୂଳକ ସହଯୋଗ ଆଗକୁ ଜାରି ରହିବ ବୋଲି କୁହାଯାଇଛି।

# ମୃତ ପ୍ରମାଣପତ୍ର କରାଇବାକୁ ଲାଞ୍ଚ ନେଇ ବନ୍ଧାହେଲେ ହଳଦିଆ ସ୍ୱାସ୍ଥ୍ୟକେନ୍ଦ୍ର ର ପୁରୁଷ ସ୍ୱାସ୍ଥ୍ୟକର୍ମୀ

ଖୋର୍ଦ୍ଧା, (ସବ୍ୟୁ): ହାଳଦିଆ ସିଏଚ୍‌ସି ର ପୁରୁଷ ସ୍ୱାସ୍ଥ୍ୟକର୍ମୀ (ଏମଏଚଡବ୍ଲୁ) ବିଭୂତି ଭୂଷଣ ସାହୁଙ୍କୁ ଭିଜିଲାନ୍ସ ଟିମ୍ ଆଜି ଲାଂଚନେବା ଅଭିଯୋଗରେ ଗିରଫ କରିଛି। ଅଭିଯୋଗକାରୀଙ୍କ ବାପା ଓ ମାଆଙ୍କ ମୃତ ପ୍ରମାଣ ପତ୍ର ଫାଇଲ ପ୍ରକ୍ରିୟାକରଣ ବାବଦରେ ସେ ତାଙ୍କ ଠାରୁ ଦାବି ମୁତାବକ ୧,୦୦୦ ଟଙ୍କା ନେବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଛି। ଅଭିଯୋଗକାରୀ ଜଣକ ତାଙ୍କ ମୃତ ପିତାମାତାଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇଁ ଉପଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ନିକଟରେ ଆବେଦନ କରିଥିଲେ। ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇ ରେଜିଷ୍ଟ୍ରାର୍ (ଜନ୍ମ-ମୃତ୍ୟୁ) ଓ ଚିକିତ୍ସା ଅଧିକାରୀ, ହଳଦିଆ ସିଏଚ୍‌ସିଙ୍କୁ ମୃତ୍ୟୁ ପ୍ରମାଣପତ୍ର କରିବାକୁ କହିଥିଲେ। କିନ୍ତୁ ଅଭିଯୁକ୍ତ ବିଭୁତି ସାହୁ ଏଥିପାଇଁ ୧,୦୦୦ ଟଙ୍କା ଲାଂଚ



ଦାବି କରିବା ସହ ଟଙ୍କା ନଦେବା ଯାଏଁ ଫାଇଲ୍ ଆଗେଇବାକୁ ମନା କରିଦେଇଥିଲେ।

ଏନେଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ହାଜର ହୋଇ ଜଣାଇଥିଲେ। ଖବର ପାଇ ଭିଜିଲାନ୍ସର ଏକ ଟିମ୍ ଆଜି ଅଭିଯୁକ୍ତ ବିଭୁତି ଅଭିଯୋଗକାରୀଙ୍କ ଠାରୁ ୧,୦୦୦ ଟଙ୍କା ଲାଂଚ ନେଉଥିବା ସମୟରେ ତାଙ୍କୁ ଧରିଛି। ସମ୍ପୂର୍ଣ୍ଣ ଲାଂଚ ଟଙ୍କା ଅଭିଯୁକ୍ତଙ୍କ ପାଖରୁ ଜବତ କରାଯାଇଛି। ଏହାପରେ ଭିଜିଲାନ୍ସ ତରଫରୁ ଅଭିଯୁକ୍ତ ବିଭୁତିଙ୍କ ଦୁଇଟି ସ୍ଥାନରେ ସମାନ୍ତରାଳ ଭାବରେ ତଲାସୀ ଚଳାଇ ଥିଲା। ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୮/୨୬ରେ ଏକ ମାମଲା ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ର ଧାରା ୭ ଅନୁଯାୟୀ ରୁଜୁ କରାଯାଇଛି। ଅଭିଯୁକ୍ତ ବିରୋଧରେ ଅଧିକ ତଦନ୍ତ ଜାରି ରହିଥିବା ଜଣାଯାଇଛି।

## ନୂଆଗାଁ ପେଟ୍ରୋଲ ପମ୍ପରେ ଗଣ୍ଡଗୋଳ

# ୩ ଗିରଫ, ବନ୍ଧୁକ, ୩ କାର୍ ଜବତ

ଭୁବନେଶ୍ୱର, (ସବ୍ୟୁ) : ଧଉଳି ଥାନା ଅଞ୍ଚଳ ନୂଆଗାଁ ପେଟ୍ରୋଲ ପମ୍ପରେ ତେଲ ପକାଇବା ବେଳେ ସ୍ୱସ୍ତି ଟୁର୍ ଆଣ୍ଡ ଟ୍ରାଭେଲ ମାଲିକ ସ୍ୱସ୍ତି ରଞ୍ଜନ ମହାପାତ୍ର (୩୮) ଙ୍କ ସହ ଅନ୍ୟ ଜଣେ କାର୍ ଚାଳକ ଗଣ୍ଡଗୋଳ କରି ତାଙ୍କୁ ଏୟାର ଗନ୍ ଦେଖାଇବା ସହ ଅଟକ ରଖିଥିଲା । ସେ ତା'ର ଦୁଇଜଣ ସାଙ୍ଗଙ୍କୁ ମଧ୍ୟ ଘଟଣାସ୍ଥଳକୁ ଡାକିଥିଲା । ସେମାନେ ମଧ୍ୟ ସେହିପରି



ଏୟାର ଗନ୍ ନେଇ ସେଠାରେ ପହଞ୍ଚି ସ୍ୱସ୍ତି ରଞ୍ଜନ ମହାପାତ୍ରଙ୍କୁ ଧମକଚମକ ଦେଇ ଅପହରଣ କରିନେବା ପାଇଁ ଉଦ୍ୟମ କରିଥିଲେ । ଏ ସମ୍ପର୍କରେ ଏତଲାକାରୀ ସ୍ୱସ୍ତି ରଞ୍ଜନ ୧୧୨କୁ ଫୋନ୍ କରି ଜଣାଇବା ପରେ ଘଟଣାସ୍ଥଳରେ ପିସିଆର୍ ପହଞ୍ଚିବା ସହ ଥାନାକୁ ଜଣାଇଥିଲା । ଏହା ରାତି ପ୍ରାୟ ସାଢେ ଗୋଟାଏ ବେଳ ଘଟଣା ବୋଲି ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ପିସିଆର୍ କର୍ମଚାରୀ ଓ ଧଉଳି ଥାନା ପୋଲିସ ଅଭିଯୁକ୍ତଙ୍କ କବଳରୁ ସ୍ୱସ୍ତିରଞ୍ଜନଙ୍କୁ ଉଦ୍ଧାର କରିବା ସହ ତିନି ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲା । ୩ ଅଭିଯୁକ୍ତ ହେଲେ ମଧୁସୂଦନ ବେହେରା (୪୫), ସୁଶାନ୍ତ କୁମାର ବେହେରା (୪୮), ସନ୍ତୋଷ ନାୟକ (୩୫) । ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଦୁଇଟି ଏୟାର ଗନ୍ ଏବଂ ସେଥିରେ ବ୍ୟବହୃତ ମାଗାଜିନ ଜବତ କରୁଛି । ଅଭିଯୁକ୍ତମାନେ ବ୍ୟବହାର କରିଥିବା ତିନୋଟି କାର୍ ମଧ୍ୟ ଜବତ ହୋଇଛି । ପୋଲିସ କମିଶନରଙ୍କ କହିବାନୁଯାୟୀ ଧଉଳି ଥାନାର ତ୍ୱରିତ ପଦକ୍ଷେପ ପାଇଁ ସଫଳତା ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଏତଲାକାରୀଙ୍କୁ ଉଦ୍ଧାର କରାଗଲା ।

# ଡେଙ୍ଗୁ ମୁକ୍ତ କଟକ ସହର ପାଇଁ ସିଏମସି ବଦ୍ଧପରିକର : ମେୟର

କଟକ, (ସବ୍ୟୁ) ବିଗତ ୪ ବର୍ଷ ଧରି କଟକରେ ଡେଙ୍ଗୁର ସ୍ଥିତି ନିୟନ୍ତ୍ରଣରେ ରହିଛି। ଚଳିତବର୍ଷ ମଧ୍ୟ ଡେଙ୍ଗୁ ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ସହ ଯେଭଳି କୌଣସି ପ୍ରାଣହାନୀ ନହୁଏ ସେ ନେଇ ସିଏମସି ସହିତ ଅନ୍ୟ ବିଭାଗମାନେ ଅଣ୍ଟା ଭିଡିଛନ୍ତି। ଲୋକଙ୍କୁ ସତର୍କ କରାଯିବା ସହ ବିଭିନ୍ନ ୱାର୍ଡବାସୀଙ୍କୁ ଆଶା, ଅଙ୍ଗନବାଡ଼ି ଓ ସ୍ୱଚ୍ଛକର୍ମୀମାନେ ବୁଲିବୁଲି ସଚେତନ କରାଇବେ। ସହରରେ ସ୍ୱଚ୍ଛତା, ପରିମଳ, ଗଛ ଓ ଲଟା କାଟିବା ଏବଂ ଜଳ ପରିଚାଳନା ଉପରେ ସର୍ବାଧିକ ପ୍ରାଧାନ୍ୟ ଦେବାକୁ ମାନ୍ୟବର ମେୟର ସୁବାସ ସିଂହ ନିର୍ଦ୍ଦେଶ ଦେଇଛନ୍ତି। ଏନଫୋର୍ସମେଣ୍ଟ ଟିମ୍ ବିଭିନ୍ନ ଶିଳ୍ପାଞ୍ଚଳ ପରିଦର୍ଶନ କରି ପାଣି ଜମିରହୁଥିବା ସ୍ଥାନର ସ୍ଥିତି ଅନୁଧ୍ୟାନ କରିବେ, ଆବଶ୍ୟକ ହେଲେ ସେମାନଙ୍କୁ ଜୋରିମାନା ଲଗାଯିବ। ଆଜି ବିଜୁ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ସିଂହ କହିଛନ୍ତି ଯେ, ସହରାଞ୍ଚଳ ସ୍ୱାସ୍ଥ୍ୟସେବାକୁ ଆମେ ପ୍ରାଧାନ୍ୟ ଦେଉଛୁ। ଏଥର ଡେଙ୍ଗୁର ମୁକାବିଲାକୁ କଠୋର ଓ ଯୋଜନାବଦ୍ଧ ଭାବେ କରିବା ପାଇଁ ଗତକାଲି ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରରେ ଡେଙ୍ଗୁ ରୋଗ ନିୟନ୍ତ୍ରଣ ଓ ଏହାର ନିରାକରଣ ନେଇ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଛି।

ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ କାମ କରାଯିବ। ଜନ ସଚେତନତା ପାଇଁ ସହରର ବିଭିନ୍ନ ସ୍ଥାନରେ ପୋଷ୍ଟର, ବ୍ୟାନର ଲଗାଯିବା ପାଇଁ ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ସପ୍ତାହକୁ ଥରେ ଡ୍ରାଏ ଡେ ପାଳନ କରାଯିବ। ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ରଛାତ୍ରୀଙ୍କୁ ଡେଙ୍ଗୁ ସଂପର୍କରେ ସଚେତନ କରାଯିବ। ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତ ନମୂନା ବାରଣ କରାଯାଇଥିବା ବେଳେ ଏସସିବି ମେଡିକାଲ୍ ସହିତ ସିଟି ହସ୍ପିଟାଲରେ ଡେଙ୍ଗୁ ପରୀକ୍ଷା କରାଇବାକୁ ପରାମର୍ଶ ଦିଆଯାଇଥିଲା। ସିଏମସି ଅଧୀନରେ ଥିବା ୧୨ଟି ପିଏଚସି ୨ଟି ସିଏଚସି ସହ ୧୦ଟି ଓ୍ୱେଲନେସ୍ ସେଣ୍ଟର ଗୁଡିକରେ ସାଧାରଣ ରକ୍ତ ପରୀକ୍ଷା ସହ ଚିକିତ୍ସା ସୁବିଧା ଉପଲବ୍ଧ ରହିଥିବା ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର ଉଲ୍ଲେଖ କରିଥିଲେ। ସେ ଆହୁରି କହିଥିଲେ ଯେ, ୫ରୁ ୬ ଦିନ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ପାଣି ଜମା ରହିବାକୁ ଦେବା ନାହିଁ। ଏଡିଶ ମଶାର ବଂଶ ବିସ୍ତାରକୁ ରୋକିବା ନେଇ ପର୍ଯ୍ୟାପ୍ତ ପରିମାଣର ଫଗିଂ କରାଯିବା ସହ ମଶା ନିୟନ୍ତ୍ରଣ ଔଷଧର ପ୍ରଚୁର ବ୍ୟବହାର ହେବ।



ଆସନ୍ତାଦିନରେ ବିଭିନ୍ନ ଷ୍ଟେକ୍ ହୋଲଡରଙ୍କୁ ନେଇ ସହୀଦ ଭବନରେ ଏକ ବୈଠକ କରାଯିବ। ଆଜିର ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ କମିଶନର କଳ୍ପତରୁ ବେହେରା, ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର, ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୃପେନ୍ଦ୍ର କୁମାର ଶତପଥି, ସାନିଟେସନ ଡେପୁଟି କମିଶନର ଜୁବୁଲି ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରୁଷରେ ମୃତ୍ୟୁବରଣ କରିଥିବା ଓଡ଼ିଆ ଯୁବକଙ୍କ ମରଶରୀର ଆସିଲା

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ରୁଷିଆ ଦେଶର ମସ୍କୋ ଠାରେ ମୃତ୍ୟୁ ବରଣ କରିଥିବା ଓଡ଼ିଆ ଯୁବକ ଏ. ରମେୟାଙ୍କ ମୃତ ଶରୀରକୁ ଓଡ଼ିଶାକୁ ଫେରାଇ ଅଣାଯାଇଛି । ଏ. ରମେୟା ହେଉଛନ୍ତି ଗଞ୍ଜାମ ଜିଲ୍ଲା ମାଧବନ୍ଧ ଗ୍ରାମର ମୂଳ ବାସିନ୍ଦା। ରୁଷିଆ ଦେଶରେ ଏକ କମ୍ପାନୀରେ ସେ କାମ କରୁଥିଲେ। ମେ' ମାସ ୧୭ ତାରିଖରେ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଡ୍ରୋନ୍ ଆକ୍ରମଣରେ ସେ ମୃତ୍ୟୁ ବରଣ କରିଥିଲେ। ଏହି ସମ୍ବନ୍ଧରେ ଖବର ପାଇବା ପରେ, ଏ. ରମେୟାଙ୍କ ମୃତ ଶରୀରକୁ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ପରିବାର ଲୋକ ସରକାରଙ୍କ ପାଖରେ ନିବେଦନ କରିଥିଲେ। ଏହାପରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନୂଆଦିଲ୍ଲୀ ସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନର ମିଳିତ ସହାୟତାରେ ଏ. ରମେୟାଙ୍କ ମୃତ ଶରୀରକୁ ଗଞ୍ଜାମ ଜିଲ୍ଲା ସ୍ଥିତ ତାଙ୍କ ପୈତୃକ ଗ୍ରାମକୁ ଆଜି ପଠାଇ ଦିଆଯାଇଛି। ଆଜି ଏ. ରମେୟାଙ୍କ ମୃତ ଶରୀର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ଠାରେ ପହଞ୍ଚିବା ପରେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରିତିଶ ପଣ୍ଡା ଉପସ୍ଥିତ ରହି ଏ. ରମେୟାଙ୍କ ମୃତ ଶରୀରକୁ ଗଞ୍ଜାମ ଜିଲ୍ଲା ସ୍ଥିତ ତାଙ୍କ ପୈତୃକ ଗ୍ରାମକୁ ପଠାଇବାର ସମସ୍ତ ବ୍ୟବସ୍ଥା କରିଥିଲେ।

## କାନ୍ତକବିଙ୍କ ଜନ୍ମଭୂମିରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ

# ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସମାଧି ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ

ଭୁବନେଶ୍ୱର, (ସବ୍ୟୁ) : ଭଦ୍ରକ ମାଟିର ବରପୁତ୍ର, ଆମ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପବିତ୍ର ଜନ୍ମଭୂମି ତିହିଡିର ତାଳପଦା ଗ୍ରାମକୁ ଗସ୍ତ କରି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ତାଙ୍କ ସମାଧି ସ୍ଥଳରେ ପୁଷ୍ପମାଲ୍ୟ



ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେ ରାଜ୍ୟ ସରକାରଙ୍କ ପକ୍ଷରୁ ଐତିହ୍ୟ ବରପୁତ୍ର ଗ୍ରାମ ଯୋଜନାରେ ସାମିଲ ହୋଇଥିବା ଏହି ମହାନ ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ଆମ ସରକାରଙ୍କର ପ୍ରାଥମିକତା ବୋଲି କହିଥିଲେ । ଏହି ଅବସରରେ ତାଳପଦା ଗ୍ରାମର ସାମଗ୍ରୀକ ବିକାଶ ଓ ଏହାର ସାଂସ୍କୃତିକ ଗରିମାକୁ ବଜାୟ ରଖିବା ନେଇ ମନ୍ତ୍ରୀ ଶ୍ରୀ ସୁରଜ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । କାନ୍ତକବିଙ୍କ ସ୍ମୃତିକୁ ଅକ୍ଷୁର୍ଣ୍ଣ ରଖିବା ସହ ତାଳପଦାକୁ ଏକ ଆଦର୍ଶ ଐତିହ୍ୟ ଗ୍ରାମ ଭାବେ ଗଢ଼ି ତୋଳିବା ପାଇଁ ଆମେ ସଂକଳ୍ପବଦ୍ଧ ବୋଲି କହିଥିଲେ ।

## ଶିମିଳିପାଳରୁ ପୁଣି କଳାବାଘ ଶିକାର

# କଳା ମହାବଳ ବାଘ ଛୁଆର ଚମଡ଼ା ଜବତ, ୩ ଗିରଫ



ବାରିପଦା, (ସବ୍ୟୁ) : ଶିମିଳିପାଳରେ ପୁଣି କଳା ବାଘ ଶିକାର । କଳା ମହାବଳ ବାଘ ଛୁଆର ଚମଡ଼ା ଜବତ୍, ୩ ଅଭିଯୁକ୍ତ ଗିରଫ । ତେବେ ଛାଲ ବା ଚମଡା ବିକ୍ରି ପୂର୍ବରୁ ଶିମିଳିପାଳ ବ୍ୟାଘ୍ର ସୁରକ୍ଷା ବଳ (ଏସଟିଏଫ) ୩ଜଣ ଅଭିଯୁକ୍ତଙ୍କୁ କାବୁ କରିବା ସହିତ ତାଙ୍କ ପାଖରୁ ବାଘଛାଲ, ୩ଟି ବାଇକ ଓ ମୋବାଇଲ ଫୋନ ଜବତ କରିଛନ୍ତି । ଏନେଇ ଗୁରୁବାର ଅପରାହ୍ନରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ (ଦକ୍ଷିଣ) ସୁମିତ କୁମାର କର ସାମ୍ବାଦିକ ସମ୍ମିଳନୀରେ କରି ବିସ୍ତୃତ ତଥ୍ୟ ରଖିଛନ୍ତି । ବିଶେଷ ସୂତ୍ରରୁ ଖବର ପାଇ ଖୁଣ୍ଟା ଥାନା ଅଧୀନ ବାସିପିଠା ନିକଟରେ ଏସଟିଏଫ ଟିମ ଚଢାଉ କରି ଉପରୋକ୍ତ ସଫଳତା ପାଇଥିବା କହିଛନ୍ତି । ପ୍ରାଥମିକ ତଦନ୍ତରୁ ବାଘଟି ପାଖାପାଖି ୨ବର୍ଷର ଶାବକ କଳାବାଘ ବୋଲି ଅନୁମାନ କରାଯାଇଛି । ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଓ ସବିଶେଷ ସୂଚନା ମିଳିପାରିବ ବୋଲି ଶ୍ରୀ କର ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ମାନେ ହେଲେ ଅଭିଯୁକ୍ତ ମାନେ ହେଲେ ଖୁଣ୍ଟା ଥାନା କୁଳିଅଣା ଥାନା କାଠରୁମା ଗ୍ରାମର ରାମଦାସ ହେମ୍ବ୍ରମ, କୁସୁମଘାଟି ଗ୍ରାମର ଗଙ୍ଗାଧର ମୁର୍ମୁ ଓ ବାଙ୍ଗରିପୋଷି ଥାନା ଯୋକା ଗ୍ରାମର ଭିମା ବାସ୍କେ । ଏହି ଘଟଣାରେ ଅଧିକ ସମ୍ପୃକ୍ତ ଥିବା ନେଇ ବନବିଭାଗ ତଦନ୍ତ ଜାରି ରଖିଥିବାବେଳେ ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଅପରପକ୍ଷରେ ଶିକାର ବନ୍ଦ ପାଇଁ ଶିମିଳିପାଳରେ ୭ଟି ସନ୍ଧାନୀ କୁକୁର ସ୍କ୍ୱାର୍ଡ, ଏସଟିଏଫ, ଗୋଇନ୍ଦା ଟିମ୍ ଓ ଏଆଇ କୌଶଳ ଦ୍ୱାରା ଅଧିକରୁ ଅଧିକ କୌଶଳ ବିଭାଗ ପକ୍ଷରୁ ଆପଣାଯାଉଛି ବୋଲି ଶ୍ରୀ କର ସୂଚନା ଦେଇଛନ୍ତି ।

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଲେ ଫାଗୁନ ପ୍ରତିନିଧି ଦଳ

# ଏନସିଇଆରଟିର ସାନ୍ତାଳୀ ପାଠ୍ୟ ପୁସ୍ତକରେ ଅଲଚିକି ଲିପି ପ୍ରଚଳନ ପାଇଁ ଦାବି

ବାରିପଦା, (ସବ୍ୟୁ) : ନୂଆଦିଲ୍ଲୀର ମାସିକ ସାନ୍ତାଳୀ ସମ୍ବାଦ ପତ୍ରିକାର ଏକ ପ୍ରତିନିଧି ଦଳ ସୁଲୋଚନା ହାଁସଦାଃଙ୍କ ନେତୃତ୍ୱରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ । ପ୍ରତିନିଧି ଦଳ ଏନସିଇଆରଟି ଦ୍ୱାରା ପ୍ରକାଶିତ ସାନ୍ତାଳୀ ପାଠ୍ୟପୁସ୍ତକରେ ଦେବନାଗରୀ ଲିପିର ବ୍ୟବହାର ଉପରେ ଗଭୀର ଉଦବେଗ ପ୍ରକାଶ କରିବା ସହ ସାନ୍ତାଳୀ ଭାଷା ପାଇଁ ଅଲଚିକି ଲିପିର ପ୍ରଚଳନ ପାଇଁ ଦାବି କରିଥିଲେ । ଏହି ସାକ୍ଷାତକାର୧୫ ଓ ୧୬ ଫେବୃଆରୀ ୨୦୨୬ରେ ନୂଆଦିଲ୍ଲୀରେ ଆୟୋଜିତ ଅଲଚିକି ଶତବାର୍ଷିକୀ ଉତ୍ସବ (୧୯୨୫-୨୦୨୫) ପରେ ରାଷ୍ଟ୍ରପତିଙ୍କ ସହ ପ୍ରଥମ ସାକ୍ଷାତକାର ଥିଲା । ପ୍ରତିନିଧି ଦଳ ଅଲଚିକି ଶତବାର୍ଷିକୀ ଉତ୍ସବ ସଫଳ କରିବାରେ ରାଷ୍ଟ୍ରପତିଙ୍କ ସହଯୋଗ ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଇଥିଲେ। ସେହିପରି ପ୍ରତିନିଧି ଦଳ ୨୦୨୬-୨୭ ଶିକ୍ଷାବର୍ଷରୁ ସିବିଏସଇ ପାଠ୍ୟକ୍ରମରେ ସାନ୍ତାଳୀ ଭାଷାର ଅନ୍ତର୍ଭୁକ୍ତ ପାଇଁ ମଧ୍ୟ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହାକୁ ସେମାନେ ସାନ୍ତାଳୀ ଭାଷାରେ ଶିକ୍ଷାର ବିକାଶ ପାଇଁ ଏକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ । ଏହି ଅବସରରେ ସୁଲୋଚନା ହାଁସଦାଃ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପାରମ୍ପରିକ ସାନ୍ତାଳୀ ଝାଲ୍ ଶାଢ଼ୀ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାନ୍ତାଳୀ ଭାଷା ଓ ଓଲଚିକି ଲିପିର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ସଂଗଠନମାନଙ୍କର ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ନିକଟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ, ଯେଉଁଥିରେ ଏନସିଇଆରଟି ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଦ୍ୱାରା ସାନ୍ତାଳୀ ଭାଷାର ପୁସ୍ତକଗୁଡ଼ିକୁ ଦେବନାଗରୀ ଲିପିରେ ପ୍ରକାଶ କରାଯିବା ଉପରେ ଉଦବେଗ ପ୍ରକାଶ କରାଯାଇଥିଲା ।

ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଥିଲା ଯେ ଅଲଚିକି ଯାହାଙ୍କ ଦ୍ୱାରା ଉଦ୍ଭାବିତ,



ସାନ୍ତାଳୀ ଭାଷାର ବୈଜ୍ଞାନିକ ଓ ପ୍ରାମାଣିକ ଲିପି ଏବଂ ଏହା ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ ଓ ଝାଡ଼ଖଣ୍ଡରେ ଦୀର୍ଘଦିନ ଧରି ବ୍ୟବହୃତ ହେଉଛି । ପ୍ରତିନିଧି ଦଳ ସାନ୍ତାଳୀ ପାଠ୍ୟପୁସ୍ତକ, ପାଠ୍ୟକ୍ରମ ଓ ଅନ୍ୟାନ୍ୟ ଶିକ୍ଷା ସାମଗ୍ରୀରେ ଅଲଚିକି ଲିପିର ପ୍ରଚଳନ ପାଇଁ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଥିଲେ । ଏହାବ୍ୟତୀତ ରାଷ୍ଟ୍ରପତି ଓ ପ୍ରତିନିଧି ଦଳ ମଧ୍ୟରେ ସାନ୍ତାଳୀ ଭାଷା ଓ ଅଲଚିକି ଲିପିର ପ୍ରଚାର ପ୍ରସାର ନେଇ ଆଲୋଚନା ହୋଇଥିଲା । ନୂଆଦିଲ୍ଲୀରେ ସାନ୍ତାଳ ମାନଙ୍କର ଧର୍ମୀୟ ସ୍ଥଳୀ ଜାହେର ଗାଲ୍ ସ୍ଥାପନାର ପ୍ରସ୍ତାବ ନେଇ ମଧ୍ୟ ଆଲୋଚନା ହୋଇଥିଲା । ଏହି ପ୍ରତିନିଧି ଦଳରେ ମାଙ୍ଗାତ ମୁର୍ମୁ, ଅନୁପ ମାଝୀ, ଡଃ ରଜନୀକାନ୍ତ ମାଣ୍ଡି, ଡଃ ଫୁଦାନ ସୋରେନ, ସୋମନାଥ ହାଁସଦାଃ, ସୁଲୋଚନା ହାଁସଦାଃ, କବିତା ହାଁସଦାଃ, କରୁଣାକର ହାଁସଦାଃ, ସିଙ୍ଗରାୟ ମୁର୍ମୁ, ରତିକାନ୍ତ ମୁର୍ମୁ, ଚୂଡ଼ାମଣି ମୁର୍ମୁ, ରାଇମୋହନ ଟୁଡୁ, ରୀତା ଟୁଡୁ, ଜୟଶ୍ରୀ ଟୁଡୁ, ନୁନାରାମ ହାଁସଦାଃ ଓ ବେଲରାଣୀ ହାଁସଦାଃ ସାମିଲ ଥିଲେ ।

# ଅଂଶୁଘାତରେ ଦୁଇ ଜଣଙ୍କ ମୃତ୍ୟୁ ଅଭିଯୋଗ, ଜଣେ ଗୁରୁତର

ବୁଗୁଡ଼ା, (ସବ୍ୟୁ) : ଅଂଶୁଘାତରେ ବୁଗୁଡ଼ା ପିପୁଲ୍ସ କଲେଜର ଚତୁର୍ଥ ଶ୍ରେଣୀ କର୍ମଚାରୀ ଡାକ୍ତର ସ୍ୱାଇଁଙ୍କ ମୃତ୍ୟୁ ଅଭିଯୋଗ ହୋଇଥିବା ଜଣାଯାଇଛି। ସେ ଗୁରୁବାର ଦିନ ପ୍ରାୟ ସାଢେ ଦୁଇଟା ସମୟରେ ସାଇକଲରେ ନିଜ ଗ୍ରାମ ବେଠିଆବରୋଦା ଫେରୁଥିବା ବେଳେ ବୁରୁଝୋଳା ତୋଟା ନିକଟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରିବା ସହ କେସ୍ ନଂ ୧୪/୨୬ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ପଠାଇବା ବ୍ୟବସ୍ଥା କରିଛି । ଡାକ୍ତର ସ୍ୱାଇଁ ବୁଗୁଡ଼ା ପିପୁଲ୍ସ କଲେଜରେ ଉଦ୍ଭିଦ ବିଜ୍ଞାନ ବିଭାଗୀୟ ଗାର୍ଡେନର ଭାବେ କାର୍ଯ୍ୟରତ ଥିଲେ । ସେ ଆଜି ସକାଳ ୧୦ଟାରେ କଲେଜରୁ ବାହାରି ଏକ ଶୁଦ୍ଧ ଭୋଜିରେ ଯୋଗଦେବା ପାଇଁ ଷୋହଳମାଇଲି ନିକଟରେ ଥିବା ହନୁମାନ ମନ୍ଦିରକୁ ଯାଇଥିଲେ । ସେଠାରେ ଭୋଜି ଖାଇ ଅପରାହ୍ନ ୨ଟାରେ ସାଇକେଲ ଯୋଗେ ଗ୍ରାମକୁ ଫେରୁଥିବା ବେଳେ ବୁରୁଝୋଳା ତୋଟା ନିକଟରେ ତାଙ୍କୁ ଅସୁସ୍ଥ ଲାଗିବାରୁ ରାସ୍ତା କଡରେ ଥିବା ଏକ ଦୋକାନ ନିକଟରେ ସାଇକେଲ ରଖି ତଳେ ବସି ପଡିଥିଲେ ଏବଂ ଦେହରୁ ସାର୍ଟ ବାହାର କରି ତଳେ ଶୋଇ ପଡିଥିଲେ । ସେହି ରାସ୍ତା ଦେଇ ଯାଉଥିବା ଲୋକେ ତାଙ୍କ ମୁହଁ ଓ ମୁଣ୍ଡରେ ପାଣି ଢାଳି ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କର ଚେତା ଆସି ନଥିଲା । ଫଳରେ ସେମାନେ ଆମ୍ବୁଲାନ୍ସ ସହାୟତାରେ ବୁଗୁଡ଼ା ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ ।

ସେହିପରି ବୁଗୁଡ଼ା ଥାନା ଅନ୍ତର୍ଗତ ଚିଲିଖମା ଗ୍ରାମର ଚାଷୀ ତଥା ଏଲଆଇସି ଏଜେଣ୍ଟ ସୁଧୀର ଚନ୍ଦ୍ର ସ୍ୱାଇଁ (୫୮)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ସୁଧୀର ଆଜି ମଧ୍ୟାହ୍ନ ସମୟରେ ନିଜ ଆମ୍ବ ଓ କାଜୁ ତୋଟାକୁ ଯାଇଥିଲେ । ତେବେ ସେ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଅପରାହ୍ନ ୩ଟା ସମୟରେ ତୋଟାକୁ ଯାଇ ଦେଖିଲା ବେଳକୁ ସେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ । ସେଠାରୁ ଉଦ୍ଧାର କରି ତାଙ୍କୁ ମେଡିକାଲ ଆଣିବା ବେଳକୁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ପୋଲିସ ପହଞ୍ଚି ଉକ୍ତ ଶବକୁ ଜବତ କରିଥିବା ଜଣାପଡିଛି ।

# ମାଗୁ ଚା’ ଖଟିରେ ବିଶ୍ୱ ଚା’ ଦିବସ ପାଳିତ

କଟକ, (ସ୍ୱପ୍ର): ମେ’ ମାସ ୨୧ ତାରିଖକୁ ସମଗ୍ର ବିଶ୍ୱରେ ବିଶ୍ୱ ଚା’ ଦିବସ ଭାବେ ପାଳନ କରାଯାଉଛି । ଏହାକୁ ଆଖି ଆଗରେ ରଖି ୫୩ ନଂ ୱାର୍ଡ ସ୍ଥିତ ଅନ୍ଦରପୁର ଭିଜିଲାନ୍ସ କଲୋନୀ ଛକରେ ମାଗୁ ଚା’ ଖଟିରେ ମଧ୍ୟ ଏହାକୁ ପାଳନ କରାଯାଇଛି । ଏହି ଚା’ ଦିବସ ଅବସରରେ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନା, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାରଣା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରିହର ସାମଲ, ନିମାଁଇ ସ୍ୱାଇଁ, ଅନ୍ଦରପୁର ସାହୀ ଅଧିକାରୀ ପ୍ରମୋଦ ଭୋଳ, ସଚ୍ଚିଦାନନ୍ଦ ମିଶ୍ର, ସରୋଜ କୁମାର ରାଉତ, ରଂଜିତ ରାଉତ, ଇଂ ଶୈଳେନ୍ଦ୍ର କୁମାର ଭୋଳଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଚା’ର ମଜା ଉଠାଇଥିଲେ ।



## ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରର ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ବୋର୍ଡ଼ ପରୀକ୍ଷା

# ୧୦୦% ଫଳାଫଳ ସହ ୯୦%ରୁ ଊର୍ଦ୍ଧ୍ୱ ବିଜ୍ଞାନରେ ୨୦୪ ଓ ବାଣିଜ୍ୟରେ ୪୧

ବ୍ରହ୍ମପୁର, (ସବ୍ୟୁ) : ଚଳିତବର୍ଷ ସିଏଚଏସଇ ବୋର୍ଡ଼ ଦ୍ୱାରା ପ୍ରକାଶିତ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳାଫଳରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରରେ ରେକର୍ଡ ସଫଳତା ହାସଲ କରିଛନ୍ତି ।

ଯୁକ୍ତ ୨ ବିଜ୍ଞାନ ବିଭାଗରେ କ୍ରମାଗତ ଭାବେ ୧୮ ବର୍ଷ ଏବଂ ଯୁକ୍ତ ୨ ବାଣିଜ୍ୟ ବିଭାଗରେ କ୍ରମାଗତ ଭାବେ ୧୫ ବର୍ଷ ଧରି ୧୦୦% ଫଳାଫଳ ରଖିଥିବା ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚଳିତବର୍ଷ ମଧ୍ୟ ୧୦୦% ଫଳାଫଳ ସହ ଯୁକ୍ତ ୨ ବିଜ୍ଞାନ ବିଭାଗରେ ମୋଟ ୫୭୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୦%ରୁ ଊର୍ଦ୍ଧ୍ୱରେ ୨୦୪ ଜଣ, ୬୦%ରୁ ଊର୍ଦ୍ଧ୍ୱରେ ୫୬୪ ଜଣ ଉତ୍ତୀର୍ଣ୍ଣ ହୋଇ ରାଜ୍ୟରେ ଏକ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି ।



ବିଦ୍ୟାଳୟର ପ୍ରଥମ ୫ ଜଣଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ଶାନ୍ତନୁ କୁମାର ସାହୁ ମୋଟ ୫୯୩ ମାର୍କ(୯୮.୮୩%), ଦ୍ୱିତୀୟ ସ୍ଥାନରେ ଅନିମେଷ ପାତ୍ର ମୋଟ ୫୯୨ ମାର୍କ (୯୮.୬୭%), ୩ୟ ସ୍ଥାନରେ ଅପର୍ଣ୍ଣା ଆଚାର୍ଯ୍ୟ ମୋଟ ୫୯୧ ମାର୍କ(୯୮.୫୦%), ୪ର୍ଥ ସ୍ଥାନରେ ପି. ସ୍ମୃତିମୟୀ ପାତ୍ର ମୋଟ ୫୯୦ ମାର୍କ(୯୮.୩୩%), ୫ମ ସ୍ଥାନରେ ଚେତନା କିରଣ ଦାଶ ଓ ଏସ୍. ନିହାର ରଂଜନ ପାତ୍ର ମୋଟ ୫୮୭ ମାର୍କ(୯୮.୮୩%), ସେହିପରି ୨ ବାଣିଜ୍ୟ ବିଭାଗର ଦେଇଥିବ ମୋଟ ୧୭୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୦% ରୁ ଊର୍ଦ୍ଧ୍ୱରେ ୪୧ ଜଣ ଏବଂ ୬୦%ରୁ ଊର୍ଦ୍ଧ୍ୱ ୧୫୭ ଜଣ ଉତ୍ତୀର୍ଣ୍ଣ ହୋଇ ରାଜ୍ୟରେ ରେକର୍ଡ ସୃଷ୍ଟି କରିଛନ୍ତି । ପ୍ରଥମ ୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧ମ ସ୍ଥାନରେ କେ. ହଂସିକ ପାତ୍ର ମୋଟ ୫୯୨ (୯୮.୬୭%), ୨ୟ ସ୍ଥାନରେ ଇଶାନ କାର୍ତ୍ତିକ ସୁବୁଦ୍ଧି ମୋଟ ୫୯୦ (୯୮.୩୩%), ୩ୟ ସ୍ଥାନରେ ପ୍ରତୀକ୍ଷା ପଟ୍ଟନାୟକ ମୋଟ ୫୮୩ (୯୭.୧୭%), ୪ର୍ଥ ସ୍ଥାନରେ ଶ୍ୱେତା ସ୍ମିତା ସାହୁ ମୋଟ ୫୮୨ (୯୭%) ଏବଂ ୫ମ ସ୍ଥାନରେ ତ୍ରିସ୍ନା ପ୍ରହରାଜ ମୋଟ ୫୮୧ (୯୬.୮୩%) ମାର୍କ ରଖି ବିଦ୍ୟାଳୟର ପୂର୍ବ ଗୌରବକୁ ବଜାୟ ରଖିଛନ୍ତି । ଛାତ୍ରଛାତ୍ରୀଙ୍କ ଏହି ରାଜ୍ୟସ୍ତରୀୟ ସଫଳତାରେ ପରିଚାଳନା ସମିତିର ସମସ୍ତ ସଦସ୍ୟ ତଥା ଯୁକ୍ତ ୨ ବିଭାଗର ଅଧ୍ୟକ୍ଷ ଏସ୍. ମୋହନ ରାଓ, ଶୈକ୍ଷିକ ପ୍ରଶସକ ଉମାଧବ ମହାନ୍ତି, ୩ ଅଧ୍ୟକ୍ଷ ଡଃ. ସୁବ୍ରତ ପାଣିଗ୍ରାହୀ, ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ, ଶିଶୁ ବିଦ୍ୟାମନ୍ଦିର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ପ୍ରେମିକ ସହାୟତାରେ ସ୍ୱାମୀଙ୍କୁ ହତ୍ୟା, ୨ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀରେ ଜି. ହନୁମନ୍ତ ରାଓଙ୍କୁ ତାଙ୍କ ସ୍ତ୍ରୀ ତାଙ୍କ ପ୍ରେମିକଙ୍କ ସହାୟତରେ ହତ୍ୟା କରିଥିଲେ । ପୋଲିସ ମାମଲା ନଂ ୨୪୬/୨୬ ରେ ମୃତକଙ୍କ ସ୍ତ୍ରୀ ଜି. ଗୀତା(୩୪) ଓ ତାଙ୍କ ପ୍ରେମିକ ବି. ନିରଞ୍ଜନ ରେଡ୍ଡୀ(୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେହିପରି ଏହି ହତ୍ୟା କାଣ୍ଡରେ ମୃତକଙ୍କ ୧୬ ବର୍ଷର ଝିଅଙ୍କୁ ପୋଲିସ ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର କରିଛି । ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି । ପ୍ରାଥମିକ ତଦନ୍ତରୁ ହନୁମନ୍ତଙ୍କ ନିର୍ଯାତନାରେ ତାଙ୍କ ସ୍ତ୍ରୀ ଅତିଷ୍ଠ ହୋଇଥିଲେ । ଗତ ୧୮ ତାରିଖ ରାତ୍ରରେ ସେ ତାଙ୍କ ସ୍ତ୍ରୀ ଓ ଝିଅକୁ କୌଣସି କାରଣକୁ କେନ୍ଦ୍ରକରି ମାରପିଟ କରିଥିଲେ । ଯାହାଫଳରେ ସେମାନେ ତାଙ୍କୁ ମାରିଦେବା ପାଇଁ ଯୋଜନା କରିଥିଲେ । ହନୁମନ୍ତ ଶୋଇପଡିବା ପରେ ବିଳମ୍ବିତ ରାତ୍ରରେ ଜି.ଗୀତା ତାଙ୍କ ପୁରୁଷ ବନ୍ଧୁ ନିରଞ୍ଜନ ରେଡ୍ଡୀଙ୍କୁ ଘରକୁ ଡାକିଥିଲେ । ସେଠାରେ ସେମାନେ ମିଳିମିଶି ତାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ପୋଲିସ ଜେରା ବେଳେ ଜାଣିବାକୁ ପାଇଛି ।

ଘଟଣାର ତଦନ୍ତ ଜାରି ରହିଛି । ଘର ଭିତରେ ହନୁମନ୍ତ ରାଓଙ୍କ ମୃତ୍ୟୁ ଘଟିଥିବା ଖବରକୁ ତାଙ୍କ ସମ୍ପର୍କୀୟ ସହଜରେ ଗ୍ରହଣ କରିନଥିଲେ । ପରେ ତାଙ୍କ ଭଣଜା ସତ୍ୟନାରାୟଣ ରେଡ୍ଡୀ ମାମୁଙ୍କୁ ତାଙ୍କ ସ୍ତ୍ରୀ ହତ୍ୟା କରିଥିବା ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରିବା ସହ ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ହତ୍ୟା ମାମଲା ରୁଜୁ କରିଥିଲା । ବିଭିନ୍ନ ଦିଗରୁ ତଦନ୍ତ ପରେ ହନୁମନ୍ତଙ୍କ ସ୍ତ୍ରୀ ଗୀତା ତାଙ୍କ ପ୍ରେମିକ ସହ ମିଶି ଏହି ହତ୍ୟାକାଣ୍ଡ ଘଟାଇ ଥିବା ଜଣାପଡିଥିଲା ।


ସ୍ମୃତିରେ



ଡ଼ଃ ବଂଶୀଧର ପଣ୍ଡା
(୨୬.୧୧.୧୯୩୧ - ୨୨.୦୫.୨୦୧୮)

ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା, ରାଇମାନା
ଲିଟିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

imfa

Tel: +91 674 2611000 | Email: memoriam@imfa.in



ADMISSION NOTICE
POST GRADUATE ENTRANCE TEST- 2026

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET)- 2026 for admission into following Post Graduate Courses & Institutes

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)
Olatpur, P.O: Bairoi, Dist-Cuttack-754010 (Odisha)
Website : https://svnirtar.nic.in, E-Mail: svnirtarpget@gmail.com
Courses Offered: 1. Master of Physiotherapy 2. Master of Occupational Therapy 3. Master in Prosthetics & Orthotics

PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)
4, Vishnu Digamber Marg, New Delhi - 110002
Website : https://pdunippd.nic.in, E-Mail: diriph@nic.in
Course Offered: 1. Master in Prosthetics & Orthotics

ALI YAVAR JUNG NATIONAL INSTITUTE OF SPEECH AND HEARING DISABILITIES (DIVYANGJAN) (AYJNISHD)
K.C. Marg, Bandra (W) Reclamation, Mumbai – 400 050
&
REGIONAL CENTRE, SECUNDERABAD
Manovikas Nagar, Secunderabad-500009
Website: https://ayjnishd.nic.in, E-Mail: ayjnihh-mum@nic.in
Course Offered: 1. Master of Science in Audiology (M.Sc. Audiology)

Institutes under DEPwD (Divyangjan),
Ministry of Social Justice and Empowerment, Govt. of India

Eligibility: The Candidate should Pass Bachelor of Physiotherapy for MPT, Bachelor of Occupational Therapy for MOT, BPO/ B.Sc. (PO) for MPO and BASLP for M.Sc. Audiology Courses.

Starting of online publication of Information Brochure and Application form : 20.05.2026
Closing date of online receipt of Application form : 19.06.2026
Date of Post Graduate Entrance Test : 12.07.2026

For details Log on to: https://admission.svnirtar.nic.in

Sd/-
Director Cum Chairman,
PGET- 2026

## ପ୍ରଶିକ୍ଷଣରୁ ଫେରୁଥିବା ବେଳେ ଅଂଶୁଘାତର ଶିକାର

ମାହାଙ୍ଗା ,(ସବ୍ୟୁ) : ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶନାମା ୯୬୮ ତା୧୯.୦୫.୨୦୨୬ରିଖ ଅନୁଯାୟୀ ୫ଦିନିଆ ଓସିଏଫ-ଏସ୍ଇ ୨୦୨୫ ପ୍ରଶିକ୍ଷଣ ଶିବିର ତା୨୧.୦୫.୨୦୨୬ରିଖ ରୁ ତା୨୬.୦୫.୨୦୨୬ରିଖ ପର୍ଯ୍ୟନ୍ତ ଆର୍‌ଏନ୍ ସରକାରୀ ଉଚ୍ଚ ବିଦ୍ୟାଳୟ କୋଠପଦା ଓ ପିଏମ୍‌ଶ୍ରୀ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରସକାଳ ୭ଟା ଠାରୁ ଦିନ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ସାଢ଼େ ୧୧ ପରେ ପିଏମ୍‌ଶ୍ରୀ ଝାଡେଶ୍ୱରପୁର ଉଚ୍ଚ ବିଦ୍ୟାଳୟରୁ ପ୍ରଶିକ୍ଷଣ ସାରି ସବଳକଣା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଘରକୁ ଫେରୁଥିଲା ବେଳେ ଅଂଶୁଘାତର ଶିକାର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଥିଲା। ଯାହାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେଉଥିବାରୁ ଦିନ ୧୦ଟା ପରେ ତାପମାତ୍ର ୪୨ଡିଗ୍ରୀରୁ ଅଧିକ ହୋଇଥିଲା ବେଳେ ପ୍ରଶିକ୍ଷଣ ଶେଷକରି ୧୧ପରେ ମଧ୍ୟାହ୍ନ ଭୋଜନ ଖାଇ କିଭଳି ଭାବରେ ଶିକ୍ଷକ/ଶିକ୍ଷୟିତ୍ରୀମାନେ ୧୫ ରୁ ୨୦ କିଲୋମିଟର ଦୂର ନିଜ ନିଜ ଘରକୁ ଫେରିବେ। ଏନେଇ ତା୨୦.୦୫.୨୦୨୬ରିଖରେ ବିଭିନ୍ନ ଗଣମାଧ୍ୟମରେ ମାହାଙ୍ଗା ବିଇଓଙ୍କ ମନମୁଖୀ କାର୍ଯ୍ୟ ସଂପର୍କରେ ଖବରମାନ ପ୍ରକାଶ ପାଇଥିଲା , ହେଲେ ମାହାଙ୍ଗ ବ୍ଲକ ଶିକ୍ଷାଧିକାରିଣୀ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଗୁରୁତ୍ୱ ଦେଇ ନଥିଲେ। ଏପରିକି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, କଟକ ଜିଲ୍ଲାପାଳଙ୍କୁ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ଅଭିଯୋଗ କରାଯାଇଥିଲା। ସ୍ଥାନୀୟ ବିଧାୟକଙ୍କୁ ଏ ସଂପର୍କରେ ଅବଗତ କରାଯାଇଥିଲା। କାହା ସ୍ୱାର୍ଥରେ ବ୍ଲକ ଶିକ୍ଷାଧିକାରିଣୀ ପ୍ରବଳ ଗ୍ରୀଷ୍ମ ସମୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ବୋଲି ପ୍ରଶ୍ନ ଉଠୁଛି।

## କେନ୍ଦ୍ରାପଡାରେ ପୁଲିସ -ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ



କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାରେ ଆଇନ୍ ଶୃଙ୍ଖଳା ପରିଚାଳନା ପ୍ରଶାସନିକ ସମନ୍ୱୟ ଏବଂ ଲୋକଙ୍କୁ ସେବା ବ୍ୟବସ୍ଥାକୁ ସୁଦୃଢ କରିବା ଓ ଅଭ୍ୟାସଗତ ଅପରାଧିମାନଙ୍କୁ ସାବାଡ୍ କରିବା ଉଦ୍ଦେଶ୍ୟରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ପୋଲିସ -ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତ୍ୟାଚାର ଜନିତ ମାମଲାର ଶୀଘ୍ର ନିଷ୍ପତ୍ତି ,ବ୍ଲକ ସ୍ତରରେ ନିୟମିତ ମିଳିତ ସମୀକ୍ଷା ବୈଠକ, ଖଣିଜ ଚୋରି ବିରୋଧରେ ମିଳିତ ଚଢାଉ ଏବଂ ଜିଲ୍ଲାରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣାଧୀନ ରଖିବା ସହିତ ନିୟମିତ ଭାବରେ ଅପରାଧ କରି ଖସି ଯାଉଥିବା ଅପରାଧୀମାନଙ୍କୁ ସାବାଡ୍ କରିବାକୁ ନେଇ ଆରକ୍ଷୀ ଅଧିକ୍ଷକ ଉପସ୍ଥିତ ଥିବା ସମସ୍ତ ପୋଲିସ୍ ଅଧିକାରୀ ସହିତ ଆଲୋଚନା କରିଛନ୍ତି। ଏହି ଅପରାଧୀ ମାନଙ୍କୁ କଠୋର ଦଫା ଲଗାଇ ଏମାନଙ୍କୁ ଜେଲ୍ ହାଜତକୁ ପଠାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ପୋଲିସ୍ -ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ପ୍ରତ୍ୟେକ ମାସରେ ଏହାର ସମୀକ୍ଷା କରିବା ପାଇଁ ଆଲୋଚନା କରାଯାଇଛି। ଏଥିସହିତ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ସିସି କ୍ୟାମେରା ଲଗାଇବା, ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା, ଟ୍ରାଫିକ୍ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ସହିତ ବିଭିନ୍ନ ଥାନାରେ ଆସୁଥିବା ଜମି ମାମଲା ଗୁଡିକୁ ଥାନା ଅଧିକାରୀ ତହସିଲ୍ଦାର, ଅତିରିକ୍ତ ତହସିଲ୍ଦାରଙ୍କ ସହିତ ସମନ୍ୱୟ ରଖି ମାମଲା ଗୁଡିକୁ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୀର୍ଘଦିନ ଧରି ଜମି ସମସ୍ୟା ଚାଲୁ ରହିଲେ ଏହା ଅପରାଧ ଆଡକୁ ଗତି କରୁଛି। ଆୟୋଜିତ ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ରବିନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ଗୌଡୀୟ, ଜିଲ୍ଲାର ସମସ୍ତ ଥାନାର ଥାନା ଅଧିକାରୀ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

## ଜଗତସିଂହପୁର ସାହିତ୍ୟ ପରିଷଦ
## ସପ୍ତଦଶ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ସାହିତ୍ୟ ପରିଷଦର ସପ୍ତଦଶ ବାର୍ଷିକ ଉତ୍ସବର ପ୍ରସ୍ତୁତି ବୈଠକ ପରିଷଦର ମୁଖ୍ୟ ଉପଦେଷ୍ଟା ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ୨୦୨୫ ମସିହା ପାଇଁ କୃତି ସାହିତ୍ୟିକଙ୍କ ନିମନ୍ତେ ପୁରସ୍କାର ତଥା ସମ୍ମାନ ଘୋଷଣା କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଗଠିତ ଚୟନ କମିଟିର ନିଷ୍ପତି ଅନୁଯାୟୀ ପରିଷଦର ମର୍ଯ୍ୟାଦାଜନକ 'ବାଣୀପୀଠ' ପୁରସ୍କାର ବିଶିଷ୍ଟ କବି ଡ. ଫନୀ ମହାନ୍ତିଙ୍କୁ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ପୁରସ୍କାର ସ୍ୱରୂପ ଡ. ମହାନ୍ତିଙ୍କୁ ପ୍ରଶସ୍ତି ଫଳକ,ସ୍ମାରକ ଫଳକ ତଥା ଉତ୍ତରୀୟ ସହିତ ୧୦ ହଜାର ଟଙ୍କା ଅର୍ଥ ରାଶି ଉପାୟନ ରୂପେ ପ୍ରଦାନ କରାଯିବ। ସେହିପରି ଉକ୍ତ ବର୍ଷ ପାଇଁ ଗଳ୍ପ ସଙ୍କଳନ 'ମୋକ୍ଷପଥ' ନିମନ୍ତେ ଗାଳ୍ପିକ ଦେବବ୍ରତ ମଦନରାୟ, କବିତା ସଙ୍କଳନ 'ନଈ ପାଣିରେ ଆକାଶର ମୁହଁ' ନିମନ୍ତେ କବି ନୃସିଂହ ତରାଇ ଓ ପ୍ରବନ୍ଧ ସଙ୍କଳନ :ସାଂସ୍କୃତିକ ଆହ୍ୱାନ ନିମନ୍ତେ ଡ. ଚନ୍ଦ୍ରଶେଖର ହୋତାଙ୍କୁ ସମ୍ମାନଜନକ 'ଅଳକା ପୁରସ୍କାର' ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ଅର୍ଥ ରାଶି ସହିତ ପ୍ରଶସ୍ତି ଫଳକ, ସ୍ମାରକ ଫଳକ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବ।ଅନୁରୂପ ଭାବେ କବିତା ସଙ୍କଳନ 'ମୁଁ ଦେବୀ ହେବାକୁ ଚାହେଁନା' ନିମନ୍ତେ କବୟିତ୍ରୀ ରୀତାଞ୍ଜଳି ମହାରଣାଙ୍କୁ 'ଶଙ୍ଖଲାଭ ପଣ୍ଡା ଯୁବ ପୁରସ୍କାର', କବୟିତ୍ରୀ ଶ୍ରୀମତୀ ବସନ୍ତ ମିଶ୍ରଙ୍କୁ 'ବିଷ୍ଣୁପ୍ରିୟା ଦେବୀ ସ୍ମୃତି ସମ୍ମାନ', ଗାଳ୍ପିକ ଶଶୀକାନ୍ତ ରାଉତଙ୍କୁ 'ଉମାକାନ୍ତ ପ୍ରଧାନ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯିବାକୁ ସ୍ଥିର କରାଯାଇଛି ।ସେହିପରି ଓଡ଼ିଆ ଭାଷା ସାହିତ୍ୟରେ ବିଶେଷ ଅବଦାନ ନିମନ୍ତେ ବରିଷ୍ଠ ସାହିତ୍ୟିକ ଡ. ମନୀନ୍ଦ୍ର କୁମାର ମହାନ୍ତି (ଶିଶୁ ସାହିତ୍ୟଗବେଷକ ), ତରୁଣ କୁମାର ସାହୁ (ଗାଳ୍ପିକ), ରତ୍ନପ୍ରଭା ବାଇ (ଗୀତିକବି), ଦେବେନ୍ଦ୍ର ନାଥ କର (କବି) ଓ ନୀଳକଣ୍ଠ ମିଶ୍ର (କବି)ଙ୍କୁ ଭବ୍ୟସମ୍ବର୍ଦ୍ଧନା ପ୍ରଦାନ କରାଯିବ । ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଯାଉଥିବା ବାର୍ଷିକ ଉତ୍ସବରେ ସମସ୍ତ ପ୍ରତିଭାଧରଙ୍କୁ ସମ୍ମାନିତ କରାଯିବ ବୋଲି ପରିଷଦ ସଭାପତି ଇଂ. ବିଷ୍ଣୁ ସାହୁ ଓ ସମ୍ପାଦକ ଉମାକାନ୍ତ ନାୟକ ଜଣାଇଛନ୍ତି ।

### ବରୀରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର
## ଆଟେଣ୍ଡାଣ୍ଟ ହାତରେ ସ୍ୱାସ୍ଥ୍ୟସେବା

ବରୀ, (ସବ୍ୟୁ) : ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଠାରେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଅଲଗା। ପ୍ରକୃତ ରୂପ ଲୋକଲୋଚନକୁ ଆସୁଥିଲେ ମଧ ସରକାର ଏହାର ପ୍ରତିକାର ବ୍ୟବସ୍ଥା କାହିଁକି କରୁ ନାହାଁନ୍ତି। ଟିକେ ଦେଖନ୍ତୁ ଏଠି ଦୁଇ ମହଲା କୋଠା ଆଉ ଉପର ଚକା ଚକ ଭିତର ଫମ୍ପା। ଆସୁନାହାନ୍ତି ଡାକ୍ତର। ରୋଗୀଙ୍କ ଭାଗ୍ୟ ଆଟେଣ୍ଡାଣ୍ଟ ଉପରେ ନିର୍ଭର। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନଦୀ ନାଳ ଘେରା ଭିତରେ ଥିବା କୃଷ୍ଣନଗର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ। ଏହି ମେଡିକାଲ ଉପରେ ପାଖା ପକ୍ଷୀ ପାଞ୍ଚହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ଏହି ମେଡିକାଲରେ ଡାକ୍ତର ନିଯୁକ୍ତି ପାଇଛନ୍ତି ହେଲେ ସେ ଏଠାକୁ ଆସିବା ସାତ ସପନ ବୋଲି ସ୍ଥାନିୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି କି ଅନ୍ୟାନ୍ୟ କର୍ମଚାରୀ ମାନେ ମଧ ନିଜ ଇଚ୍ଛା ଅନୁସାରେ ମେଡିକାଲ ଆସନ୍ତି। ଏପରି କି ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ଡାକ୍ତର ନ ଥିବା ଯୋଗୁଁ ଲୋକେ ରୋଗୀସେବା ପାଇବାରୁ ବଞ୍ଚିତ ହୋଇଥିବା ବେଳେ ଏଠାରେ କାର୍ଯ୍ୟରତ ଡ୍ରେସର ରୋଗୀ ଦେଖିବା ସହିତ ସେମାନଙ୍କୁ ଡ୍ରେସିଂ କରି ଔଷଧ ମଧ ଦେଉଛନ୍ତି । ତେବେ ସ୍ଥାନିୟ ଗ୍ରାମବାସୀ ମାନେ ପ୍ରଶାସନ ନିକଟରେ ବାରମ୍ୱାର ଦାବି କରିଥିଲେ ହେଁ କୌଣସି ଫଳ ମିଳିନଥିବା ବେଳେ ଅଭିଯୋଗ ପରେ ମଧ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଯାଜପୁର ଜିଲ୍ଲାପାଳ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ରବିବାର ମେଡିକାଲ ସକାଳ ୧୧ ଟା ଯାଏ ଖୋଲା ରହିବାର ନିୟମ ଥିବା ବେଳେ ୧୧ ଟା ଯାଏ ଆଟେଣ୍ଡାଣ୍ଟ ଛାଡି କୌଣସି ଡାକ୍ତର କିମ୍ବା ଅନ୍ୟ କର୍ମଚାରୀ ଆସିନଥିବା ଦେଖାଯାଇଛି।

### ଆଇନଷ୍ଟାଇନ କଲେଜର ସଫଳତା
## ମାଟ୍ରିକରେ ୬୦ ପ୍ରତିଶତ ରଖିଥିବା ଛାତ୍ରଛାତ୍ରୀ ଯୁକ୍ତ ୨ରେ ୯୦ ପ୍ରତିଶତ



ସାଲେପୁର, (ସବ୍ୟୁ) : ସାଲେପୁର ସ୍ଥିତ ଆଇନଷ୍ଟାଇନ ଯୁକ୍ତ ୨ ବିଜ୍ଞାନ ଘରୋଇ କଲେଜର ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଚଳିତ ୨ ପରୀକ୍ଷାରେ ଶତପ୍ରତିଶତ ସଫଳତା ପାଇଛନ୍ତି ।ମୋଟ ୭୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬୦ ଜଣ ପ୍ରଥମ ଶ୍ରେଣୀରେ, ୧୨ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୨ ଜଣ ତୃତୀୟ ଶ୍ରେଣୀରେ ସଫଳତା ଲାଭ କରିଛନ୍ତି । ଛାତ୍ର ଶୀତୁଲ ସାହୁ ଶତକଡା ୯୨ ପ୍ରତିଶତ ନମ୍ବର ରଖିଥିବା ବେଳେ ଛାତ୍ରୀ ସୁଭଦ୍ରା ମଣ୍ଡଳ ୯୧. ୫ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି ।ଟପ୍ପର ଛାତ୍ର ଛାତ୍ରୀଙ୍କୁ ଆଜି କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଆଇନଷ୍ଟାଇନ ଘରୋଇ କଲେଜର ମ୍ୟାଟ୍ରିକରେ ୬୦ ପ୍ରତିଶତ ନମ୍ବର ରଖି ପାଠ ପଢୁଥିବା ଅଧିକାଂଶ ଛାତ୍ର ଛାତ୍ରୀ ଯୁକ୍ତ ୨ ପରୀକ୍ଷାରେ ଅଧିକ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇ ଥିବାରୁ କଲେଜର ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ଦାସ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।ଆଜି ଆଇନଷ୍ଟାଇନ କଲେଜ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ସ୍ମୃତିରେଖା ନାୟକ, ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ, ଭାବଗ୍ରାହୀ ବେହେରା,ସନ୍ତୋଷ କୁମାର ପ୍ରଧାନ, ମନୋଜ କୁମାର ବେହେରା,କର୍ମଚାରୀ ପ୍ରଭାତ ପାଣି, ନିରଞ୍ଜନ ପରିଡ଼ା,ଶିଶିର କୁମାର ଚାନ୍ଦ, ତ୍ରିଲୋକନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଧର୍ମଶାଳା ବିଧାୟକଙ୍କ ଦ୍ୱାରା ଦୁଇ ଗୋଟି ରାସ୍ତାର ଶିଳାନ୍ୟାଶ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକର ଦୁଇ ଗୋଟି ସ୍ଥାନରେ ରାସ୍ତାର ନବୀକରଣ ଓ ପ୍ରସସ୍ତୀକରଣ ପାଇଁ ଆଜି ଧର୍ମଶାଳା ବିଧାୟକଙ୍କ ଦ୍ୱାରା ଶିଳାନ୍ୟାଶ କରାଯାଇଛି । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧର୍ମଶାଳା ଜଗନ୍ନାଥ ସଡକ ବ୍ରାହ୍ମଣୀ ଘାଟ ଠାରୁ ଭୁବନ ଓ ନୂଆପାଟଣା ଠାରୁ କୋତପୁର ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତିକରଣ ପାଇଁ ଆଜି ଶିଳାନ୍ୟାଶ କରିଛନ୍ତି । ଏହି ଶିଳାନ୍ୟାଶ ଉତ୍ସବରେ ବିଧାୟକଙ୍କ ସହିତ ଜିଲ୍ଲା ପରିଷଦ ସଦସ୍ୟ ଜଳଧର ମହାନ୍ତି, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଭବାନୀପୁର ସରପଂଚ ଜ୍ୟୋତିର୍ମୟୀ ନାୟକ, ବିଜେପି ନେତା କାହ୍ନୁ ଚରଣ ଦାଶ, ଶରତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଭୁବନ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତୀକରଣ ପାଇଁ ୬କୋଟି ୩୦ ଲକ୍ଷ ଓ ନୂଆପାଟଣା- କୋତପୁର ରାସ୍ତା କାମ ଲାଗି ୬ କୋଟି ୭୦ ଲକ୍ଷ ଟଙ୍କା ବୟୟ ଅଟକଳ କରାଯାଇଛି । ଅଜି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀ ରାଜେଶ୍ୱରୀ ଭୋଳ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମନେ ଶିଳାନ୍ୟାଶ ସ୍ଥଳରେ ଉପସ୍ଥିତ ରହି କାଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଯୁବ ସଙ୍ଗଠକ ରାଜେଶ କୁମାର ପାଳ, ଦେବରାଜ ମିଶ୍ର, ଜିତେନ୍ଦ୍ର ରାଉତ,ପ୍ରଦୀପ ପରିଡା, ଆଲୋକ ଲେଙ୍କା,ଚନ୍ଦ୍ରମଣି ପଣ୍ଡିତ,ମୁନା ଖାଁ,ନାରାୟଣ ମଲିକ, ପ୍ରିୟବ୍ରତ ପ୍ରଧାନ, ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## କୃତୀ ଛାତ୍ରଛାତ୍ରୀଙ୍କୁ ହାଇଟେକ ହାୟର ସେକେଣ୍ଡରୀ ସ୍କୁଲରେ ସମ୍ବର୍ଦ୍ଧନା



କୁଆଖିଆ, (ସବ୍ୟୁ) : କୁଆଖିଆ ସ୍ଥିତ ହାଇଟେକ ହାୟର ସେକେଣ୍ଡରୀ ସ୍କୁଲ ଚଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ଲାଭ କରି ସ୍କୁଲର ଗୌରବ ବଢାଇଥିବାରୁ ଆଜି କୃତୀ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ହାଇଟେକ ଗ୍ରୁପ ନିର୍ଦ୍ଦେଶକ ଇଂ ସନ୍ତୋଷ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନାରେ, ସ୍କୁଲର ଟପ୍ପର ଯଯାତି କେଶରୀ ବାରିକ ୫୮୩ (୯୭% )ନଂ ରଖି ପାସ କରିଥିବାରୁ ସମ୍ବର୍ଦ୍ଧନା ଦିଆଯାଇଛି। ଚଳିତ ବର୍ଷ ୨୨୭ ଜଣ ପରୀକ୍ଷା ଦେଇଥିବା ବେଳେ ୨୦୫ ଜଣ ପ୍ରଥମ ଶ୍ରେଣୀ, ୨୨ ଜଣ ଦିତୀୟ ଶ୍ରେଣୀରେ ପାସ କରିଛନ୍ତି। ୯୦% ନମ୍ବର ରଖି ୧୫ ପିଲା ପାସ କରିଥିବା ବେଳେ ୮୦% ରୁ ଉର୍ଦ୍ଧ୍ୱ ୭୮ ଜଣ ଶ୍ରେଣୀରେ ପାସ କରିଛନ୍ତି। ସ୍କୁଲ ଅଧକ୍ଷ ସନ୍ଦୀପ କୁମାର ବିଶ୍ୱାଳ, ଡ଼ଃ କପିଳ ମହାନ୍ତି କୃତୀ ଛାତ୍ରଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନାକରି ଆଶୀର୍ବାଦ ଦେଇଛନ୍ତି। ଚଳିତ ବର୍ଷରୁ ପ୍ରଫେସନାଲ କୋର୍ସ ବିବିଏ, ବିସିଏ, ଆଇଟିଏମ୍ କୋର୍ସ ଖୋଲୁଥିବା ମଧ ଅନୁଷ୍ଠାନ ପକ୍ଷରୁ କୁହାଯାଉଛି।

## ରାଜନଗର ବ୍ଲକ କଂଗ୍ରେସ ପକ୍ଷରୁ ଛାତ୍ର ପ୍ରତିଭା ସମ୍ମାନ -୨୦୨୬

ରାଜନଗର, (ସବ୍ୟୁ) : ରାଜନଗର ବ୍ଲକ କେ. ସି ମଣ୍ଡପ ଠାରେ ଆୟୋଜିତ ସମାବେଶରେ ବ୍ଲକ କଂଗ୍ରେସ ସଭାପତି ଯୁବନେତା ପ୍ରଶାନ୍ତ କୁମାର ରାଉତ ସଭାପତିତ୍ୱ କରିଥିଲେ।ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଜିଲ୍ଲା କଂଗ୍ରେସ ସଭାପତି ଡଃ ଦେବସ୍ମିତା ଶର୍ମା ଯୋଗ ଦେଇ ଦେଶ ପ୍ରତି ରାଜୀବ ଗାନ୍ଧୀଙ୍କ ଅବଦାନ ଓ ବଳିଦାନ ସମ୍ପର୍କରେ ମତ ରଖିଥିଲେ। ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଉତ୍ସାହିତ କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସତ୍ୟବାଦୀ ଜେନା,ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଅନିଲ କୁମାର ବଳ, ଅବସରପ୍ରାପ୍ତ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ କୁମାର ଜେନା,ଅବସପ୍ରାପ୍ତ ସେନା ଅଧିକାରୀ ଅଚ୍ୟୁତାନନ୍ଦ ପ୍ରଧାନ,ବରିଷ୍ଠ ସାମ୍ବାଦିକ ଭାସ୍କର ଚନ୍ଦ୍ର ରାଉତ ରାୟ,ଜିଲ୍ଲା କଂଗ୍ରେସ ଉପ ସଭାପତି ସତ୍ୟପ୍ରିୟ ସାମଲ,ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର ବିଶାଳ, ଯୁବ ଶିକ୍ଷାବିତ୍ ଗୋବର୍ଦ୍ଧନ ପ୍ରଧାନ କୃପାସିନ୍ଧୁ ସାମଲ ପ୍ରମୁଖ ଯୋଗ ଦେଇ ଭାରତ ରତ୍ନ ରାଜିବୀ ଗାନ୍ଧୀ ଙ୍କ ର ପ୍ରଧାନମନ୍ତ୍ରୀ ସମୟରେ ତାଙ୍କର ବିଭିନ୍ନ ଯୋଜନାସମ୍ପର୍କରେ ମତ ରଖିଥିଲେ।ଏହି କାଯ୍ୟକ୍ରମ ରେ ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ଦଶମ ବୋର୍ଡ ପରୀକ୍ଷାରେ ଏ୧ ପାଇଥିବା ସମସ୍ତ ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ସହିତ ରାଜନଗର ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀ ଛାତ୍ରଛାତ୍ରୀ ୨ କଳା ବିଜ୍ଞାନ ରେ ବ୍ଲକ ଟପର, ଓଡିଶା ଆଦର୍ଶ ବିଦ୍ୟାଳୟ ର ଜିଲ୍ଲା ଟପର ,ଜାଭିଅର ବିଦ୍ୟାଳୟ ଟପର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ନେତା ସୁଶୀଲ କୁମାର ପ୍ରଧାନ, ଅଭିକ ଦାସ, ପ୍ରଗତି ସେଠୀ, ଗୁଡି ରାଉତ,ଲକ୍ଷ୍ମନ ସେଠୀ,ନିରଞ୍ଜନ ବାରିକ, ବୀରକିଶୋର ସ୍ୱାଇଁ, ନାରାୟଣ ଦାସ,ଅମୂଲ୍ୟ ଜେନା, ବିରେନ୍ଦ୍ର ମଲ୍ଲିକ ସୁରେନ୍ଦ୍ର ପ୍ରଧାନ, ସୌରଭ ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ।

## ବ୍ରଜପାତରେ ଜଳିଲା ନଡିଆ ଗଛ ଟ୍ରାକ୍ଟର ଚାଳକ ଆହତ

ପାଣିକୋଇଲି, (ସବ୍ୟୁ) : ପ୍ରବଳ ତାତି ଚାଲିଥିବା ବେଳେ ଆଜି ଅପରାହ୍ନରେ କାଳ ବୈଶାଖି ବର୍ଷା କିଛିଟା ଆଶ୍ୱସ୍ତ ଦେଇଛି । ଶୁଖିଲା ବ୍ରଜପାତ ସହ ସ୍ୱଳ୍ପ ବର୍ଷା ହୋଇଛି । ବଜ୍ରପାତ ଯୋଗୁ ନଡିଆ ଗଛ ଜଳିବା ସହ ଜଣେ ଯୁବକ ଲୁନାରୁ ଖସିପଡି ଆହତ ହୋଇଛନ୍ତି । ପ୍ରକାଶଯେ ଆଜି ଅପରାହ୍ନରେ ହଠାତ୍ ଆକାଶ ମେଘାଚ୍ଛନ୍ନ ହୋଇ ବିଜୁଳି ମାରିଥିଲା । ଫଳରେ ଯାଜପୁର ବ୍ଲକ ଅନ୍ତର୍ଗତ ମତାବଜ ଗ୍ରାମର ଓକିଲ ଖାଁଙ୍କ ଘର ଆଗରେ ଥିବା ଏକ ନଡିଆ ଗଛ ଜଳିବାକୁ ଲାଗିଥିଲା । ସେହିପରି ମତାବଜ ଗ୍ରାମର ଅଭିନ ଦଳେଇ (ଜଣେ ଟ୍ରାକ୍ଟର ଡ୍ରାଇଭର) ଲୁନାରେ ଯାଉଥିବା ବେଳେ ବଜ୍ରପାତ ହେବାରୁ ସେ ଲୁନାରୁ ଛିଟିକି ପଡି ଆହତ ହୋଇଥିବା ସୂଚନା ମିଳିଛି । ଯାଜପୁର ଟାଉନ ଦମକଳ ବାହିନୀ ପହଂଚି ନିଆଁକୁ ଆୟତ କରିଛି ।

## ପାଟକୁରାରେ ବଢୁଛି ଚୋରି, ଛିନତାଇ

କେନ୍ଦ୍ରାପଡ଼ା,(ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ନିର୍ବାଚନ ମଣ୍ଡଳୀରେ ସମ୍ପ୍ରତି ଚୋରି ଓ ଛିନତାଇ ଘଟଣା ବଢୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟ ଏବଂ ଅସୁରକ୍ଷାର ପରିବେଶ ସୃଷ୍ଟି ହୋଇଛି । ବିଶେଷକରି ବରିଷ୍ଠ ନାଗରିକ ଏବଂ ମହିଳାମାନେ ରାସ୍ତାରେ ଚଳାଚଳ କରିବା ସମୟରେ ନିଜ ସୁରକ୍ଷାକୁ ନେଇ ଚିନ୍ତିତ ରହୁଛନ୍ତି ।ଆଜି କେନ୍ଦ୍ରାପଡ଼ା ସଦର ଥାନା ଦକ୍ଷିଣପାରି ବାର ବୋଡ଼ିଆ ଗ୍ରାମରେ ଘଟିଥିବା ଏକ ଘଟଣା ପୁଣିଥରେ ଏହି ସମସ୍ୟାକୁ ଚର୍ଚ୍ଚାର କେନ୍ଦ୍ରକୁ ଆଣିଛିଛ ସୂଚନା ଅନୁଯାୟୀ, ଜଣେ ବରିଷ୍ଠ ମହିଳା ଏବଂ ପୂର୍ବତନ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରମୋଦା କୁମାରୀ ଖଣ୍ଡୁଆଳ ଏବଂ ଅନ୍ୟଜଣେ ବରିଷ୍ଠ ମହିଳା ପ୍ରାତଃ ଭ୍ରମଣ ରେ ଯାଇ ପଞ୍ଚାୟତ ସମିତି ପାର୍ଶ୍ୱରେ ଫୁଲ ତୋଳୁଥିଲେ । ସେହି ସମୟରେ ହଠାତ୍ ଦୁଇଜଣ ଯୁବକ ସେଠାରେ ପହଞ୍ଚି ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ପଳାଇ ଯାଇଥିବା ଅଭିଯୋଗ ହୋଇଛି । ଘଟଣା ଘଟିବା ପରେ ପୀଡ଼ିତା ଏବଂ ସାଙ୍ଗରେ ଥିବା ଅନ୍ୟମାନେ ଚିତ୍କାର କରି ସାହାଯ୍ୟ ମାଗିଥିଲେ । ସ୍ଥାନୀୟ ଲୋକମାନେ ପରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଏବଂ ସୁରକ୍ଷା ବ୍ୟବସ୍ଥା କଡ଼ା କରିବା ପାଇଁ ଦାବି କରିଥିଲେ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହା କୌଣସି ଏକକ ଘଟଣା ନୁହେଁ । ଗତ କିଛି ମାସ ଧରି ଅଞ୍ଚଳରେ ଚେନ୍ ଛଡ଼ାଇବା, ଚୋରି ଏବଂ ଚିନ୍ତାଇ ଭଳି ଘଟଣା ନିୟମିତ ଭାବେ ଘଟୁଛି । ଏଥିପାଇଁ ସକାଳ ଓ ସନ୍ଧ୍ୟା ସମୟରେ ବାହାରକୁ ଯିବାକୁ ଲୋକମାନେ ଭୟ କରୁଛନ୍ତି । ବିଶେଷ କରି ବୟସ୍କ ବ୍ୟକ୍ତି ଏବଂ ମହିଳାମାନେ ନିଜକୁ ଅଧିକ ଅସୁରକ୍ଷିତ ମନେ କରୁଛନ୍ତି । ସ୍ଥାନୀୟ ବାସିନ୍ଦାମାନେ ପୁଲିସ ପ୍ରଶାସନକୁ ଅଞ୍ଚଳରେ ପାଟ୍ରୋଲିଂ ବଢ଼ାଇବା, ସନ୍ଦିଗ୍ଧ ଲୋକଙ୍କ ଉପରେ ନଜର ରଖିବା ଏବଂ ଦୋଷୀମାନଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଦାବି କରିଛନ୍ତି ।

## ପଥରରେ ଛେଚି ହତ୍ୟା ଉଦ୍ୟମ : ମୁଖ୍ୟ ଅଭିଯୁକ୍ତ ଗିରଫ

ଜଗତସିଂହପୁର, (ସବ୍ୟୁ) :ବାଲିଅନ୍ତା,ବ୍ରହ୍ମପୁର ଠାରୁ ବଳିଯାଇଥିଲା ଜଗତସିଂହପୁର ଘଟଣା ।ତଳେ ପକାଇ ହାତ ଗୋଡ ବାନ୍ଧି ପଥରରେ ଛେଚିଲେ ।ଦୁଇ ମାସ ବିତିଯାଇଥିଲେ ବି ପୋଲିସ କୌଣସୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଚୁପ ହୋଇ ବସି ରହିଥିଲା ।ପିଡିତଙ୍କ ପରିବାର ଲୋକେ ସଦର ଥାନାକୁ ଦୌଡି ଦୌଡି ନିରାଶ ହୋଇ ଭୟରେ ଘରେ ରହିଥିଲେ । ଜଗତସିଂହପୁର ପୋଲିସ ପଥରରେ ଛେଚି ହତ୍ୟା ଉଦ୍ୟମ ଘଟଣାରେ ଚୁପ ହୋଇ ବସିବାକୁ ସାଧାରଣରେ ତିବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଥିଲା ।ଫଳରେ ଆକ୍ସନ ମୁଡକୁ ଆସିଥିଲେ ଜଗତସିଂହପୁର ଏସପି ଅଙ୍କିତ କୁମାର ବର୍ମା ।ଏସପିଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତ ପାଗଲୁ ନନା ଓରଫ ସିତାଂଶୁ ଭୂଷଣ ଦାଶଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ତଥା ସାନ ଭାଇ ଅରୁଣ କୁମାରଦାଶ ଫେରାର ରହିଛନ୍ତି। ସୁଚନା ଅନୁସାରେ ଜଗତସିଂହପୁର ସଦର ଥାନା କୂଳସାହି ଗାଁର ସୁଶାନ୍ତ ବାରିକଙ୍କୁ ପୁରୋହିତ ଛକ ନିକଟରେ କୌଣସୀ କାରଣରୁ ଖେରସ ଗ୍ରାମର ସିତାଂଶୁ ଭୂଷଣ ଦାଶ ଓ ତାଙ୍କ ଭାଇ ଅରୁଣ କୁମାର ଦାଶ ପଥରରେ ଛେଚି ହତ୍ୟା ଉଦ୍ୟମ କରି ରାସ୍ତା କଡରେ ଫିଙ୍ଗି ଦେଇଥିଲେ ।ଏହି ଘଟଣା ଗତ ମାର୍ଚ୍ଚ ୪ ତାରିଖ ହୋଲି ଦିନ ହୋଇଥିବା ବେଳେ ଦୁଇ ମାସ ବିତିଲାଣି ।ପଥରରେ ଛେଚିବା ଭିଡିଓ ଭାଇରାଲ ହେବା ପରେ ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ।ଏ ବାବଦରେ ଶୁଶାନ୍ତଙ୍କ ପରିବାର ଲୋକେ ସଦର ଥାନାରେ ଏତାଲା ଦେଇଥିଲେ ।ଏତଲା ଦେବାରହୋଇଥିଲା । ତେବେ ଡେରିରେ ହେଉ ପଛେ ସଦର ଥାନା ଅଧୀକାରୀ ଶୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ଯାଇ ମୁଖ୍ୟ ଅଭିଯୁକ୍ତ ପାଗଲୁ ନନା ଓରଫ ଶିତାଂଶୁ ଭୂଷଣ ଦାଶଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ତଥା ତାର ଭାଇ ଅରୁଣ କୁମାର ଦାଶ ଫେରାର ରହିଛି ।ଆଜି ଗିରଫ ମୁଖ୍ୟ ଅଭିଯୁକ୍ତକୁ ପୋଲିସ କୋର୍ଟ ଚାଲାଣ କରିଥିବ ଏସଡିପିଓ ରଶ୍ମି ରଞ୍ଜନ ଦାଶ ସୁଚନା ଦେଇଛନ୍ତି ।ଅନ୍ୟ ଅଭିଯୁକ୍ତଙ୍କୁ ଖୁବ ଶିଘ୍ର ଗିରଫ କରାଯିବ ବୋଲି କହିଛନ୍ତି ଏସଡିପିଓ ।

## ବଢୁଛି ବ୍ରାଉନସୁଗର କାରବାର : ଚିନ୍ତାରେ ପରିବାର

ନାଉଗାଁ,(ସବ୍ୟୁ) : ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅଞ୍ଚଳରେ ବ୍ରାଉନସୁଗର କାରବାର ବୃଦ୍ଧି ପାଇବାରେ ଲାଗିଛି । ଅଭିଯୋଗରୁ ଜଣାଯାଏ ଯେ, ଅଲଣାହାଟ , ମୁଣ୍ଡଳୋ , କୁଣ୍ଡେଶ୍ୱର , ନୂଆପାଟଣା , ଭାତପଡା , ବାହାଲିଆସାହି , ଶୁଦ୍ଧକଣ୍ଠି , ଦେଦୋଳ, ଜାମୁଗାଁ , କଣ୍ଟୁଣିଆ , ନାଉଗାଁହାଟ, ସାରେଇକୁଳ , ଡେରିକି,ଗଙ୍ଗଦା, ଗାରୋଇ , ଓଷକଣା ଆଦି ସ୍ଥାନ ମାନଙ୍କରେ ସୁବିଧା ଓ ସହଜରେ ଏହି ନିଶା ଦ୍ରବ୍ୟ ମିଳିଯାଉଥିବାରୁ ଯୁବପିଢି ଏହାକୁ ସେବନ କରି ବିପଥଗାମୀ ହେଉଛନ୍ତି । ଏହାକୁ ସେବନ କରିବା ଦ୍ୱାରା ଧୀରେ ଧୀରେ ପିଲାମାନେ ସେଥିପ୍ରତି ଆକୃଷ୍ଟ ହେଉଛନ୍ତି। ଯାହାକି ପ୍ରତିପରିବାରରେବାପା,ମା'ଙ୍କର ଚିନ୍ତା ବଢାଇଲାଣି। ପାରିବାରିକ ଅଶାନ୍ତି ବଢୁଥିଲେ ମଧ ନିଶା ସେବନ ପାଇଁ ପିଲାମାନେ ବିଭିନ୍ନ ସ୍ଥାନରୁ ଚୋରି କରିବାକୁ ମଧ୍ୟ ପଛାଉ ନାହାନ୍ତି। ବିଭିନ୍ନ ନିଶା ସାମଗ୍ରୀକୁ ରୋକିବା ପାଇଁ ସରକାରଙ୍କ ତରଫରୁ ଜିଲ୍ଲାସ୍ତରୀୟ କମିଟି ଗଠନ କରିବାର ନିର୍ଦ୍ଦେଶ ରହିଛି । କିନ୍ତୁ ଏହି ଜିଲ୍ଲାରେ କମିଟି କିଛି କାର୍ଯ୍ୟ କରୁଥିବା ଭଳି ମନେ ହେଉନାହିଁ । ପିଲାମାନେ ସ୍କୁଲ ଓ କଲେଜ ଯିବା ବାଟରେ ନିଶା ମିଳିଯାଉଥିବାରୁ ସେମାନେ ଏହାକୁ ସହଜରେ ସେବନ କରୁଥିବା ମଧ ଅଭିଯୋଗ ହେଉଛି। ବିଶେଷକରି ଏହି ବେପାର ପାଇଁ ନିର୍ଦ୍ଦିଷ୍ଟ କୌଣସି ଦୋକାନ ନଥିବା ବେଳେ ବାଇକ ମାଧ୍ୟମରେ କିଛି ଯୁବକ ନିଛାଟିଆ ରାସ୍ତା ପାର୍ଶ୍ୱ ଦେଖ ଠିଆ ହେଉଛନ୍ତି । ଯାହାଫଳରେ ପୋଲିସ ଏମାନଙ୍କ ନିକଟରେ ସହଜରେ ପହଞ୍ଚିପାରୁନାହିଁ। ନାଉଗାଁ ବ୍ଲକ ଅଞ୍ଚଳରେ କେତେକ ଗ୍ରାମରେ ଯୁବକମାନେ ଅତ୍ୟଧିକ ନିଶାସେବନ କରି ନାନା ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ଅଭିଯୋଗ ହେଉଥିଲେ ମଧ ସେଭଳି କିଛି ଆଖି ଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରିବାର ଦେଖାଯାଉନଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ବ୍ରାଉନସୁଗରକୁ କେହି ସିଗାରେଟ ମାଧ୍ୟମରେ ତ କେହି ଭାଙ୍ଗ ସହିତ ମିଶାଇ ଖାଉଥିବା ଜଣାଯାଇଛି। ଯୁବ ପିଢିକୁ ନିଶା ଠାରୁ ଦୂରେଇ ରଖିବା ପାଇଁ ବ୍ୟାପକ ସଚେତନତା କରିବା ସହିତ ପୋଲିସ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି । ଏଡି ନିଶା କାରବାର ସମସ୍ୟାକୁ ନେଇ ଥାନାଧିକାରୀ ଦେବାଶୀଷ ପଣ୍ଡାଙ୍କୁ ପଚାରିବାରେ ପ୍ରାୟ ସବୁ ସ୍ଥାନରେ ଆମେ କଡାକଡି ଯାଞ୍ଚ କରୁଛୁ ଆଗକୁ ପାଟ୍ରୋଲିଂକୁ କଡାକଡି କରାଯିବ ବୋଲି କହିଛନ୍ତି ।

## ବର୍ଷା ଋତୁ ପୂର୍ବରୁ ଚଣ୍ଡିଖୋଲ ବଜାର ସହିତ ପ୍ରସ୍ତାବିତ ସ୍ଥାନରୁ ଜଳ ନିଷ୍କାସନ ବ୍ୟବସ୍ଥା
### ବିଧାୟକ -ଜିଲ୍ଲାପାଳଙ୍କ ଉପସ୍ଥିତିରେ ଉଚ୍ଚସ୍ତରୀୟ ଅନୁଧ୍ୟାନ



ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲାର ଏକ ବ୍ୟବସାୟୀକ ପେଣ୍ଠସ୍ଥଳ ତଥା ସଦ୍ୟ ଏନଏସି ମାନ୍ୟତା ପାଇଥିବା ଚଣ୍ଡିଖୋଲ ବଜାରେ ଲାଗିରହିଥିବା ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ସହିତ ବଜାର ସଂଲଗ୍ନ ଜାତୀୟ ରାଜପଥ ପାର୍ଶ୍ୱରେ ଲାଗିରହିଥିବା ଜଳ ନିଷ୍କାସନ ସମସ୍ୟାକୁ ବର୍ଷା ଦିନ ପୂର୍ବରୁ ସମାଧାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବଡଚଣା ବିଧାୟକ ଅମରକୁମାର ନାୟକଙ୍କ ନେତୃତ୍ୱରେ ଗୁରୁବାର ଦିନ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଚଣ୍ଡିଖୋଲରେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିବା ପରେ ଏହି ନିଷ୍ପତ୍ତି ନେଇଥିଲେ। ଯାଜପୁର ଜିଲ୍ଲାପାଳ ଅମ୍ବରକୁମାର କର ଏହି କ୍ଷେତ୍ର ପରିଦର୍ଶନ ସମୟରେ ଚଣ୍ଡିଖୋଲ ବଜାରର କୋର୍ଟ ଛକରେ ଦୀଶାହୀନ ଭାବେ ଚାଲିଥିବା ରାସ୍ତା ନିର୍ମାଣ କାମକୁ ନାପସନ୍ଦ କରିବା ସହ ଏହି ସ୍ଥାନରେ ଚଣ୍ଡିଖୋଲର ଅଧିକାଂଶ ବଡବଡ ସରକାରୀ କାର୍ଯ୍ୟାଳୟ, କୋର୍ଟ, ପ୍ରେସକ୍ଲବ ,ଜିଲ୍ଲା ଅଡିଟ ଅଫିସ,ଟ୍ରାଫିକଥାନା କାର୍ଯ୍ୟାଳୟ, ଆରଡି ଅଫିସ ରହିଥିବାରୁ ଏଠାରେ ଲୋକମାନଙ୍କ ସୁରକ୍ଷିତ ଗମନାଗମନକୁ ନିଶ୍ଚିତ କରିବା ପାଇଁ ଜାତୀୟ ରାଜପଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ସ୍ଥଳେ ଏଠାରେ ଏକ ଅଣ୍ଡରପାସ ସହିତ କୋର୍ଟ ପଟରେ ସ୍ଥାୟୀ ସର୍ଭିସ ରୋଡ ନିର୍ମାଣ ପାଇଁ ମଧ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।ସେହିପରି ଚଣ୍ଡିଖୋଲ ବଜାର ସମେତ କ୍ଷେତ୍ରବ୍ୟାଙ୍କ ନିକଟରୁ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥାକୁ ନିଶ୍ଚିତ କରିବା,ରାହାଶାଳ ନାଳରେ ବଜାରର ଉଦବୃତ ଜଳ ନିଷ୍କାସନ ହେବାପାଇଁ ବର୍ଷା ଦିନ ପୂର୍ବରୁ ବ୍ୟବସ୍ଥା କରିବା ପାଇଁ ବିଧାୟକ ଶ୍ରୀ ନାୟକ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।୫୩ ନମ୍ବର ଓ ୧୬ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ ସମୟରେ ଚଣ୍ଡିଖୋଲ ସମେତ,ବେଣାପୁର,ଭାକୁଡ ଓ ବାଲିଚନ୍ଦ୍ରପୁର ତୁଳସୀଡାବା ନିକଟରେ ସୃଷ୍ଟି ହୋଇଥିବା ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ରାଜପଥ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ରାସ୍ତା ନିର୍ମାଣ ବେଳେ ଗେଙ୍ଗୁଟି ନଦୀର କୋଟିଏ ପାର୍ଶରେ ମାଟିପଡି ପୋତିହୋଇ ଯାଇଥିବାରୁ ନଦୀର ଗତିପଥ ପରିବର୍ତ୍ତନ ହୋଇଯାଇଥିବା ପରିଦର୍ଶନ ସମୟରେ ଦେଖାଯାଇଥିଲା। ବର୍ଷା ଦିନ ପୂର୍ବରୁ ନଦୀରୁ ମାଟି ସଫାକରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ୮ ତାରିଖ ଦିନ ଚଣ୍ଡିଖୋଲ ଏନଏସି ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ବିଭିନ ଗଣ ସଙ୍ଗଠନଙ୍କୁ ନେଇ ଆହୂତ ପରାମର୍ଶଦାତା ବୈଠକରେ ଏହିସବୁ ସମସ୍ୟା ନେଇ ଆଲୋଚନା ହେବା ସହିତ କ୍ଷେତ୍ରପରିଦର୍ଶନ ପାଇଁ ନିଷ୍ପତି ହୋଇଥିଲା।ଆଜିର ଏହି ଉଚ୍ଚ ସ୍ତରୀୟ କ୍ଷେତ୍ର ପରିଦର୍ଶନରେ ବିଧାୟକ ଓ ଜିଲ୍ଲାପାଳଙ୍କ ସହ ୧୬ ଓ ୫୩ ନମ୍ବର ଜାତୀୟ ରାଜପଥର ଅଧିକାରୀ,ଦର୍ପଣ ତହସିଲଦାର ମାନସକୁମାର ତ୍ରିପାଠୀ, ବିଡିଓ ତଥା ଏନଏସିନିର୍ବାହୀ ଅଧିକାରୀ ରବିନ୍ଦ୍ରକୁମାର ପ୍ରଧାନଙ୍କ ସହିତ ଜଳସେଚନ,ଡ୍ରେନେଜ ବିଭାଗର ଉଚ୍ଚ ଅଧିକାରୀ ମାନେ ସାମିଲ ହୋଇଥିଲେ।

## ଅସମ୍ପୂର୍ଣ୍ଣ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନକୁ ନେଇ ମହିଳା ବିଜେଡିର ବ୍ଲକ ସମ୍ମୁଖରେ ବିକ୍ଷୋଭ



କୁଆଁପାଳ,(ସବ୍ୟୁ) : ଗତ ୨୦୨୦ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଉତ୍କଟ ପାନୀୟଜଳ ସମସ୍ୟାକୁ ଦୂର କରିବା ନିମନ୍ତେ ୨୦୦ କୋଟି ବ୍ୟୟ ଅଟକଳରେ ମେଗା ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ଅନୁଦାନ ଦେଇଥିଲେ । ୨୦୨୦ରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା । ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୪୪ ଗୋଟି ପଂଚାୟତର ୨୧୧ ଗ୍ରାମର ୫୦ ହଜାରରୁ ଉର୍ଦ୍ଧ୍ୱ ପରିବାରକୁ ପିଇବା ପାଣି ପହଂଚାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ୨୦୨୪ ରେ ସରକାର ପରିବର୍ତନ ପରେ ବିଜେପି ସରକାର ଶାସନ ଭାର ଗ୍ରହଣ କରିବା ପରେ ଦୁଇ ବର୍ଷ ମଧ୍ୟରେ ସରକାର ପ୍ରକଳ୍ପ କାର୍ଯ୍ୟ ସାରିବା ନିମନ୍ତେ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରି ନଥିଲେ । ଯାହା ଫଳରେ ଏହି ପ୍ରକଳ୍ପ ଅସଂପୁର୍ଣ୍ଣ ହୋଇଥିବାବେଳେ କାହା ସ୍ୱାର୍ଥରେ ସ୍ଥାନୀୟ ବିଧାୟକ ପଂଚାୟତରାଜ ମନ୍ତ୍ରୀଙ୍କୁ ଡାକି ଉଦ୍ଘାଟନ କରିବା ଓ ୪୪ ପଂଚାୟତର ସମସ୍ତ ପରିବାର ନିକଟରେ ଏହି ପାନୀୟ ଜଳ ନ ପହଂଚିବା ପ୍ରତିବାଦରେ ଆଜି ମାହାଙ୍ଗା ମହିଳା ବିଜୁ ଜନତା ଦଳ ପକ୍ଷରୁ କୁଆଁପାଳ ସ୍ଥିତ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମାହାଙ୍ଗା ମହିଳା ବିଜେଡି ସଭାନେତ୍ରୀ ସୁସ୍ମିତା ଦାସଙ୍କ ନେତୃତ୍ୱରେ କୁଆଁପାଳ ତାରିଣୀ ମନ୍ଦିର ଠାରୁ ଏକ ବିରାଟ ପଟୁଆରରେ ଶତାଧିକ ମହିଳା ସରକାରୀ ବିରୋଧି ନାରାବାଜି ଦେଇ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିରେ ପୂର୍ବତନ ମହିଳା କମିଶନର ତଥା ରାଜ୍ୟ ବିଜେଡି ମହିଳା ସଂପାଦିକା ଡଃ ମିନତୀ ବେହେରା ,କଟକ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଅନିତା ବେହେରା,ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ଜ୍ୟୋତି ରେଖା ନାୟକ,ସସ୍ମିତା ମହାନ୍ତି ,ସମିତିସଭ୍ୟା ବନଲତା ଦଳାଇ,ଅମ୍ବିକା ପରିଡା,ଶସ୍ମିତା ନାୟକ,ଚିନ୍ମୟୀ ସିଂହ ଙ୍କ ସମେତ ମାହାଙ୍ଗାର ବହୁ ମହିଳା ବିଜେଡି ନେତ୍ରୀ ଓ କର୍ମୀ ଯୋଗଦେଇ ଥିଲେ । ଆଗାମୀ ଦିନରେ ସମସ୍ତ ପରିବାର ନିକଟରେ ପାନୀୟ ଜଳ ପହଂଚିବା ନେଇ ସନ୍ଦେହ ସୃଷ୍ଟି ହୋଇଛି ବୋଲି କହିବା ସହ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ । ଅପର ପକ୍ଷରେ ଏହି ଅସଂପୁର୍ଣ୍ଣ ପାନୀୟ ଜଳ ପ୍ରକଳ୍ପକୁ ଉଦ୍ଘାଟନ କରାଯାଇଥିବାରୁ ଏହାର ବିଧିବଦ୍ଧ ତଦନ୍ତ କରି ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୂପ ଦାବୀ କରିଥିଲେ ।

# ମାତ୍ରାଧିକ ବିଦ୍ୟୁତ କାଟ : ପ୍ରତିବାଦରେ ଧାରଣା



କଣ୍ଟିଲୋ,(ସବ୍ୟୁ):ଟାଟାପାଓ୍ୱାରରକଣ୍ଟିଲୋ ବିଦ୍ୟୁତ ବିଭାଗ ସେକ୍ସନ ଅନ୍ତର୍ଗତ ଅଞ୍ଚଳରେ ଦିନ ଦିନ ଧରି ଅଘୋଷିତ ବିଦ୍ୟୁତ କାଟ ହେଉଛି । ଏହି ବିଦ୍ୟୁତ କାଟ ପ୍ରତିବାଦରେ ଗୁରୁବାର ସନ୍ଧ୍ୟାରେ କଣ୍ଟିଲୋ ବଜାର ନିକଟସ୍ଥ ଟିପିସିଓଡିଏଲ ଅଫିସ ସମ୍ମୁଖରେ ଗ୍ରାମବାସୀଧାରଣା ଦେଇଛନ୍ତି ।ଗତ ୩ଦିନ ଧରି କଣ୍ଟିଲୋ ଅଞ୍ଚଳରେ ମାତ୍ରାଧିକ ଭାବେ ଦିନକୁ ୧୨ ଘଣ୍ଟାରୁ ଅଧିକ ସମୟ ଅଘୋଷିତ ବିଦ୍ୟୁତ କାଟ ହେଉଛି । ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ କାଟ ଅସହ୍ୟ ହେଉଛି । ଏଥି ଯୋଗୁ ଗ୍ରାମରେ ଜଳାଯୋଗାଣ ପ୍ରଭାବିତ ହେଉଛି । ଏହାର ପ୍ରତିବାଦ ସ୍ୱରୂପ ଗ୍ରାମର ଶତାଧିକ ମହିଳା, ପୁରୁଷ ବିଦ୍ୟୁତ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ ।ଖବର ପାଇ ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ ଘଟଣା ସ୍ଥଳକୁ ଆସି ବୁଝା ସୁଝା କରିଥିଲେ । ହେଲେ ଲୋକମାନେ ତାଙ୍କ କଥା ନଶୁଣି ଖବର ଲେଖା ହେବା ପର୍ଯ୍ୟନ୍ତ ଧାରଣା ଜାରିରଖିଥିଲେ ।

## ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ

ସାକ୍ଷୀଗୋପାଳ ,(ସବ୍ୟୁ): ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ନିକଟରେ ଏକ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ର ବୁଧବାରଦିନ ଉଦଘାଟିତ ହୋଇଛି । ସତ୍ୟବାଦୀ ବିଡ଼ିଓ ତଥା ମନ୍ଦିର ପରିଚାଳନା କମିଟି ସଦସ୍ୟ ଦେବାଶିଷ ନାୟକ ମୁଖ୍ୟ ଅତିଥି ଭାବରେ ଏହି ପାନୀୟ ଜଳ କେନ୍ଦ୍ର ଉଦଘାଟନ କରିଥିଲ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା, ଗୋଷ୍ଠୀ ପ୍ରାଣୀ ସମ୍ପଦ ଅଧିକାରୀ ତଥା ପରିଚାଳନା କମିଟି ସଦସ୍ୟ ବନଜକାନ୍ତ ପତି, ଅତିରିକ୍ତ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି, ଏହି କେନ୍ଦ୍ର ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିବା ଭିରବାକ ପ୍ରାଣୀ ଔଷଧ ପ୍ରସ୍ତୁତ କମ୍ପାନିର ଏରିଆ ମ୍ୟାନେଜର ଅମୁଲ୍ୟ କୁମାର ସାହୁ, ସହଯୋଗୀ ଦିପଙ୍କର ନାୟକ ଓ ଲକ୍ଷ୍ମୀ ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏଥିପାଇଁ କମ୍ପାନୀ ପକ୍ଷରୁ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହିପରି ୪ଟି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ବୋଲି ମ୍ୟାନେଜର ଶ୍ରୀଯୁକ୍ତ ସାହୁ ପ୍ରକାଶ କରିଥିଲେ ।

# କୁହୁଡିରେ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ




ଅସ୍ତରଙ୍ଗ ,(ସବ୍ୟୁ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ସହୀଦ ସ୍ମୃତି ପୀଠ କୁହୁଡି ଠାରେ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କାକଟପୁର ଅସ୍ତରଙ୍ଗ ପକ୍ଷରୁ ଗୁରୁବାର ଦିନ ୯୬ତମ ରାଜ୍ୟ ସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପାଳିତ ହୋଇଯାଇଛି ଏଥିରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗ ଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ଗାନ୍ଧୀ ଦର୍ଶନ ବିଚାରକ ତଥା ସୁ ସାହିତ୍ୟିକ ଦାସ ବେନହୁର ଓ ବରିଷ୍ଠ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଗାନ୍ଧିଜୀ ମୂଲ୍ୟବୋଧର ଆଧାର ଓ ବିଶ୍ୱର ସମସ୍ତ ଦେଶ ପାଇଁ ଏକ ଶ୍ରେଷ୍ଠ ପରିଚୟ ବୋଲି କହିଥିଲେ ।

ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ,ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସଂଗ୍ରାମୀ ଦାୟାଦ, ପ୍ରମୁଖ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମ, ଲବଣ ସତ୍ୟାଗ୍ରହ ଓ କୁହୁଡି ର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ମାରକୀ ସମାରୋହ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥିମାନଙ୍କ ଶୁଭେଚ୍ଛା ବାର୍ତ୍ତା ପଠନ କରାଯାଇଥିଲା । ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ପ୍ରକାଶିତ ସ୍ମରଣିକା ଅତିଥିମାନେ ଉନ୍ମୋଚନ କରିଥିଲେ ।ଗତ ମାଟ୍ରିକ ପରୀକ୍ଷାରେ ଅସ୍ତରଙ୍ଗ ବ୍ଲକ ସ୍ତରରେ ସର୍ବାଧିକ ନମ୍ବର ରଖିଥିବା ୪ ଜଣ ଛାତ୍ର ଛାତ୍ରୀ ସୁଚିସ୍ମିତା ସେଠୀ, ସୂରଜ ପ୍ରଧାନ, ପୁଷ୍ପଜିତ ପ୍ରଧାନ ଓ ଶଶାଙ୍କ ଦଳାଇଙ୍କୁ ଅତିଥିମାନେ ମାନପତ୍ର ଓ ଆର୍ଥିକ ସହଯୋଗ ମାଧ୍ୟମରେ ସମ୍ବର୍ଦ୍ଧିତ କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ କାଳନ୍ଦୀ ଚରଣ ଛାଟୋଇ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାନଭାଇ ପରିବାରକୁ ସଂଘବଧ ଆକ୍ରମଣ , ୩ ଆହତ

ବାଙ୍କୀ,(ସବ୍ୟୁ): ବାଙ୍କୀ ଥାନା ଅନ୍ତର୍ଗତ କିଆପଲ୍ଲା ପଞ୍ଚାୟତର ଡେଙ୍ଗାଆମ୍ବ ଗ୍ରାମରେ ଘଟିଛି ପାରିବାରିକ କଳହ । ବଡ ଭାଇର ପରିବାର ଲୋକେ ମିଳିମିଶି ସାନ ଭାଇର ପରିବାରଙ୍କୁ ସଂଘବଧ ଆକ୍ରମଣ କରିଛନ୍ତି । ବୁଧବାର ସନ୍ଧ୍ୟାରେ ସାନ ଭାଇ ଦିଲ୍ଲୀପ କୁମାର ବେହେରା ଘରେ ପୂଜା କରୁଥିବା ସମୟରେ ବଡ଼ ଭାଇର ପରିବାର ଲୋକେ ପ୍ରଥମେ ଗାଳି ଗୁଲଜ କରୁଥିଲେ । କାହିଁକି ଗାଳି କରୁଛ ବୋଲି ଦିଲ୍ଲୀପଙ୍କ ପନ୍ନୀ ରଞ୍ଜିତା ବେହେରା ପଚାରିବାରୁ ବଡ ଭାଇ ବିଶନାଥ ବେହେରା ଓ ତାଙ୍କ ପନ୍ନୀ ପୁଣି ଗାଳି ଗୁଲଜ କରି ମାଡ ମାରିବାକୁ ଉଦ୍ୟମ କରୁଥିବା ଦେଖି ବଡ଼ ଭାଇର ପୁଅ ଝିଅ ମିଶି ସାନ ଭାଇ, ବୋହୁ ଓ ଦୁଇ ଝିଅଙ୍କୁ ଗାଆଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ମାଡ ମାରି ରକ୍ତାକ୍ତ କରି ଥିବାର ବାଙ୍କୀ ଥାନାରେ ଅଭିଯୋଗ କରିଛନ୍ତି ଆହାତ ଦିଲ୍ଲୀପଙ୍କ ପନ୍ନୀ ରଞ୍ଜିତା ବେହେରା । ତିନି ଜଣ ଯାକ ଆହାତଙ୍କୁ ରକ୍ତାକ୍ତ ଅବସ୍ଥାରେ ପ୍ରଥମେ ବାଙ୍କୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରା ଯାଇଥିଲା । ସାମାନ୍ୟ ସୁସ୍ଥ ହେବା ପରେ ପରେ ବାଙ୍କୀ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି ।ଅଭିଯୋଗକୁ ଆଧାର କରି ବାଙ୍କୀ ପୋଲିସ ଡେଙ୍ଗା ଆମ୍ବଗାଆଁ ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଆହାତ ମାନଙ୍କୁ ବୋମା ମାଡ କରି ମାରିଦେବାକୁ ଧମକ ଦେବାରୁ ଭୟରେ ଗାଆଁକୁ ଯାଉ ନ ଥିବାର ଅଭିଯୋଗ ହୋଇଛି ।

## ୭ଶହ ଲିଟର ମଦ, ବୋଲେରୋ ଜବତ

ନରସିଂହପୁର, (ସବ୍ୟୁ): କଟକ ଜିଲ୍ଲା ନରସିଂହପୁର ଥାନା ଅନ୍ତର୍ଗତ ପଞ୍ଚମୁଖୀ ଛକ ନିକଟରୁ ଏକ ବୋଲେରୋରେ ଚୋରା ରନ୍ଧା ଦେଶୀ ମଦ ବୋଝେଇ ହୋଇ ଏହି ଅଞ୍ଚଳକୁ ଆସୁଥିବା ବେଳେ ନରସିଂହପୁର ପୁଲିସ ଜବତ କରିଛନ୍ତି ।ଯେଉଁ ଠାରେ ନରସିଂହପୁର ଅବକାରୀ ବିଭାଗ ସମ୍ପୂର୍ଣ୍ଣ ଫେଲ ମାରିଥିବା ବେଳେ ନରସିଂହପୁର ପୁଲିସକୁ ବଡ଼ ସଫଳତା ହୋଇଛି । ସ୍ଥାନୀୟ ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ପଞ୍ଚମୁଖୀ ଛକ ନିକଟରେ ଜଗି ରହିଥିଲେ । ସେହି ସମୟରେ ବଡମ୍ବା-ନରସିଂହପୁର ମୁଖ୍ୟ ରାସ୍ତା ଦେଇ ତିଗିରିଆ ଥାନା ଅନ୍ତର୍ଗତ ବିରୁଡ଼ା ଅଞ୍ଚଳରୁ ଏକ ବୋଲେରୋରେ ବୋଝେଇ ହୋଇ ଆସୁଥିବା ଗାଡିକୁ ପୁଲିସ ଅଟକାଇବା ପାଇଁ ରାସ୍ତା ଉପରେ ଛିଡା ହୋଇଥିଲେ । ଏହା ବୋଲେରୋର ଜୈନିକ ଚାଳକ ଗାଡିଟିକୁ ବହୁ ଦୂରରେ ଛାଡ଼ି ଫେରାର ହୋଇ ଯାଇଥିଲା । ସେହି ସମୟରେ ହଠାତ ବୋଲେରୋଟି ଅଟକିଥିବା ଦେଖି ପୁଲିସ ଗାଡି ନିକଟରେ ପହଁଞ୍ଚିଥିଲା ।ବିପୁଳ ପରିମାଣର ନକଲି ରନ୍ଧା ଦେଶୀ ମଦ ।ବୋଲେରୋ ଯାଞ୍ଚ ପରେ ସେଥିରୁ ୨୦ଟି ୩୫ଲିଟର ଜାରକିନ ଦେଖିବାକୁ ମିଳିଥିଲା ।ଥାନା ପକ୍ଷରୁ ଯାଞ୍ଚ ପରେ ସେଥିରେ ନକଲି ରନ୍ଧା ଦେଶୀ ମଦ ଥିଲା ବୋଲି ପୁଲିସ ପକ୍ଷରୁ ଜଣାପଡ଼ିଛି ।ଉକ୍ତ ବୋଲେରୋଟିରେ ଏକ ବାଇକର ନମ୍ବର ଲାଗିଥିବା ଜଣାପଡିଛି ।ସେହି ବୋଲେରୋରୁ ୭୦୦ ଲିଟର ନକଲି ଦେଶୀ ମଦ ସହିତ ବୋଲେରକୁ ଜବତ କରାଯାଇ ନରସିଂହପୁର ଥାନାକୁ ଅଣା ଯାଇଥିଲା । ପ୍ରକାଶ ଥାଉକି ଏକ ବୋଲେରୋରେ ବାଇକ ନମ୍ବର ଲାଗି ଚାରୋଟି ଥାନା ଅତିକ୍ରମ କରି ନରସିଂହପୁର ଅଞ୍ଚଳରେ ପହଞ୍ଚିବା ଦ୍ୱାରା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏଏଥପ୍ରତି ଅବକାରୀ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।ଏନେଇ ନରସିଂହପୁର ଥାନାରେ କେଶ ନଂ ୧୨୧/୨୬ ରେ ଏକ ମାମଲା ରୁଜୁ ହୋଇଛି ।

## ଭାପୁର ବ୍ଲକର ୩ କଲେଜର ଯୁକ୍ତ୨ ପରୀକ୍ଷା ଫଳ

ଭାପୁର ,(ସବ୍ୟୁ): ଯୁକ୍ତ ଦୁଇ କଳା, ବାଣିଜ୍ୟ ଏ ବିଜ୍ଞାନ ବିଭାଗ ର ଫଳାଫଳ ବୁଧବାର ଦିନ ପ୍ରକାଶିତ ହୋଇଛି । ଭାପୁର ବ୍ଲକର ୩ ଗୋଟି ଯୁକ୍ତ ଦୁଇ କଲେଜ ମଧ୍ୟରୁ ଭାପୁର ସଦର ମହକୁମାରେ ଅବସ୍ଥିତ ଭାପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳା ବିଭାଗରେ ରେଗୁଲାର ଓ ଏକ୍ସ ରେଗୁଲାର ମିଶି ୮୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩ ଜଣ,ଦିତୀୟ ଶ୍ରେଣୀରେ ୫ ଜଣ ଏବଂ ତୃତୀୟଶ୍ରେଣୀରେ ୫୭ ଜଣ ପାସ କରିଛନ୍ତି ।ପଦ୍ମାବତୀ ଗ୍ରାମରେ ଅବସ୍ଥିତ ପ୍ରହ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରର କଳା ବିଭାଗରେ ୧୧୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ପ୍ରଥମ ଶ୍ରେଣୀରେ ୪୧,ଦିତୀୟଶ୍ରେଣୀରେ ୨୫,ତୃତୀୟଶ୍ରେଣୀରେ ୪୦ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାଣିଜ୍ୟ ବିଭାଗରେ ୧୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪ ଓ ତୃତୀୟ ଶ୍ରେଣୀରେ ୬ ଜଣ ଏବଂ ବିଜ୍ଞାନ ବିଭାଗରେ ୨୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୬,ଦିତୀୟ ଶ୍ରେଣୀରେ ୧୦ ଏବଂ ତୃତୀୟ ଶ୍ରେଣୀରେ ୨ ଜଣ ପାସ କରିଛନ୍ତି ।ବାଇଗୁଣିଆ ଗ୍ରାମରେ ଅବସ୍ଥିତ ପଠାଣି ସାମନ୍ତ ମହାବିଦ୍ୟାଳୟ କଳା ବିଭାଗରେ ୪୨୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧୮ ଜଣ,ଦିତୀୟ ଶ୍ରେଣୀରେ ୭୮ ଜଣ ଏବଂ ତୃତୀୟ ଶ୍ରେଣୀରେ ୧୮୧ ଜଣ ଉତ୍ତୀର୍ଣ ହୋଇଥିବାବେଳେ ସୌମ୍ୟ ଶେଫାଳିକା ମହାପାତ୍ର ୫୬୪ ମାର୍କ ରଖି ଟପର ହୋଇଛନ୍ତି । ତୁଳସୀ ନାୟକ ୫୨୩ ମାର୍କ ରଖି ଟପର ହୋଇଛନ୍ତି ବୋଲି କଲେଜ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରକାଶ ।

## ଜୁନ ୨୦ରେ ତଳ ମଣିନାଗ ନୂତନ ମନ୍ଦିର ପ୍ରତିଷ୍ଠା

ରଣପୁର, (ସବ୍ୟୁ) : ରଣପୁର ବିଜ୍ଞାପିତ ପରିଷଦ ଅଧୀନସ୍ଥ ତଳ ମଣିନାଗ ପୀଠରେ ନୂତନ ମନ୍ଦିର ପ୍ରତିଷ୍ଠା, ମା'ଙ୍କ ଗର୍ଭଗୃହ ପ୍ରବେଶ ଓ ପଞ୍ଚଦିନାତ୍ମକ ଯଜ୍ଞ ଉତ୍ସବ ନେଇ ବୁଧବାର ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର କମିଟିର ସଭାପତି ଡ଼. ପ୍ରଶାନ୍ତ କୁମାର ମିଶ୍ର ଙ୍କ ଆବାହକତ୍ୱରେ ଆୟୋଜିତ ହୋଇଥିବା ଏହି ସମ୍ମିଳନୀରେ ଯଜ୍ଞ ଉତ୍ସବର ସମସ୍ତ କାର୍ଯ୍ୟସୂଚୀ ଓ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପିତ କରାଯାଇଥିଲା । ଏବଂ କାର୍ଯ୍ୟକ୍ରମକୁ ଶାନ୍ତି ଓ ଶୃଙ୍ଖଳାର ସହ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିବା ଜଣାପଡିଛି ।ଏହି ଯଜ୍ଞ ମହୋତ୍ସବ କାର୍ଯ୍ୟକ୍ରମ ଆସନ୍ତା ଜୁନ ୨୦ ତାରିଖରେ ଆରମ୍ଭ ହୋଇ ପ୍ରଥମ ଦିବସ ଅଙ୍କୁରାରୋପଣ ସହ ଉତ୍ସବର ଶୁଭାରମ୍ଭ ହେବ । ୨୧ ତାରିଖରେ ଭବ୍ୟ କଳସ ଯାତ୍ରା, ୨୨ ତାରିଖରେ ଗର୍ଭାଧାନ ନୀତି, ୨୩ ତାରିଖରେ ସ୍ନାନ, ଶୟନ ଓ କାଳରାତ୍ରି ପୂଜା ଏବଂ ୨୪ ତାରିଖରେ ନ୍ୟାସ, ପ୍ରାଣ ପ୍ରତିଷ୍ଠା, ମା'ଙ୍କ ଗର୍ଭଗୃହ ପ୍ରବେଶ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ । ପୂର୍ଣ୍ଣାହୁତି ଦିବସରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବାବେଳେ ଏହି ଧାର୍ମିକ ମହୋତ୍ସବରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଆଶା କରାଯାଉଛି ।ସାମ୍ବାଦିକ ସମ୍ମିଳନୀରେ ପରେଶ ମିଶ୍ର, ଆଶିଷ କୁମାର ଦାଶ, ପ୍ରିୟବ୍ରତ ପ୍ରହରାଜ, ଉତ୍ତରାଣୀ ମିଶ୍ର, ରାଜେଶ ପଟ୍ଟନାୟକଙ୍କ ସମେତ ସାମ୍ବାଦିକ ଓ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ଥିଲେ । ରଣପୁର ଅଞ୍ଚଳବାସୀଙ୍କୁ ଏହି ଉତ୍ସବରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ ନିମନ୍ତେ ନିବେଦନ କରାଯାଇଛି ।

# ସହାୟତାର ହାତ ବଢ଼ାଇଲା ଦୟାନିଧି ପ୍ରତିଷ୍ଠାନ



ଫୁଲନଖରା, (ସବ୍ୟୁ) : ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ୪୨ ମୌଜା । ପ୍ରତିଷ୍ଠାନ ପକ୍ଷରୁ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଚଷାପଡ଼ା ଅଞ୍ଚଳରେ ଏକ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଅସହାୟ ଓ ଦୁର୍ବଳ ଶ୍ରେଣୀର ମହିଳାମାନଙ୍କୁ ଶାଢ଼ି ଏବଂ କୁନିକୁନି ପିଲାମାନଙ୍କୁ ଛତା ବଣ୍ଟନ କରାଯାଇଛି । ଏହି ସେବା କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା । ପ୍ରତିଷ୍ଠାନର ସଦସ୍ୟମାନେ ସମାଜର ଅବହେଳିତ ଓ ଦରିଦ୍ର ଲୋକଙ୍କ ପାଖରେ ପହଞ୍ଚି ସହଯୋଗର ହାତ ବଢ଼ାଇବା ସହିତ ସମାଜରେ ମାନବିକତାର ବାର୍ତ୍ତା ପ୍ରସାର କରିଥିଲେ । ଅନ୍ୟୁନ ୧୫ରୁ ଅଧିକ ମହିଳାଙ୍କୁ ଶାଢ଼ି ପ୍ରଦାନ କରାଯାଇଥିବା ବେଳେ କୁନିକୁନି ଶିଶୁମାନଙ୍କୁ ବର୍ଷା ଋତୁକୁ ଦୃଷ୍ଟିରେ ରଖି ଛତା ବଣ୍ଟନ କରାଯାଇଥିଲା । ଏହି ମାନବିକ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ସଭାପତି ତଥା ବରିଷ୍ଠ ସାମାଜିକ କର୍ମୀ ନାରାୟଣ ଚନ୍ଦ୍ର ମହାନ୍ତି, ସମ୍ପାଦିକା ଓ ସାହିତ୍ୟିକା ସରୋଜ ନଳିନୀ ପରିଜା, ବିଶିଷ୍ଟ ସମାଜସେବୀ ତଥା ଗବେଷକ ପ୍ରାଧ୍ୟାପକ ଡ. ସେକ କଲିମୁଲ୍ଲା, ଆଦର୍ଶ ନାରୀ ପ୍ରତିଭା ପଦ୍ମିନୀ ମହାନ୍ତି, ଶିଳ୍ପୀ ଉପେନ୍ଦ୍ର ବାରିକ, ସୁକାନ୍ତ କୁମାର ସାହୁ, କଳ୍ପନା ବିଶ୍ୱାଳ ପ୍ରମୁଖ ଯୋଗଦେଇ ସେବା କାର୍ଯ୍ୟକୁ ସଫଳ କରିଥିଲେ । ପ୍ରତିଷ୍ଠାନର ମୁଖ୍ୟ ନାରାୟଣ ଚନ୍ଦ୍ର ମହାନ୍ତି କହିଥିଲେ ଯେ, ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ସଦା ସର୍ବଦା ଜନସେବାମୂଳକ କାର୍ଯ୍ୟରେ ନିଜକୁ ସମର୍ପିତ କରିଆସୁଛି ଏବଂ ସମାଜର ପ୍ରତ୍ୟେକ ଅବହେଳିତ ଓ ଆବଶ୍ୟକତାର୍ଥୀ ଲୋକଙ୍କ ପାଖରେ ପହଞ୍ଚି ସହଯୋଗ କରିବା ପ୍ରତିଷ୍ଠାନର ପ୍ରମୁଖ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ । ।

## ମନ୍ଦିର ଚୋରି ପିଛା ଛାଡୁନି

ବାଲିପାଟଣା, (ସବ୍ୟୁ) : ବାଲିପାଟଣା ଥାନା ଅନ୍ତର୍ଗତ ଭଇଁରାଗଡ଼ ଗ୍ରାମରେ ଥିବା ସର୍ବ ପୁରାତନ ମନ୍ଦିର ବୁଦ୍ଧେକେଶ୍ୱର ମନ୍ଦିରରୁ କେହି ବହୁ ସାମଗ୍ରୀ ଚୋରୀ କରି ନେଇଥିବା ଥାନା ଅଭିଯୋଗ ହୋଇଛି । ମଙ୍ଗଳବାର ରାତିରେ ପୂଜକ ପୂଜା ଶେଷ କରି ଫାଟକ ତାଲା ପକାଇ ଘରକୁ ଫେରିଯାଇଥିଲେ । ମଧ୍ୟରାତ୍ରରେ କେହି ଦୃବୁତ ଫାଟକ ତାଲା ଭାଙ୍ଗି ମନ୍ଦିରର ଘଣ୍ଟଘଣ୍ଟା ପିତଳ ବାସନ ଠାକୁର ଙ୍କ ଅଳଙ୍କାର ଓ ଗ୍ୟାସ ସିଲିଣ୍ଡର ଚୋରୀ କରି ନେଇଯାଇଛି । ଏ ସମ୍ପର୍କରେ ଗ୍ରାମବାସୀଅବଗତ ହେବା ପରେ ବୁଧବାର ପୂର୍ବାହ୍ନରେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ସାଇଣ୍ଟିଫିକ ଟିମ ଓ କୁକୁର ଆଣି ଘଟଣାର ଅନୁସନ୍ଧାନ କରି ଫେରିଛି । ଗତ କିଛିଦିନ ପୂର୍ବେ ରାଜସର ନୀଳକେ=ଶର ମନ୍ଦିରରୁ ଚୋରୀ ହୋଇଥିଲା । ସେହିପରି ମଙ୍ଗଳବାର ରାତିରେ ବିନମାଳିପୁର ବଜାର ଥିବା ବାସୁଦେବ ଜୁଏଲାରିରୁ ଚୋରମାନେ ସଟର ଭାଙ୍ଗି ସୁନା ଅଳଙ୍କାର ଲୁଟ କରିନେଇଛନ୍ତି । ଯାହାର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ବାଲିପାଟଣା ଅଞ୍ଚଳରେ ଏହିପରି ବାରମ୍ବାର ଚୋରୀ ହେଉଥିଲେ ମଧ୍ୟ ଚୋରୀ ସମଗ୍ରୀ ଜବତ ନ ହେବା ଓ ଚୋର ଧରା ନ ପଡ଼ିବା ପୋଲିସ ପାଇଁ ଚିନ୍ତା ସୃଷ୍ଟି କରିଛି ।

# ଅର୍ବାନ ହସ୍ପିଟାଲ ପକ୍ଷରୁ ଚକ୍ଷୁ ଶିବିର

ଅସ୍ତରଙ୍ଗ, (ସବ୍ୟୁ) :ଅର୍ବାନ ହସ୍ପିଟାଲ, ମଧୁପଟଣା କଟକ ତରଫରୁ ବୁଧବାର ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ଗ୍ରାମପଞ୍ଚାୟାତ କାର୍ଯ୍ୟାଳୟ ପରି ସରରେ ଚକ୍ଷୁ ପରୀକ୍ଷା ଓ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରକୁ ସରପଞ୍ଚ କ୍ଷୀରୋଦ କାଣ୍ଡି ଉଦଘାଟନ କରିଥିଲେ ।

ଏହି ଶିବିରରେ ଆଖାଖ ଅଞ୍ଚଳ ବହୁ ବୟସ୍କ ପୁରୁଷ ଓ ମହିଳା ସେମାନ ର ଚକ୍ଷୁ ପରୀକ୍ଷା କରିଥିଲେ । ଅର୍ବାନ ହସ୍ପିଟାଲ, ଅର୍ବାନ ଭିଜନ କ୍ୟାର ସେଣ୍ଟର କଟକ ର ଚନ୍ଦ୍ରରାଜ ଭଟ,କ୍ୟାମ୍ପ ମ୍ୟାନେଜର ଡ଼କଫର କିଶୋର ଚନ୍ଦ୍ର ସାହୁ, ଓ ଏ, ଟେକ୍ନିସିଆନ ଶୁଭସିଶ ଦାସ,ପ୍ରମୁଖ ଚକ୍ଷୁ ପରିକ୍ଷା କରି ଓ ପି ଡି - ୬୫ ଜଣ, ଚଷମା ୪୦ଜଣୁ ଦିଆ ଯିବା ସହ ଓ କଟକ ଅପରେସନ ପାଇଁ ୬ଜଣ ରୋଗୀ ରହିଥିବା ଜଣା ପଡିଛି ଏହି କାର୍ଯ୍ୟକ୍ରମ ର ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିାରୀ,ଜି ଆର ଏସ ଓ ପିଅନ ହଡୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସାହାଯ୍ୟ ଓ ସହଯୋଗ ହାତ ବଢ଼ାଇ ଥିଲେ ।

# ନିରାକାରପୁର ଥାନା ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ



ନିରାକାରପୁର, (ସବ୍ୟୁ): : ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ଓ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସାଧାରଣ ଲୋକ ଓ ପଥିକମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପୋଲିସ ପକ୍ଷରୁ ଏକ ପ୍ରଶଂସନୀୟ ଜନହିତକର ପଦକ୍ଷେପ ଗ୍ରହଣ କରାଯାଇଛି । ଗୁରୁବାରଦିନ ନିରାକାରପୁର ଥାନା ସାମ୍ନାରେ ପଥିକମାନଙ୍କ ଶୋଷ ମେଣ୍ଟାଇବା ପାଇଁ ଏକ ସ୍ୱତନ୍ତ୍ର ଜଳଛତ୍ର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି ।ନିରାକାରପୁର ଥାନା ଆଇଆଇସି ବିଶ୍ୱଜି ରାଉତରାୟଙ୍କ ଦାରା ଏହି ଜଳଛତ୍ରଟି ଉଦଘାଟିତ ହୋଇଥିବା ବେଳେ ଏଥିରେ ପ୍ରଖର ଖରାରେ ଯାତାୟାତ କରୁଥିବା ବାଟୋଇ, ଗାଡ଼ି ଚାଳକ ଓ ଶ୍ରମଜୀବୀମାନଙ୍କୁ ସଓ୍ୱାଦିଷ୍ଟ ତଥା ଥଣ୍ଡା ଦହି ପଣା ବଣ୍ଟନ କରାଯାଇଥିଲା । ଗ୍ରୀଷ୍ମର ଏହି ପ୍ରକୋପ ସମୟରେ ଜନସାଧାରଣଙ୍କ ସେବା ପାଇଁ ଏହି ଜଳଛତ୍ର ଆସନ୍ତା ଜୁନ ୧ ତାରିଖ ପର୍ଯ୍ୟନ୍ତ ନିରନ୍ତର ଜାରି ରହିବ ବୋଲି ଆଇଆଇସି ଶ୍ରୀ ରାଉତରାୟ ସୂଚନା ଦେଇଛନ୍ତି ।ଏହି ସେବାମୂଳକ କାର୍ଯ୍ୟକ୍ରମକୁ ସଂଗଠିତ ଓ ସଫଳ କରିବାରେ ଥାନାର ଏଏସଆଇ ସୁନୀତା ମଲ୍ଲିକ, ଏଏସଆଇ ଗୁପ୍ତ ପ୍ରସାଦ ମହାନ୍ତି, ଏଏସଆଇ ପାର୍ବତୀ ଦେଇ, ହାବିଲଦାର ରନିକର ବେହେରାଙ୍କ ସମେତ ନିରାକାରପୁର ଥାନାର ସମସ୍ତ କର୍ମଚାରୀ ସଜାଗ ରହି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ନିରାକାରପୁର ପୋଲିସର ଏଭଳି ସମ୍ବେଦନଶୀଳ ଓ ମାନବୀୟ ପ୍ରୟାସକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି ।

# କାଠଯୋଡ଼ି ନଦୀପଠାରୁ ମହିଳାଙ୍କ ମୃତଦେହ ଠାବ

ବାରଙ୍ଗ ,(ସବ୍ୟୁ): କିଛି ମାସ ପୂର୍ବେ ପୁରୀ ମୁଖ୍ୟ କେନାଲ ବନ୍ଧ ଷ,,ପୁର ଗ୍ରାମ ନିକଟରୁ ମିଳିଥିବା ମହିଳାଙ୍କ କଙ୍କାଳର ପରିଚୟ ଏଯାଏଁ ମିଳିନଥିବା ବେଳେ, ବାରଙ୍ଗ ଅଞ୍ଚଳରେ ପୁଣି ଏକ ହୃଦୟବିଦାରକ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି । କାଠଯୋଡ଼ି ନଦୀର ବାଲିଚରରୁ ଜଣେ ଅଜଣା ମହିଳାଙ୍କ ମୃତଦେହ ମିଳିଛି । ଯାହାକୁ କୁକୁରମାନେ ଝୁଣି ଖାଉଥିବାର ଏକ ଅତି ଅଭାବନୀୟ ଦୃଶ୍ୟ ସାମ୍ନାକୁ ଆସିଛି । ଏହି ସମ୍ବେଦନଶୀଳ ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଉଦବେଗ ସୃଷ୍ଟି କରିବା ସହ କମିଶନରେଟ ପୋଲିସର ନିଦ ହଜାଇ ଦେଇଛି । ବାରଙ୍ଗ ଥାନା ଅନ୍ତର୍ଗତ ବ୍ରାହ୍ମଣୀ ଗାଁର କିଛି ଲୋକ ଗୁରୁବାର ସକାଳୁ କାଠଯୋଡ଼ି ନଦୀକୁ ଗାଧୋଇବାକୁ ଯାଇଥିଲେ । ଏହି ସମୟରେ କିଛି କୁକୁର ବାଲି ଭିତରୁ କିଛି ବାହାର କରି ଖାଉଥିବା ସେମାନେ ଦେଖିବାକୁ ପାଇଥିଲେ । ସନ୍ଦେହ ହେବାରୁ ସ୍ଥାନୀୟ ଲୋକେ ନିକଟକୁ ଯାଇ ଦେଖିବା ବେଳକୁ ଜଣେ ମହିଳାଙ୍କ ଦୁଇଟି ଗୋଡ଼ ଓ ଗୋଟିଏ ହାତ ବାଲି ଉପରକୁ ଦେଖାଯାଉଥିଲା । ମହିଳାଙ୍କର କେବଳ ହାତ ଓ ଗୋଡ଼ ବାହାରେ ଥିବା ବେଳେ ଅବଶିଷ୍ଟ ଶରୀର ବାଲି ଭିତରେ ପୋତି ହୋଇ ରହିଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ମହିଳାଙ୍କ ହାତଟି ସମ୍ପୂର୍ଣ୍ଣ କଳା ପଡିଯାଇଥିବାରୁ ତାଙ୍କୁ ପୋଡ଼ି ମାରି ଦିଆଯାଇଥିବା ଅନୁମାନ କରାଯାଉଛି ।ଖବର ପାଇ କଟକ ଡିସିପି ରିଷିକେଶ ଖିଲାର, ଜୋନ-୪ ଏସିପି ଅମିତାଭ ମହାପାତ୍ର ଏବଂ ବାରଙ୍ଗ ଥାନା ଅଧିକାରୀ ନିରଞ୍ଜନ ବେହେରା ସାଇଣ୍ଟିଫିକ ଦଳ ସହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ତେବେ ମହିଳା ଜଣକ କିଏ ଏବଂ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା, ସେ ନେଇ ସାଇଣ୍ଟିଫିକ ଦଳ ସହାୟତାରେ ପୋଲିସ ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି ।

## ଅବକାରୀ ବିଭାଗରେ ମିଳିତ ଚଢାଉ

ଆଠଗଡ଼ ,(ସବ୍ୟୁ): ଗୁରୁବାର ଦିନ କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିଓ୍ୱାରୀ ଙ୍କ ନିର୍ଦ୍ଦେଶ କ୍ରମେ, ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପଧାନ, ଜିଲ୍ଲା ଭ୍ରାମ୍ୟମାଣୟୁନିଟ ଅବକାରୀ ନିରୀକ୍ଷକ ବି. ବି.ବର୍ମା ଏବଂ ଆଠଗଡ଼ ଥାନା ଅଧିକାରିଣୀ ସୁମତି ମହାନ୍ତି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଏବଂ ନିକଟସ୍ଥ କାଜୁ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ବିଭାଗ,ନରସିଂହପୁର ଅବକାରୀ ବିଭାଗ, ଜିଲ୍ଲା ଭ୍ରାମ୍ୟମାଣୟୁନିଟ, କଟକ ଏବଂ ଆଠଗଡ଼ ଥାନା ସହିତ ଏକ ମିଳିତ ଚଡାଉ କରାଯାଇ ଥିଲା । ଉକ୍ତ ଚଡାଉରେ ସର୍ବମୋଟ ୨୬୯୫ ଲିଟର ଦେଶୀ ମଦ ସହ ୨୧୪୯୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି ଏବଂ ୬ ଗୋଟି ମାମଲା ରୁଜୁ କରା ଯାଇଛି ।

## ଶତାୟୁ ମହିଳାଙ୍କ ପରଲୋକ



କାକଟପୁର ,(ସବ୍ୟୁ): କାକଟପୁର ନିକଟସ୍ଥ ବଡ଼ ସିରେଇ ଗ୍ରାମ ର ଶତାୟୁ ମହିଳା ଜେମା ଜେନା ଙ୍କର ନିଜ ବାସଭବନରେ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମପ୍ରାଣ, ସ୍ନେହୀ ପରୋପକାରୀ ଭାବେ ସାରା ଅଞ୍ଚଳ ରେ ପରିଚିତ ଥିଲେ ଓ ସେ ନିଜ କାର୍ଯ୍ୟ ନିଜେ କରିଚାଲିଥିଲେ ।ତାଙ୍କ ମୃତ୍ୟୁ ନିକଟରେ ପୁତ୍ର ନିମାଇଁ ଚରଣ, ପୁତ୍ର ବଧୂ ସୌଦାମିନୀ, ନାତି ପବି, ଛବି, ନାତୁଣୀ ବୋହୁ ମାମି, ଚିନ୍ମୟୀ ପରିବାର ବନ୍ଧୁବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କର ଅନ୍ତିମ ସଂସ୍କାର ରେ ପୁତ୍ର ନିମାଇଁ ମୁଖାଗ୍ନି ଦେଇଥିଲେ ।

# ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କଣ୍ଟାପଡ଼ା, (ସବ୍ୟୁ) : କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବାଇରୋଇ ଗ୍ରାମର ମେଧାବୀ ଛାତ୍ରୀ ସୌମ୍ୟାଶ୍ରୀ ଆଚାର୍ଯ୍ୟଙ୍କୁ ସରପଞ୍ଚ ନିର୍ମଳ କୁମାର ସାହୁ ସମ୍ବର୍ଦ୍ଧିତ କରିଛନ୍ତି । ଅଢ଼ଶପୁରସ୍ଥିତ ଉଦୟନାଥ ସ୍ୱୟଂଶାସିତ ବୈଷୟିକ ମହାବିଦାଳୟ ଯୁକ୍ତ ଦୁଇ ବିଜ୍ଞାନ ବିଭାଗ ଛାତ୍ରୀ ସୌମ୍ୟାଶ୍ରୀ ଚଳିତ ବର୍ଷ ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷାରେ ୯୪.୬୬ପ୍ରତିଶତ ନମ୍ବର ରଖି ସମଗ୍ର ବ୍ଲକରେ ଟପ୍ପର ହୋଇଛନ୍ତି । ଶରତ କୁମାର ଆଚାର୍ଯ୍ୟ ଓ ଅନିମା ଆଚାର୍ଯ୍ୟଙ୍କ କନ୍ୟା ସୌମ୍ୟାଶ୍ରୀ ଜଣେ ମେଧାବୀ ଛାତ୍ରୀଭାବେ ଉଭୟ ହାଇସ୍କୁଲ ଓ କଲେଜରେ ସଫଳତା ଅର୍ଜନ କରିଛନ୍ତି । ଏହି ଅବସରରେ ସରପଞ୍ଚ ନିର୍ମଳକୁମାର ସାହୁଙ୍କ ସମେତ ସମିତି ସଭ୍ୟ ପବିତ୍ରମୋହନ ସ୍ୱାଇଁ, ଓ୍ୱାର୍ଡ଼ ସଦସ୍ୟ ମନୋଜକୁମାର ସିଂ, ବରିଷ୍ଠ ବିଜେପି ନେତା ଅଶୋକ ସାମନ୍ତରାୟ ଓ ଅନ୍ୟମାନେ ତାଙ୍କ ବାସଭବନକୁ ଯାଇ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପହାର ପ୍ରଦାନ ପୂର୍ବକ ସୌମାଶ୍ରୀଙ୍କୁ ସମ୍ମାନିତ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷତ କାମନା କରିଥିଲେ ।

# ନୟାଗଡ଼ରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା: ଆନ୍ଦୋଳନ କରିବ ଜିଲ୍ଲା ସାମ୍ବାଦିକ ସଂଘ



ନୟାଗଡ଼, (ସବ୍ୟୁ) : ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଚିକିତ୍ସାଳୟରେ ଦେଖାଦେଇଥିବା ଚରମ ଅବ୍ୟବସ୍ଥା ଓ ଅଚଳାବସ୍ଥାକୁ ନେଇ ଆଜି ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ତୀବ୍ର ଉଦବେଗ ପ୍ରକାଶ ପାଇଛି । ସାମ୍ବାଦିକ ସଂଘର ଏକ ପ୍ରତିନିଧି ଦଳ ଜିଲ୍ଲା ହସ୍ପିଟାଲ ପରିସରରେ ରୋଗୀ ସେବା ବ୍ୟବସ୍ଥା ଅନୁଧ୍ୟାନ କରି ଅନେକ ସମସ୍ୟା ରହିଥିବା ଆପତ୍ତି ଉଠାଇଛି । ୧ ଶହ ଶଯ୍ୟା ବିଶିଷ୍ଟ ଆଧୁନିକ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରୁ ଲୋକେ ସଠିକ ଉପକୃତ ହୋଇପାରୁ ନାହାନ୍ତି । ଏଥିପାଇଁ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ସାମ୍ବାଦିକ ସଂଘ ପ୍ରତିନିଧି ଆଲୋଚନା କରିଛନ୍ତି । ଜିଲ୍ଲା ହସ୍ପିଟାଲରେ ଦୈନିକ ୧୦୦ ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି । ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି । କାର୍ଯ୍ୟରେ ଥିବା ଅଧିକାଂଶ ଡାକ୍ତର ସଠିକ ସମୟରେ ହସ୍ପିଟାଲ ନ ଆସିବାରୁ ରୋଗୀସେବା ବାଧାପ୍ରାପ୍ତ ହୋଇଛି । ଆବଶ୍ୟକୀୟ ସରଞ୍ଜାମ, ଉପକରଣ ଅଭାବ ରୋଗୀ ସେବାକୁ ବ୍ୟାହତ କରିଛି । ବିଶେଷଜ୍ଞ ଡାକ୍ତର ନଥିବାରୁ ଅତ୍ୟାଧୁନିକ ଅଲଟ୍ରାସାଉଣ୍ଡ କାର୍ଯ୍ୟ କରୁନାହିଁ । ସେହିପରି ରେଡିଓଗ୍ରାଫର ନଥିବାରୁ ଏକ୍ସ-ରେ ମେସିନ ଅଚଳାବସ୍ଥାରେ ଅଛି । ଫଳରେ ପ୍ରାଇଭେଟ କ୍ଲିନିକଗୁଡ଼ିକରେ ରୋଗୀଙ୍କୁ ଶୋଷଣ ସମ୍ମୁଖୀନ ହେବାକୁ ପଡୁଛି । ୫ ବର୍ଷ ପୂର୍ବେ ପ୍ରତିଷ୍ଠା ହୋଇଥିବା ଅକ୍ସିଜେନ ପ୍ଲାଣ୍ଟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ ।

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏଭଳି ଚରମ ଅବହେଳା ସଂପର୍କରେ ସାମ୍ବାଦିକ ସଂଘର ସଦସ୍ୟମାନେ ସ୍ୱାସ୍ଥ୍ୟ ଅଧିକାର ଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲା ହସ୍ପିଟାଲ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ବେହେରାଙ୍କ ସହ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ଆଲୋଚନାରେ ସମ୍ପାଦକ ସୁବାସ ମହାପାତ୍ର, ପୁରୁଷୋତ୍ତମ ମହାପାତ୍ର, ଲୋକନାଥ ମିଶ୍ର, ଗୋକୁଳ ଷଡ଼ଙ୍ଗୀ, ବିକ୍ରମ ସଓ୍ୱାଇଁ, ସୁଧାକର ମିଶ୍ର, ବିଭୂତି ପଟ୍ଟନାୟକ ଓ ଜିତେନ୍ଦ୍ର ସାହୁ ଅଂଶ ଗ୍ରହଣ କରିଥିଲେ । ଖୁବ ଶିଘ୍ର ସମସ୍ୟାର ସମାଧାନ କରି ନ ଗଲେ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଆନ୍ଦୋଳନ ଓ ଧାରଣା ଦିଆଯିବ ବୋଲି କୁହାଯାଇଛି ।

## ସମ୍ପାଦକୀୟ

# ଅଦରକାରୀ ଆଇନର ଉଚ୍ଛେଦ

କେନ୍ଦ୍ର ସରକାରଙ୍କ ଢାଞ୍ଚାରେ ରାଜ୍ୟ ସରକାର ୩୫୮ ଗୋଟି ଅଲୋଡା ଓ ଅଦରକାରୀ ଆଇନକୁ ବିଧାନ ପୁସ୍ତକରୁ ଉଚ୍ଛେଦ କରିବା ଲାଗି ଗତ ୨୦ ତାରିଖ (୨୦୨୬)ର ମନ୍ତ୍ରିମଣ୍ଡଳର ବୈଠକରେ ନିଷ୍ପତ୍ତି ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଏହି ନିଷ୍ପତ୍ତିକୁ ସଚେତନ ନାଗରିକମାନେ ସ୍ୱାଗତ କରିବା କଥା । ଯେଉଁ ଆଇନଗୁଡ଼ିକ ପ୍ରଣୀତ ହୋଇ ପଡ଼ି ରହିଛି ଆଉ କିଛି କାମରେ ଲାଗୁନି, ସେପରି ଆଇନକୁ ରଖି ରଖି ସରକାର କେବଳ ଚିନ୍ତା ବଢ଼ାଇବା କଥା । ଯାହା ହେଉ, ରାଜ୍ୟ ସରକାର ଏହି ମୃତ ଆଇନଗୁଡ଼ିକ ବିଷୟରେ ଦୃଢ଼ ନିଷ୍ପତ୍ତି ନେଇଥିବାରୁ ଆମେମାନେ ଏପରି ନିଷ୍ପତ୍ତିକୁ ସ୍ୱାଗତ କରୁଛୁଁ ।

ଅନେକ ଦିନ ତଳର କଥା । ଷାଠିଏ ଦଶକରେ କେବଳ ମୁଦ୍ରଣ ଗଣମାଧ୍ୟମର ସାମ୍ବାଦିକ ଥିଲେ । ସାମ୍ବାଦିକମାନେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଲେଖିବାରୁ କୁଆଡେ ବିଜୁ ବାବୁ ରାଗିଯାଇ ସମ୍ବାଦପତ୍ରଗୁଡ଼ିକୁ ନିୟନ୍ତ୍ରଣାଧୀନ କରିବାକୁ ଆଇନ ପ୍ରଣୟନ କରିବାକୁ ଚାହିଁଲେ । ଏହି ଆଇନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂକ୍ରାନ୍ତରେ ତତ୍କାଳୀନ ରାଜ୍ୟର କଂଗ୍ରେସ ସରକାର ବିଧାନସଭାରେ ବର୍ଣ୍ଣନା କରିବା ପରେ ତତ୍କାଳୀନ ବିଧାନସଭାରେ ଜଣେ ସ୍ୱାଧୀନ ବିଧାୟକ ନିତ୍ୟାନନ୍ଦ ମହାପାତ୍ର ବୈଧାନିକ ପ୍ରଶ୍ନ ପଚାରି ଏପରି ଆଇନ ସମ୍ବାଦପତ୍ର ଓ ସାମ୍ବାଦିକମାନଙ୍କର ବିରୋଧୀ ବୋଲି ସଦୃଷ୍ଟାନ୍ତ ଯୁକ୍ତି ବାଢ଼ିଥିଲେ । ଏହା ଫଳରେ ମୁଖ୍ୟମନ୍ତ୍ରୀ ବିଜୁ ବାବୁ ସେହି ଆଇନଟିକୁ ଆଉ କାର୍ଯ୍ୟକାରୀ କରି ନଥିଲେ କିମ୍ବା ସେହି ଆଇନ ଉପରେ ନିୟମାବଳି ମଧ୍ୟ ପ୍ରଣୟନ କରି ନଥିଲେ । ଫଳରେ ସେହି ଆଇନଟି ସେପରି ଅଟକି ରହିଥିଲା ଆଉ ଦୀର୍ଘଦିନ ଧରି କାର୍ଯ୍ୟକାରୀ ହୋଇ ନପାରି ମୃତ ଆଇନରେ ପରିଣତ ହୋଇଥିଲା । ତେଣୁ ସେପରି ଅଦରକାରୀ ମୃତ ଆଇନର ଆବଶ୍ୟକତା ନଥିଲା ।

ସେହିପରି ଅନ୍ୟ ଏକ ଦୃଷ୍ଟାନ୍ତ ଏଠାରେ ଦିଆଯାଇପାରେ । ୧୯୬୭ରେ ଓଡ଼ିଶାରେ ସ୍ୱତନ୍ତ୍ର- ଜନକଂଗ୍ରେସ ମିଳିତ ସରକାର ଚାଲିଥିଲାବେଳେ 'ଓଡ଼ିଶା ଫ୍ରିଡମ ଅଫ୍ ରିଲିଜନ ଆଇନ ୧୯୬୭' ପ୍ରଣୀତ ହୋଇଥିଲା । ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ସେତେବେଳେ ମୁଖ୍ୟମନ୍ତ୍ରୀ (ସ୍ୱତନ୍ତ୍ର ଦଳ) ଓ ପବିତ୍ର ମୋହନ ପ୍ରଧାନ (ଜନ କଂଗ୍ରେସ ଦଳ) ସେତେବେଳେ ଉପ-ମୁଖ୍ୟମନ୍ତ୍ରୀ ଥିଲେ । ନିତ୍ୟାନନ୍ଦ ମହାପାତ୍ର (ଜନ କଂଗ୍ରେସ) ସେତେବେଳେ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ଥିଲେ । ଧାର୍ମିକ ସ୍ୱାଧୀନତା ପାଇଁ ସାରା ଭାରତରେ ଓଡ଼ିଶା ହିଁ ପ୍ରଥମ ରାଜ୍ୟ ଭାବେ ଏପରି ଏକ ଆଇନ ପ୍ରଣୟନ କରିଥିଲା । କାରଣ ଜୋର ଜବରଦସ୍ତ କରି କିମ୍ବା ଭୁଆଁ ବୁଲାଇ ବା ପ୍ରଲୋଭନ ଦେଖାଇ ଧର୍ମାନ୍ତର ପାଇଁ ବାଧ୍ୟ କରା ଯାଉଥିବାରୁ ଏପରି ଏକ ଆଇନ ଓଡ଼ିଶା ବିଧାନସଭାରେ ପାରିତ ହୋଇ ସେତେବେଳେ ଦୃଷ୍ଟାନ୍ତ ସୃଷ୍ଟି କରିଥିଲା । ପରେ ଭାରତର ଅନ୍ୟ ରାଜ୍ୟମାନେ ମଧ୍ୟ ଏହି ଆଇନର ଅନୁସରଣ କରି ନୂତନ ଆଇନ ପ୍ରଣୟନ କରିଥିଲେ । ମାତ୍ର ଓଡ଼ିଶାର ଦୁର୍ଭାଗ୍ୟ ଯେ ପ୍ରାୟ ଚାରି ବର୍ଷାଧିକ କାଳ ସ୍ୱତନ୍ତ୍ର-ଜନ କଂଗ୍ରେସ ସରକାର ରାଜ୍ୟରେ କ୍ଷମତାସୀନ ହୋଇଥିଲେ ମଧ୍ୟ ଏହି ଆଇନର ନିୟମାବଳି ସମ୍ପୂର୍ଣ୍ଣ ଭାବେ ପ୍ରଣୟନ କରାଯାଇ ପାରି ନଥିଲା । ରାଜ୍ୟରେ ଅବଶ୍ୟ ଗିରିଧର ଗମାଙ୍ଗ ଅଳ୍ପ ସମୟ ଲାଗି କଂଗ୍ରେସ ଦଳରୁ ମୁଖ୍ୟମନ୍ତ୍ରୀ ହୋଇଥିଲା ବେଳେ ସମ୍ଭବତଃ ଏହାର ନିୟମାବଳି ପ୍ରଣୟନ କରିଥିଲେ । ଏହା ପୂର୍ବରୁ ଏହାକୁ କେନ୍ଦ୍ର କରି ମାମଲାମାନ ଦାଏର ହୋଇଥିବା କଥା ମଧ୍ୟ କୁହାଯାଉଛି । ମାତ୍ର ଶ୍ରୀ ଗମାଙ୍ଗଙ୍କ ସମୟରେ ଜିଲ୍ଲାପାଳମାନଙ୍କୁ ଏହି ଧର୍ମାନ୍ତରୀକରଣ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ କ୍ଷମତା ଦିଆ ଯାଇଥିବା କଥା ମନେ ପଡୁଛି ।

**୧୯୬୭ରେ ଓଡ଼ିଶାରେ ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ସରକାର ଚାଲିଥିଲାବେଳେ 'ଓଡ଼ିଶା ଫ୍ରିଡମ ଅଫ୍ ରିଲିଜନ ଆଇନ ୧୯୬୭' ପ୍ରଣୀତ ହୋଇଥିଲା । ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ସେତେବେଳେ ମୁଖ୍ୟମନ୍ତ୍ରୀ (ସ୍ୱତନ୍ତ୍ର ଦଳ) ଓ ପବିତ୍ର ମୋହନ ପ୍ରଧାନ (ଜନ କଂଗ୍ରେସ ଦଳ) ସେତେବେଳେ ଉପ-ମୁଖ୍ୟମନ୍ତ୍ରୀ ଥିଲେ । ନିତ୍ୟାନନ୍ଦ ମହାପାତ୍ର (ଜନ କଂଗ୍ରେସ) ସେତେବେଳେ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ଥିଲେ । ଧାର୍ମିକ ସ୍ୱାଧୀନତା ପାଇଁ ସାରା ଭାରତରେ ଓଡ଼ିଶା ହିଁ ପ୍ରଥମ ରାଜ୍ୟ ଭାବେ ଏପରି ଏକ ଆଇନ ପ୍ରଣୟନ କରିଥିଲା ।**

ସେ ଯାହା ହେଉ, ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ମୃତ ଆଇନଗୁଡ଼ିକ ପୁରାପୁରି ଅଚଳ କରିବାକୁ ପ୍ରଥମେ ଏକ ସାହସିକ ପଦକ୍ଷେପ ନେଇଥିଲେ । ଫଳରେ କେନ୍ଦ୍ର ସରକାର ପ୍ରାୟ ୨,୪୦୦ଟି ଅଦରକାରୀ ଆଇନକୁ ରଦ୍ଦ କରିଥିଲେ । ୨୦୧୪ରୁ ୨୦୧୯ ମଧ୍ୟରେ ୧,୪୨୮ ଗୋଟି ପୁରୁଣାକାଳିଆ ଓ ଅଦରକାରୀ ଆଇନକୁ ନିଷେଧ ମଧ୍ୟ କରିଥିଲେ କେନ୍ଦ୍ର ସରକାର । ତେଣୁ ୩୫୮ଟି ପୁରୁଣାକାଳିଆ ଅଦରକାରୀ ଆଇନକୁ ଅଚଳ କରିଥିବାରୁ ରାଜ୍ୟର ବିଜେପି ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ ବୋଲି କୁହାଯାଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିଜେପି ଓ ବିରୋଧୀ ମେଣ୍ଟଙ୍କ ଭବିଷ୍ୟତ



**ତେଜେଶ୍ୱର ପଟ୍ଟନାୟକ**

ସାମ୍ପ୍ରତିକ ବିଧାନସଭା ନିର୍ବାଚନ ଫଳାଫଳ ଭାରତୀୟ ଜନତା ପାର୍ଟି (ବିଜେପି)ର ରାଜନୈତିକ ପ୍ରାଧାନ୍ୟକୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ପୁଣି ଥରେ ଆଞ୍ଚଳିକ ଏବଂ ବିରୋଧୀ ଦଳମାନଙ୍କ ଦୁର୍ବଳତାକୁ ସୂଚିତ କରିଛି । ବିଜେପି ଆସାମ ଏବଂ ପୁଡୁଚେରୀରେ କ୍ଷମତା ବଜାୟ ରଖିବାଠାରୁ ଆରମ୍ଭ କରି ତୃଣମୂଳ କଂଗ୍ରେସ (ଟିଏମସି)କୁ ପରାସ୍ତ କରି ପଶ୍ଚିମବଙ୍ଗରେ ଏକ ଐତିହାସିକ ବିଜୟ ହାସଲ କରିଛି । ଭାରତର ରାଜନୈତିକ ମାନଚିତ୍ରରେ ଏହା ନିଜର ପ୍ରଭାବ ବିସ୍ତାର କରି ବୃହତ୍ତମ ଦଳ ଭାବେ ନିଜକୁ ପ୍ରତିପାଦିତ କରିଛି । ଏହି ନିର୍ବାଚନ ଫଳାଫଳ ବିରୋଧୀ ଇଣ୍ଡି ମେଣ୍ଟର ଦଳମାନଙ୍କୁ ଆଗାମୀ ଦିନରେ ଐକ୍ୟବଦ୍ଧ ହେବା ପାଇଁ ଆହ୍ୱାନ ଦେଇଛି । ବିଜେପି ନେତୃତ୍ୱାଧୀନ ଏନଡିଏର ଜନ ସମର୍ଥନ କ୍ରମଶଃ ବୃଦ୍ଧି ପାଉଥିବା ପ୍ରଭାବକୁ ପ୍ରତିହତ କରିବା ପାଇଁ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ଏବଂ ଅନ୍ୟ ଆଞ୍ଚଳିକ ଦଳଗୁଡ଼ିକର ସାମର୍ଥ୍ୟ ବିଷୟରେ ରାଜନୈତିକ ସମୀକ୍ଷକ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

୨୦୧୪ ମସିହାରୁ, ବିଜେପିର ରାଜନୈତିକ ଯାତ୍ରା ଉଲ୍ଲେଖନୀୟ ରହିଛି । ସେ ସମୟରେ, ଏହି ଦଳ କେବଳ ସାତଟି ରାଜ୍ୟରେ ଶାସନ କରିଥିଲା । ଆଜି ଏନଡିଏ ମେଣ୍ଟ ୨୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶରେ କ୍ଷମତାରେ ଅଛି । ବିଜେପି ସ୍ୱାଧୀନ ଭାବରେ ୧୪ଟି ରାଜ୍ୟରେ ଶାସନ କରୁଛି ଏବଂ ଆଉ ଆଠଟି ରାଜ୍ୟରେ ସହଯୋଗୀଙ୍କ ସହିତ ମିଶି ଶାସନ ଭାର ସମ୍ଭାଳିଛି । ଅନ୍ୟପକ୍ଷରେ, କଂଗ୍ରେସ ଦଳ କେବଳ ଚାରୋଟି ରାଜ୍ୟରେ ଏକାକୀ କ୍ଷମତାରେ ଅଛି ଏବଂ ବର୍ତ୍ତମାନ ଛଅଟି ରାଜ୍ୟରେ ସହଯୋଗୀ ଦଳ ସହିତ ଶାସନ କରୁଛି । ୨୦୧୪ ମସିହା ପୂର୍ବରୁ, କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ୧୪ଟି ରାଜ୍ୟରେ ସରକାର ଗଠନ କରିଥିଲା ।

ବିଗତ ଦଶ ବର୍ଷରୁ ରାଜନୈତିକ ଦୃଶ୍ୟପଟର ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି । ଏନଡିଏ ଶାସିତ ରାଜ୍ୟଗୁଡ଼ିକର ଜନସଂଖ୍ୟା ବର୍ତ୍ତମାନ ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୭୮ ପ୍ରତିଶତ ଅଟେ, ଯାହା ବିଜେପିର ନିର୍ବାଚନ ରଣକୌଶଳର ସଫଳତାକୁ ଦର୍ଶାଏ ।

ପଶ୍ଚିମବଙ୍ଗରେ ବିଜେପିର ବିପୁଳ ବିଜୟ ଏକ ପ୍ରମୁଖ ରାଜନୈତିକ ମାଇଲଖୁଣ୍ଟ । ଟିଏମସିର ପନ୍ଦର ବର୍ଷର ଶାସନକୁ ସମାପ୍ତ କରି, ଦଳ ପ୍ରମାଣ କରିଛି ଯେ ଏହା ଆଉ ଉତ୍ତର ଭାରତରେ ସୀମିତ ନୁହେଁ । ବଙ୍ଗଳା ନିର୍ବାଚନରେ ହିଂସା, ଭୋଟର ହେରଫେର ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସଆଇଆର) ସମ୍ପର୍କିତ ବିବାଦର ଅଭିଯୋଗର ବାତାବରଣ ମଧ୍ୟରେ ତୀବ୍ର ଲଢେଇ ହେଇଥିଲା । ବିରୋଧୀ ଦଳ ଅଭିଯୋଗ କରନ୍ତି ଯେ ପ୍ରାୟ ୯୦ ଲକ୍ଷ ଭୋଟରଙ୍କ ବିଲୋପ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିଥିଲା । ଟିଏମସି ସରକାରଙ୍କ ସମୟରେ ଦୁର୍ବଳ ଆଇନ ଶୃଙ୍ଖଳା, ଦୁର୍ନୀତି, ରାଜନୈତିକ ହିଂସା ଏବଂ ଶାସନର ବିଫଳତା ଭଳି ପ୍ରସଙ୍ଗଗୁଡ଼ିକୁ ପାଥେୟ କରି ବିଜେପି ସଫଳତାର ସହିତ ଜନତାଙ୍କ ସମ୍ମୁଖରେ ବିଭିନ୍ନ ସଭାରେ ଉପସ୍ଥାପନ କରିଥିଲା ।

ବିଜେପିର ଅଭ୍ୟୁଦୟ ପଛରେ ଏକ ପ୍ରମୁଖ କାରଣ ହେଉଛି ହିନ୍ଦୁତ୍ୱବାଦ ଏବଂ ଜନକଲ୍ୟାଣ ନୀତିର ସଫଳ ରୂପାୟନ । ପଶ୍ଚିମବଙ୍ଗ ଏବଂ ଆସାମରେ, ଏହି ଦଳ ଧାର୍ମିକ ଏବଂ ସାଂସ୍କୃତିକ ଜାତୀୟତାବାଦ ସହ ଜଡିତ ପ୍ରସଙ୍ଗଗୁଡ଼ିକୁ ଦୃଢ଼ ଭାବରେ ପ୍ରସାର କରିଥିଲା । ପଶ୍ଚିମବଙ୍ଗରେ, ବିଜେପି ହିନ୍ଦୁ ସ୍ୱାର୍ଥର ରକ୍ଷକ ଭାବରେ ନିଜକୁ ପ୍ରଦର୍ଶିତ କରିଥିଲା ଏବଂ ଟିଏମସି ଉପରେ ସଂଖ୍ୟାଲଘୁ ତୁଷ୍ଟିକରଣର ଅଭିଯୋଗ ଆଣିଥିଲା । ଏହା ସାଂସ୍କୃତିକ ପରମ୍ପରା, ମନ୍ଦିର ରାଜନୀତି ଏବଂ ବଙ୍ଗର ଲୁପ୍ତ ଗୌରବର ପୁନରୁଦ୍ଧାର ପାଇଁ ଏହି ଦଳ ସ୍ଲୋଗାନ ଦେଇଥିଲା । ଏହି ଭାବପ୍ରବଣ ଏବଂ ଆଦର୍ଶଗତ ଆବେଦନ ଜାତି ଏବଂ ଶ୍ରେଣୀ ସୀମା ନିର୍ବିଶେଷରେ ହିନ୍ଦୁ ଭୋଟକୁ ଏକତ୍ର କରିବାରେ ସାହାଯ୍ୟ କରିଥିଲା ।

ସେହିପରି, ଆସାମରେ, ବାଂଲାଦେଶରୁ ଅବୈଧ ଅନୁପ୍ରବେଶକାରୀ, ଆସାମୀୟଙ୍କ ପରିଚୟ ଏବଂ ହିନ୍ଦୁ ସୁରକ୍ଷା ପ୍ରାସଙ୍ଗିକ ଥିଲା । ବିଜେପି ଜାତୀୟତାବାଦକୁ ସଫଳତାର ସହିତ ଆଞ୍ଚଳିକ ପରିଚୟ ସହିତ ଯୋଡ଼ି ଥିଲା ଏବଂ ନିଜକୁ ଜାତୀୟ ସ୍ୱାର୍ଥ ଏବଂ ସାଂସ୍କୃତିକ ଐତିହ୍ୟର ରକ୍ଷକ ଭାବରେ ଉପସ୍ଥାପନ କରିଥିଲା । ହିନ୍ଦୁତ୍ୱକୁ ସ୍ଥାନୀୟ ରାଜନୀତି ସହିତ ମିଶ୍ରଣ କରିବାର ରଣନୀତି ଦଳକୁ ଅନେକ ରାଜ୍ୟରେ ନିର୍ବାଚନୀ ଫାଇଦା ଦେଇଛି ।

ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦିଅନ୍ତି ଯେ ବଙ୍ଗଳାରେ ବିଜେପିର ସଫଳତା ର କାରଣ ଗୁଡିକ ମଧ୍ୟରେ ଟିଏମସି ବିରୁଦ୍ଧରେ ବର୍ଦ୍ଧିତ ଜନ ଅସନ୍ତୋଷ, ଶାସନ ବିରୋଧୀ ମନୋଭାବ, ଦୁର୍ବଳ ଶାସନ, ଏବଂ ବେରୋଜଗାର ବୃଦ୍ଧି ପ୍ରମୁଖ ଅଟେ । ବିଜେପିର ନିର୍ବାଚନ ପ୍ରତିଶ୍ରୁତିଗୁଡ଼ିକ ଯଥା- ଶିଳ୍ପାୟନ, ଭିତ୍ତିଭୂମି ବିକାଶ ଏବଂ ନିଯୁକ୍ତି ସୃଷ୍ଟି ଅନେକ ଭୋଟରଙ୍କୁ ଆକର୍ଷିତ କରିଥିଲା ।

ବିଜେପିର ଦୃଢ଼ ସାଂଗଠନିକ ଭିତ୍ତିଭୂମି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାର ବୁଥ୍-ସ୍ତରୀୟ ପରିଚାଳନା, ଡିଜିଟାଲ୍ ପ୍ରସାର ଏବଂ ନିରନ୍ତର ଭୋଟର ସହ ସଂଯୋଗ ତୃଣମୂଳ ସ୍ତରରେ ସୁଦୃଢ କରିବାରେ ଦଳକୁ ସାହାଯ୍ୟ କରିଛି । ଦଳର ହଜାର ହଜାର କର୍ମୀ ଘର ଘର ବୁଲି ପ୍ରଚାର କରି କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଓ ବିକାଶ କାର୍ଯ୍ୟକୁ ସଫଳ ଭାବରେ ପ୍ରସାର କରିଛନ୍ତି । ବିଜେପି ନିଜର ନିର୍ବାଚନୀ ରଣନୀତି କେବଳ ନିର୍ବାଚନ ସମୟରେ ନୁହେଁ, ବରଂ ବହୁ ଆଗରୁ ପ୍ରସ୍ତୁତ କରିଥାଏ । ଏହା ଦଳକୁ ଲାଭ ପ୍ରଦାନ କରେ, ତେବେ ପ୍ରତିଦ୍ୱନ୍ଦୀ ବିରୋଧୀ ଦଳଗୁଡ଼ିକ ପ୍ରାୟତଃ କେବଳ ପ୍ରଚାର ସମୟରେ ହିଁ ସକ୍ରିୟ ହୁଅନ୍ତି ।

ବିଜେପି ଏକଦା ଶକ୍ତିଶାଳୀ ଆଞ୍ଚଳିକ ଦଳ ଦ୍ୱାରା ପ୍ରଭାବିତ ଓ ଶାସିତ ରାଜ୍ୟଗୁଡ଼ିକରେ ମଧ୍ୟ ସଫଳତାର ସହିତ ନିଜର ପ୍ରଭାବ ବିସ୍ତାର କରି ନିଜର ଲକ୍ଷ୍ୟ ହାସଲ କରିଛି । ୨୦୨୪ ମସିହାରେ, ଏହି ଦଳ ଓଡ଼ିଶାରେ ଅପରାଜେୟ ଥିବା 'ବିଜୁ ଜନତା ଦଳ'କୁ ପରାସ୍ତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନର ଅନ୍ତ ଘଟାଇଥିଲା । ପରବର୍ତ୍ତୀ ସମୟରେ ଦିଲ୍ଲୀ ନିର୍ବାଚନରେ 'ଆମ ଆଦମୀ ପାର୍ଟି'କୁ କ୍ଷମତାଚ୍ୟୁତ କରିଥିଲା । ଶିବସେନା ଏବଂ ଏନସିପି (NCP) ଦଳକୁ ବିଭାଜିତ କରି ମହାରାଷ୍ଟ୍ରରେ ନିଜର ସାମର୍ଥ୍ୟ ପ୍ରଦର୍ଶନ କରିଛି । ଉଲ୍ଲେଖଯୋଗ୍ୟ ଯେ କଂଗ୍ରେସ, ଟି ଏମସି, ବିଜେଡି , ଆପ୍ ଏବଂ ଅନ୍ୟାନ୍ୟ ଛୋଟ ଦଳଗୁଡ଼ିକର କିଛି ପ୍ରଭାବଶାଳୀ ଅସନ୍ତୁଷ୍ଟ ନେତାମାନଙ୍କୁ ବିଭିନ୍ନ ଉପାୟ ଓ ରଣନୀତି ଆପଣେଇ ନିଜ ଦଳକୁ ଆକର୍ଷିତ କରିବାରେ ସକ୍ଷମ ହୋଇ ପାରିଛି ବିଜେପି ।

ବିରୋଧୀ ଇଣ୍ଡି ମେଣ୍ଟ ଆଭ୍ୟନ୍ତରୀଣ ବିରୋଧ, ନେତୃତ୍ୱ ପ୍ରସଙ୍ଗ ଏବଂ ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ (Common minimum program) ଅନୁପସ୍ଥିତି ସମସ୍ୟାର ସମ୍ମୁଖୀନ ହେଉଛି । ବିରୋଧୀ ଦଳ ଏହି ମେଣ୍ଟର ଏକତାର ଅଭାବ ସ୍ୱାଭାବିକ ଭାବରେ ବିଜେପିକୁ ନିର୍ବାଚନରେ ସୁହାଇ ଥାଏ । ସୁସ୍ଥ ଗଣତନ୍ତ୍ର ପାଇଁ କେବଳ ଏକ ଶକ୍ତିଶାଳୀ ସରକାର ନୁହେଁ ବରଂ ଏକ ଶକ୍ତିଶାଳୀ ଏବଂ ବିଶ୍ୱସନୀୟ ବିରୋଧୀ ଦଳର ଆବଶ୍ୟକ ରହିଛି ।

ବିଶେଷକରି କଂଗ୍ରେସ ଦଳ ବିଜେପିକୁ ମୁକାବିଲା କରିବାରେ ସବୁଠାରୁ ବଡ଼ ଆହ୍ୱାନର ସମ୍ମୁଖୀନ ହେଉଛି । ୨୦୧୪ ମସିହା ପରଠାରୁ, କଂଗ୍ରେସ ବାରମ୍ବାର ନିର୍ବାଚନରେ ପରାଜୟ ବରଣ କରିଛି ଏବଂ ଅଧିକାଂଶ ପ୍ରମୁଖ ରାଜ୍ୟଗୁଡିକ ଉପରେ ଏହି ଦଳ ନିୟନ୍ତ୍ରଣ ହରାଇଛି । ତେବେ ଏହାକୁ ନିଜର ସୁଚିନ୍ତିତ ରଣକୌଶଳ ପ୍ରସ୍ତୁତ କରିବାକୁ ପଡିବ । ସ୍ଥାନୀୟ ନେତୃତ୍ୱକୁ ସୁଦୃଢ଼ କରିବା, ଭୋଟରଙ୍କ ସହିତ ପୁନଃସଂଯୋଗ ସ୍ଥାପନା କରିବା ଏବଂ ଏକ ବିଶ୍ୱସନୀୟ ଅର୍ଥନୈତିକ ଏବଂ ବିକଳ୍ପ ଶାସନ ମଡେଲ ଲୋକଙ୍କ ଆଗରେ ଏହି ଦଳ ଉପସ୍ଥାପନ କରିବା ଉଚିତ । ତୃଣମୂଳସ୍ତରରୁ ନିଜ ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ପୁନଃନିର୍ମାଣ କରିବା ଆବଶ୍ୟକ । କେବଳ ବିଜେପିର ସମାଲୋଚନା କିମ୍ବା କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକର ଅପବ୍ୟବହାର ଭଳି ଅଭିଯୋଗ ଆଣି ଜନସାଧାରଣଙ୍କ ବିଶ୍ୱାସ ଫେରିପାଇବା ପାଇଁ ଯଥେଷ୍ଟ ହେବ ନାହିଁ । ରାଜନୈତିକ ଏକତା ପାଇଁ ବିରୋଧୀ ଇଣ୍ଡିଆ ମେଣ୍ଟ ଅଂଶୀଦାର ଦଳର ନେତାମାନଙ୍କୁ ବ୍ୟକ୍ତିଗତ ମହତ୍ୱାକାଂକ୍ଷା ଏବଂ ଅହଂକାରର ଉପରକୁ ଉଠିବାକୁ ପଡିବ । ମେଣ୍ଟ ବଞ୍ଚିବା ପାଇଁ ଏକ ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ, ମେଣ୍ଟ ଅଂଶୀଦାରଙ୍କ ମଧ୍ୟରେ ପାରସ୍ପରିକ ବିଶ୍ୱାସ ଏବଂ ନେତୃତ୍ୱ ଉପରେ ସ୍ପଷ୍ଟତା ବାଞ୍ଛନୀୟ । ଆଞ୍ଚଳିକ ଦଳମାନଙ୍କୁ ଏବଂ କଂଗ୍ରେସକୁ ନିର୍ବାଚନୀ ସଂଶୋଧନ ଉପରେ ନିର୍ଭର ନକରି ରାଷ୍ଟ୍ରର ବିକାଶର ଏକ ବିକଳ୍ପ ମଡେଲ ଜନ ସାଧାରଣଙ୍କ ଆଗରେ ପ୍ରସ୍ତୁତ କରିବା ଉଚିତ ।

ଲୋକମାନେ ବିରୋଧୀ ଦଳକୁ ବିଶ୍ୱାସ କରିବେ ଯେତେବେଳେ ସେମାନେ ବିଜେପିର ଏକ ଦୃଢ଼ ଏବଂ ସ୍ଥିର ଗ୍ରହଣଯୋଗ୍ୟ ବିକଳ୍ପ ଦେଖିବେ । ଦ୍ୱିତୀୟ ସର୍ବବୃହତ ଜାତୀୟ ଦଳ ଭାବରେ କଂଗ୍ରେସର ଏହି କ୍ଷେତ୍ରରେ ଗୁରୁ ଦାୟିତ୍ୱ ଅଛି ଏବଂ ନିଜ ସଂଗଠନକୁ ମଜବୁତ କରିବା ଆବଶ୍ୟକ । ଏହି ଦଳ ଆଞ୍ଚଳିକ ନେତୃତ୍ୱକୁ ସଶକ୍ତ କରିବା ଉଚିତ । ବିରୋଧୀ ଦଳର କାର୍ଯ୍ୟ କେବଳ ବିଜେପି ବିରୋଧୀ ବୟାନବାଜି ଉପରେ ନିର୍ଭର କରିବା ପରିବର୍ତ୍ତେ ବେକାରୀ ବୃଦ୍ଧି, ମୁଦ୍ରାସ୍ଫୀତି, କୃଷକଙ୍କ ଦୁର୍ଦ୍ଦଶା, ସାମାଜିକ ନ୍ୟାୟ ଏବଂ ସନ୍ତୁଳିତ ବୈଦେଶିକ ନୀତି ,ଆର୍ଥିକ ପ୍ରଗତି ଭଳି ପ୍ରସଙ୍ଗଗୁଡ଼ିକ ଉପରେ ଆଲୋକପାତ କରିବା ଆବଶ୍ୟକ ।

**(ଲେଖକ ବ୍ୟାଙ୍କ ଅଫ ଇଣ୍ଡିଆ ର ପୂର୍ବତନ ଉପ ମହାପ୍ରବନ୍ଧକ ଓ ସ୍ତମ୍ଭକାର )**
**ଏଚ୍ ଆଇ ଜି ୨୫୬, କଳିଙ୍ଗ ବିହାର, ଭୁବନେଶ୍ୱର**

# ନ୍ୟାୟାଧୀଶ ଅନାଥବନ୍ଧୁ ଦାସଙ୍କ ଅବର୍ତ୍ତମାନରେ



**ମାନସ ଦାସ**

ବହୁ ଦଶନ୍ଧି ଧରି ନ୍ୟାୟ ପାଳିକାର ସେବାକରି ଅବସରପ୍ରାପ୍ତ ନାୟାଧୀଶ ଅନାଥ ବନ୍ଧୁ ଦାସଙ୍କ ୯୩ ବର୍ଷ ବୟସରେ ତାଙ୍କର କେନ୍ଦ୍ରାପଡ଼ାର ମାଧପୁର ସ୍ଥିତ ବାସଭବନରେ ଗତ ମେ ଆଠ ତାରିଖ ସନ୍ଧ୍ୟାରେ ମହାପ୍ରୟାଣ ହୋଇଛି । ଶେଷ ସମୟରେ ଜ୍ୟେଷ୍ଠ ପୁତ୍ର ଆଇନଜୀବୀ ବିବେକାନନ୍ଦ, ପୁତ୍ରବଧୂ ଏବଂ ଅନ୍ୟାନ୍ୟ ପରିବାରବର୍ଗ ଉପସ୍ଥିତ ଥିଲେ । ଏକମାତ୍ର କନ୍ୟା କଟକର ଆଇନଜୀବୀ ନିବେଦିତା ଖବର ପାଇ ସଙ୍ଗେ ସଙ୍ଗେ ପରିବାର କେନ୍ଦ୍ରାପଡ଼ାରେ ପହଞ୍ଚି ପିତାଙ୍କ ଅନ୍ତିମ ଦର୍ଶନ କରିଥିଲେ ।

ସାନପୁଅ ବିଜୟାନନ୍ଦ ସପରିବାର ଭୁବନେଶ୍ୱରରୁ ଆସି ପହଞ୍ଚିବା ପରେ ମଧ୍ୟ ରାତ୍ରିରେ ସ୍ୱର୍ଗତ ଦାସଙ୍କ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନେଇ ଅନ୍ତ୍ୟେଷ୍ଟି କ୍ରିୟା କରାଇଥିଲେ ।



ଅନାଥ ବନ୍ଧୁ କେନ୍ଦ୍ରାପଡ଼ାର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାମହ ମଦନମୋହନଙ୍କ ସହ, ପିତା ବନବିହାରୀ ଏବଂ ବଡ଼ବାପା କୁଞ୍ଜବିହାରୀ ଦାସ ଅତୀତରେ କେନ୍ଦ୍ରାପଡ଼ାର ବିଶିଷ୍ଟ ଓକିଲ ଭାବରେ ପ୍ରତିଷ୍ଠା ଲାଭ କରିଥିଲେଓ। ଏବେ ମଧ୍ୟ ଜନମାନସରେ ସେମାନଙ୍କର ଲୋକପ୍ରିୟତାର ସ୍ମୃତି ଜୀବିତ ।

ଅନାଥ ବନ୍ଧୁ ଦାସ ସ୍ୱଳ୍ପକାଳ ପାଇଁ ଓକିଲାତି କରିବାପରେ ନ୍ୟାୟାଧୀଶ ଭାବେ ରାଉରକେଲା, ଅନୁଗୁଳ, ବାଲେଶ୍ୱର, ପୁରୀ ପ୍ରଭୃତି ଓଡ଼ିଶାର ବିଭିନ୍ନ ସହରରେ ଜିଲ୍ଲା ଜଜ୍ ଭାବେ ସେବାକରି ଶେଷରେ ଆର୍ବିଟ୍ରେସନ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଭାବରେ ଅବସର ନେଇଥିଲେ ।

ପରବର୍ତ୍ତୀ ସମୟରେ ସେ ଡି ଏସ୍ ଆଇନ କଲେଜରେ ଅନେକ ବର୍ଷ ଅଧ୍ୟକ୍ଷ ରହିବା ସହ କେନ୍ଦ୍ରାପଡ଼ା ଜିଲ୍ଲା ଖାଉଟି କଲ୍ୟାଣ ସମିତିର ସଭାପତି ଭାବେ କେନ୍ଦ୍ରାପଡ଼ା ବାସିନ୍ଦାଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ ।

ତାଙ୍କର ମିଷ୍ଟ କଥା, ସହୃଦୟତାର ସହ ନିରପେକ୍ଷ ବିଚାର ଏବଂ ସାଧୁତା ପାଇଁ ସେ ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହେବା ସହ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ ।

ଆର୍ବିଟ୍ରେସନ ପ୍ରୋସେସକୁ ସରଳ ଏବଂ ଶୃଙ୍ଖଳିତ କରିବାରେ ନ୍ୟାୟାଧୀଶ ଅନାଥ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ । ତାଙ୍କର ପରଲୋକ ଖବର ମିଳିବା ପରେ କେନ୍ଦ୍ରାପଡ଼ା ପୌରାଞ୍ଚଳ ମାଧପୁର ସ୍ଥିତ ତାଙ୍କ ବାସଭବନଟି ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଧାରଣ ଲୋକଙ୍କ ଉପସ୍ଥିତିରେ ଭରପୁର ହୋଇ ଯାଇଥିଲା ।

ପରିବାରର ବହୁ ସଦସ୍ୟଙ୍କ ସହିତ କେନ୍ଦ୍ରାପଡ଼ା ଓକିଲ ସଂଘ ସଭାପତି ରବି ମହାନ୍ତି, ନୃସିଂହ ରାଉତ, ଆଇନଜୀବୀ ନିହାର ମହାପାତ୍ର, ବୈଦନାଥ ଚାଟାର୍ଜୀ, ମନୋରଞ୍ଜନ ବେହେରା ଏବଂ କେନ୍ଦ୍ରାପଡ଼ା ପ୍ରଶାସନ ତରଫରୁ ବହୁ ପଦସ୍ଥ ଅଧିକାରୀମାନେ ଆସି ଅନାଥ ବନ୍ଧୁ ଦାସଙ୍କ ଶେଷ ଦର୍ଶନ କରିଥିଲେ ।

ଅନାଥ ବନ୍ଧୁ କେନ୍ଦ୍ରାପଡ଼ାର ବହୁ ଅନୁଷ୍ଠାନ ସହ ଜଡ଼ିତ ରହି ବିଭିନ୍ନ ସମୟରେ ଆନୁଷ୍ଠାନିକ କାର୍ଯ୍ୟ ପରିଚାଳନାରେ ସ୍ୱଚ୍ଛତା ଆଣିବାରେ ସହାୟକ ହୋଇଥିଲେ । ଅନାଥ ବନ୍ଧୁଙ୍କ ଅବର୍ତ୍ତମାନରେ କେନ୍ଦ୍ରାପଡ଼ା ଏକ ସୁଯୋଗ୍ୟ ସନ୍ତାନକୁ ହରାଇଲା ।

ଗତ ସତର ତାରିଖ ରବିବାର ସନ୍ଧ୍ୟାରେ ବଳଦେବଜୀଉ ମଣ୍ଡପରେ ତାଙ୍କ ଏକାଦଶାହ ପାଳନ ଏବଂ ଶୋକସଭାରେ କେନ୍ଦ୍ରାପଡାର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ତାଙ୍କର ସ୍ମୃତିଚାରଣ କରିଥିଲେ । ପ୍ରାୟ ହଜାରେ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ସ୍ୱର୍ଗୀୟ ନ୍ୟାୟାଧୀଶ ଅନାଥ ବନ୍ଧୁଙ୍କୁ ଶେଷ ଅର୍ଘ୍ୟ ପ୍ରଦାନ କରାଯାଇଥିଲା ।

ସମ୍ପର୍କରେ ସେ ମୋ ଦାଦା ଥିଲେ । କିନ୍ତୁ ଆମ ମଧ୍ୟରେ ଥିଲା ଏକ ଅନନ୍ୟ ସମ୍ପର୍କ । ମୋ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା । ମୋ ଯୁବା ଅବସ୍ଥାରେ ସେ ଯେତେବେଳେ କଟକ ଆସୁଥିଲେ ମୋ ପାଖରେ ରହୁଥିଲେ । ସାଇକେଲ ଓ ମଟରସାଇକେଲରେ ଦାଦାଙ୍କୁ ପଛରେ ବସାଇ ବୁଲିବାର ଅନେକ ସ୍ମୃତି ରହିଛି । ମୋ ଦାଦା ହୋଇ ମଧ୍ୟ ମତେ ସବୁବେଳେ 'ତମେ' ସମ୍ବୋଧନ କରୁଥିଲେ । ତାଙ୍କର ଅବର୍ତ୍ତମାନରେ ପରିବାରର ଶେଷ ଗୁରୁଜନଙ୍କୁ ଆମେ ହରାଇଲୁଁ ।

ଅନାଥବନ୍ଧୁଙ୍କ ଭଳି ଶାଳୀନ, ସ୍ୱଳ୍ପଭାଷୀ ଅମାୟିକ ସରଳ ପରୋପକାରୀ ବ୍ୟକ୍ତିଙ୍କୁ ଜାଣିଥିବା ସବୁ ମଣିଷ ସଦା ସର୍ବଦା ମନେରଖିବେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦ୍ମ ପୟରରେ ନିବେଦନ, ତାଙ୍କର ଆତ୍ମାର ସଦ୍‌ଗତି ହେଉ ।

**କୁନ୍ଦ କୁଟୀର, ଚୌଧୁରୀ ବଜାର**
**କଟକ, ୭୫୩୦୦୧**

# ରାଜୀବ ଯୁବ ନେତୃତ୍ୱର ପ୍ରତୀକ

**ଦେବୀପ୍ରସାଦ ପୃଷ୍ଟି**

ଆଜି ଏକବିଂଶ ଶତାବ୍ଦୀରେ ସମଗ୍ର ବିଶ୍ୱରେ ଭାରତବର୍ଷ ଯେଉଁ କେତୋଟି ଦିଗ ପାଇଁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଛି ତନ୍ମଧ୍ୟରୁ ଆଧ୍ୟାତ୍ମିକବାଦ, ପାରିବାରିକ ସଂହତି, କ୍ଷେପଣାସ୍ତ୍ର ଗବେଷଣା, ଚାରୁ ହସ୍ତକଳା, କମ୍ପ୍ୟୁଟର ପ୍ରଯୁକ୍ତି ବିଦ୍ୟା, ଯୁବଶକ୍ତିର ଅଭ୍ୟୁଦୟ ଇତ୍ୟାଦି ପ୍ରମୁଖ ସ୍ଥାନ ଗ୍ରହଣ କରିଛି ।

ଅତୀତରେ ଚାରି ଦଶନ୍ଧି ତଳେ ଯେଉଁମାନେ କମ୍ପ୍ୟୁଟର ପ୍ରଚଳନର ବିରୋଧ କରୁଥିଲେ, ଆଜି ସେମାନେ ମଧ୍ୟ କମ୍ପ୍ୟୁଟର ପ୍ରଯୁକ୍ତି ବିଦ୍ୟା ପକ୍ଷରେ ଯୁକ୍ତି ବାଢ଼ିଲେଣି । ଯଦିଓ ଏବେ କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ବିତର୍କ ସୃଷ୍ଟି ହେଉଛି । କୃଷି କ୍ଷେତ୍ରଠୁଁ ଆରମ୍ଭ କରି ରାଜସ୍ୱ, ଖଣି, ଜଳସମ୍ପଦ, ବସ୍ତ୍ର ଉତ୍ପାଦନ, ଗୃହ-କୋଠା-ଅଟ୍ଟାଳିକା ନିର୍ମାଣ ସ୍ୱାସ୍ଥ୍ୟସେବା, ଗମନାଗମନ, ବିଜ୍ଞାନ, ଗବେଷଣା, କ୍ରୀଡ଼ା ଆଦି ପ୍ରତିଟି କ୍ଷେତ୍ରରେ କମ୍ପ୍ୟୁଟର ପ୍ରଯୁକ୍ତି ବିଦ୍ୟା ଅପରିହାର୍ଯ୍ୟ ହୋଇପଡ଼ିଛି । ଚାଳିଶି ବର୍ଷ ତଳେ ଯିଏ ଭାରତୀୟ ସଭ୍ୟତା, ଭାରତୀୟ ଅର୍ଥନୀତିର ବିକାଶ ପାଇଁ କମ୍ପ୍ୟୁଟର ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଆରମ୍ଭ କରିଥିଲେ ସେ ଆଉ କେହି ନୁହଁନ୍ତି, ସେ ହେଉଛନ୍ତି ସ୍ୱର୍ଗୀୟ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି ।



ଗଣ ଯୋଗାଯୋଗ କ୍ଷେତ୍ରରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ସଂଘଟିତ ହୋଇଛି ତାର ମୁଖ୍ୟ ସୂତ୍ରଧର ଥିଲେ ରାଜୀବ ଗାନ୍ଧି । ବନ୍ଧୁ ଶ୍ୟାମ ପିଟ୍ରୋଡା (ଟିଟିଲାଗଡ଼ର ଶ୍ୟାମଘନ ପରିଡ଼ା)ଙ୍କ ଉପରେ ଦୃଢ ବିଶ୍ୱାସ ରଖି ସେ ତାଙ୍କୁ ଏହି ବିପ୍ଳବର ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରିଥିଲେ ସେତେବେଳେ । ସମାଲୋଚନାକୁ ଖାତିର କରି ନଥିଲେ ବୋଲି ଆଜି ଟେଲି ଯୋଗାଯୋଗ ବ୍ୟବସ୍ଥାରେ ଭାରତବର୍ଷ ସଫଳତା ହାସଲ କରିଛି । ତଥାପି ଆହୁରି ବହୁତ ରାସ୍ତା ବାକି ଅଛି । ଏହାର ସୁଫଳ ସବୁଠାରୁ ଦରିଦ୍ରତମ, ସବୁଠୁଁ ପଛୁଆ ନାଗରିକଟିଏ ପାଖରେ ମଧ୍ୟ ପହଞ୍ଚିବା ଉଚିତ୍ ।

କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ତଥା ଭାରତବର୍ଷର ଆତ୍ମା ଗ୍ରାମାଞ୍ଚଳର ବିକାଶ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ରାଜୀବ ବହୁତ ଗୁରୁତ୍ୱ ଦେଉଥିଲେ । ସର୍ବଭାରତୀୟ ସ୍ତରରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସମ୍ମିଳନୀ ଅନୁଷ୍ଠିତ ହେବା ତାଙ୍କର ବ୍ୟକ୍ତିଗତ ପ୍ରଚେଷ୍ଟା ଓ ଅଙ୍ଗୀକାରବଦ୍ଧତାର ପ୍ରମାଣପତ୍ର ।

ଦିଲ୍ଲୀ ନିର୍ବାଚନରେ କଂଗ୍ରେସର ବିଜୟ ଉପରେ ସାଧାରଣ ସମ୍ପାଦକ ଭାବରେ ପତ୍ରକାର ତଭଲିନ୍ ସିଂହଙ୍କ ସହିତ ଏକ ସାକ୍ଷାତକାରରେ (୧୯୮୩) ରାଜୀବ ଗାନ୍ଧି କଂଗ୍ରେସ ଦଳର ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରିବା ସହିତ ତଳ ସ୍ତରର କର୍ମକର୍ତ୍ତା, ବ୍ଲକ ସଭାପତି ଏବଂ ଜିଲ୍ଲା ସଭାପତିମାନଙ୍କ ଉପରେ ନିର୍ଦ୍ଦିଷ୍ଟ ଦାୟିତ୍ୱ ନ୍ୟସ୍ତ ସହିତ ଦଳ ମଧ୍ୟରେ ଆଭ୍ୟନ୍ତରୀଣ ଗଣତନ୍ତ୍ରର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ ।

ଆଜିକୁ ଚାଳିଶି ବର୍ଷ ତଳେ ରାଜୀବ ଗାନ୍ଧି ଦକ୍ଷତା ଓ କର୍ମନିଷ୍ଠା ସାଙ୍ଗକୁ ସଚ୍ଚୋଟ ନେତୃତ୍ୱ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଉଭୟ ସଚ୍ଚୋଟପଣିଆ ଓ ଦକ୍ଷତା ପାଇଁ ନେତୃତ୍ୱ ଉତ୍ତରଦାୟୀ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏକଟଙ୍କାରୁ ଚଉରାଅଶି ପଇସା ବାଟମାରଣା ହୋଇ ମାତ୍ର ଷୋହଳ (୧୬) ପଇସା ଲୋକଙ୍କ ପାଖରେ ପହଞ୍ଚୁଛି ବୋଲି ଜଣେ ପ୍ରଧାନମନ୍ତ୍ରୀ ଭାବେ ସେ ସ୍ପଷ୍ଟ ଭାବେ କହିଥିଲେ ।

ସର୍ବୋପରି ୧୮ ବର୍ଷରେ ଜଣେ ସାବାଳକ ହେଉଥିବାରୁ ଭୋଟଦାନ ଅଧିକାର ପ୍ରଦାନ ପାଇଁ ତାଙ୍କର ଆନ୍ତରିକ ଉଦ୍ୟମ ଭାରତବର୍ଷର ଯୁବଗୋଷ୍ଠୀଙ୍କ ପାଖରେ ତାଙ୍କୁ ଚିର ନମସ୍ୟ କରି ରଖିବ ।

ମୋ- ୯୪୩୭୩୦୩୩୨୮

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

(ମହାତ୍ମା ଗାନ୍ଧି)

## ବେଆଇନ ମାଟି ଉତ୍ତୋଳନ ପଛରେ କାହାର ହାତ

# ନିରପେକ୍ଷ ତଦନ୍ତ ଦାବି କଲା କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ପାରାଦ୍ୱୀପ କୁଜଙ୍ଗ ଅଞ୍ଚଳରେ ମାଫିଆଙ୍କ ବେଆଇନ ମାଟି ଖନନ ଓ ଏସବୁ କାର୍ଯ୍ୟକଳାପରେ ମନ୍ତ୍ରୀଙ୍କ ସମ୍ପୃକ୍ତିକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ପାରାଦ୍ୱୀପର ନିରଞ୍ଜନ ନାୟକ, ପରିବେଶବିତ ଓ କଂଗ୍ରେସ ନେତା ସୁଧାଂଶୁ ଦେଓ, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ଓ ପିସିସି ମୁଖପାତ୍ର ଡଃ ଦେବାଶିଷ ଭୂୟାଁ ଯୋଗଦେଇ ପାରାଦ୍ୱୀପ ଅଞ୍ଚଳରେ ବେଆଇନ ଖନନକୁ, ମନ୍ତ୍ରୀଙ୍କ ସମ୍ପୃକ୍ତି, ପ୍ରାକୃତିକ ପରିବେଶ ନଷ୍ଟ ଓ ପ୍ରଦୂଷଣକୁ ନେଇ ସରକାର ଏବଂ ପ୍ରଶାସନକୁ କଡା ସମାଲୋଚନା କରିଥିଲେ ।

କୁଜଙ୍ଗରେ ବେଆଇନ ମାଟି ଉଠାଣ ସ୍ଥଳରେ ଗୁରୁବାର ବିଳମ୍ବିତ ରାତିରେ ଜଗତସିଂହପୁର ଜିଲ୍ଲାପାଳ ଓ ଏସପି ପହଞ୍ଚି ଅଚାନକ ଚଢ଼ାଉ କରି ମାଟି ଉଠାଣ କୁ ବନ୍ଦ କରିଦେବା ସହ ଏହି ବେଆଇନ ମାଟି ଉଠାଣ ରେ ବ୍ୟବହୃତ ୧୧ ହାଇୱା , ୫ ଟା ପ୍ରୋକଲିନ ଜବତ କରିବା ସହ ୪ ଜଣ ଚାଳକଙ୍କୁ ଅଟକ ରଖିଥିଲେ । ନାଫତା ପ୍ରକଳ୍ପ ନିମନ୍ତେ କୁଜଙ୍ଗ ତହସିଲ ଅନ୍ତର୍ଗତ ଫତେପୁର ଓ ପ୍ରତାପପୁର ମୌଜାର ୭୮୦ ଏକର ଜମି ଇଡକୋ ଦ୍ୱାରା ଅଧିଗ୍ରହୀତ ହୋଇଥିଲା । ସେହି ଜମିରୁ ଶାସକ ଦଳ ନେତାଙ୍କ ବାହୁଚ୍ଛାୟା ତଳେ ରହି କେତେକ ମାଟି ମାଫିଆ ଅସାଧୁ ସିଣ୍ଡିକେଟ ଗଢି ଗତ ଫେବୃଆରୀ ମାସରୁ ବେଆଇନ ଭାବେ କୋଟି କୋଟି ଟଙ୍କାର ମାଟି ତାଡି କଟକ ପାରାଦୀପ ରେଳ ପଥ ସମ୍ପ୍ରସାରଣ କାର୍ଯ୍ୟକୁ ଯୋଗାଉଥିଲେ । ଏନେଇ ଗଣ ମାଧ୍ୟମରେ ବହୁବାର ଖବର ପ୍ରସାରଣ ହେବାରୁ ସ୍ଥାନୀୟ ପ୍ରଶାସନ ନାମକୁ ମାତ୍ର ଚଢାଉ କରି ଚୁପ ବସି ପଡୁଥିଲା । ପୂର୍ବରୁ କୁଜଙ୍ଗ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ୧୭ ଟା ହାଇୱା ଜବତ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କଣ ନେଲେ ତାହା ଜଣାପଡ଼ିଲା ନାହିଁ । ଫଳରେ ମାଟି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢି ଚାଲିଲା । ସେମାନଙ୍କ ଦୌରାତ୍ମ୍ୟରେ ସାଧାରଣ ଲୋକ ଅତିଷ୍ଠ ହୋଇ ପଡ଼ିଛନ୍ତି । ଅନ୍ୟପଟେ ରେଳପଥ ସମ୍ପ୍ରସାରଣ ପାଇଁ ଚୁକ୍ତିବଦ୍ଧ ହୋଇଥିବା ଠିକା ସଂସ୍ଥାକୁ ମାଟି ଯୋଗାଇବା ପାଇଁ ଜନୈକ ରାଜନେତାଙ୍କ ଭିଣୋଇ ଉକ୍ତ ଠିକା ସଂସ୍ଥା ସହ ଚୁକ୍ତିବଦ୍ଧ ହୋଇଥିଲା । ତାଙ୍କରି ନିର୍ଦ୍ଦେଶରେ ମାଟି ମାଫିଆ ମାନେ ଲକ୍ଷ ଲକ୍ଷ କ୍ୟୁବିକ ମିଟରର ମାଟି ଯୋଗାଇ କୋଟି କୋଟି ଟଙ୍କା ମୁନାଫା ଉଠାଇଥିଲେ । ଉକ୍ତ ବେଆଇନ କାର୍ଯ୍ୟକୁ ସ୍ଥାନୀୟ ରାଜସ୍ୱ ପ୍ରଶାସନ ବନ୍ଦ କରିବାକୁ ସକ୍ଷମ ନହେବାରୁ ଜିଲ୍ଲାପାଳ ଜେ ସୋନାଲ ଓ ଏସପି ଅଙ୍କିତ ବର୍ମା କୁଜଙ୍ଗ ତହସିଲଦାର ଓ ପୋଲିସକୁ ନଜଣାଇ ଗୁରୁବାର ବିଳମ୍ବିତ ରାତିରେ ତିର୍ତ୍ତୋଲ , ଏରସମା , ଅଭୟଚାନ୍ଦପୁର ଓ ପାରାଦୀପ ଲକ୍ ଥାନା ପୋଲିସଙ୍କୁ ଏକ ହାଇୱାରେ ନେଇ ଘଟଣାସ୍ଥଳରେ ପହଞ୍ଚି ଚଢାଉ କରିଥିଲେ । ମାଷ୍ଟର ମାଇଣ୍ଡଙ୍କୁ ଧରିବା ପାଇଁ କୁଜଙ୍ଗ ପୋଲିସ ତନା ଘନା ଚଳେଇ ଥିଲେ ମଧ୍ୟ ସେମାନେ ଫେରାର ଥିବାରୁ ଧରା ପଡ଼ି ନାହାନ୍ତି । ଫଳରେ ସିଣ୍ଡିକେଟ ଚଳାଉଥିବା ତିନି ମାଷ୍ଟର ମାଇଣ୍ଡଙ୍କ ନାମରେ ପ୍ରଶାସନ ତରଫରୁ ଗିରଫ ପରଓ୍ୱାନା ଜାରି କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି ।

## ପିସିସି ପକ୍ଷରୁ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ସକାଳେ କଂଗ୍ରେସ ନେତୃବୃନ୍ଦ ରାଜୀବ ଭବନ ପରିସରରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।ପରେ ପିସିସି କାର୍ଯ୍ୟାଳୟ ଠାରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଜୟଦେବ ଜେନା, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ପ୍ରକାଶ ଜେନା, ଚିନ୍ମୟ ପ୍ରସାଦ ବେହୁରା, ଶିଳ୍ପିଶ୍ରୀ ହରିଚନ୍ଦନ, ଆଲୋକ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ବରାଳ,



ଚିନ୍ମୟ ସୁନ୍ଦର ଦାସ, ପ୍ରକାଶ ମିଶ୍ର, ସୁଦର୍ଶନ ଦାସ, ତରୁଣ ମିଶ୍ର, ଅଭୟ ସାହୁ, ଭାସ୍କର ସେଠୀ, ମିହିର ଆଚାର୍ଯ୍ୟ, ସୁଶାନ୍ତ ତ୍ରିପାଠୀ, ସଂଜୟ ମିଶ୍ର, ଜୟସ୍ମିତା ମହାନ୍ତି, ରଜନୀ ମହାନ୍ତି, ଲିଙ୍ଗରାଜ ସାହୁ, ଜ୍ୟୋତିଷ ସାହୁ, ଉଷାରାଣୀ ବେହେରା, ଶ୍ରୀୟା ମହାନ୍ତି, ସାସ୍ୱତୀ ମହାନ୍ତି, ମୋହନ ହେମ୍ବ୍ରମ, ସୁଭାଷ ପ୍ରଧାନ, ଖଗେଶ୍ୱର ମଲ୍ଲିକ, ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ ।

## ଡ୍ରିମ୍ସ କୃଷି ବିଦ୍ୟାଳୟରେ ବିଶ୍ୱ ମହୁମାଛି ଦିବସ

# ମହୁମାଛି ପାଳନକୁ ଜନ ଆନ୍ଦୋଳନରେ ପରିଣତ ଲାଗି ଆହ୍ୱାନ

କଟକ, (ସ୍ୱପ୍ର) : ଡ୍ରିମ୍ସ କୃଷି ବିଦ୍ୟାଳୟର ବିଶ୍ୱ ମହୁମାଛି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଏବଂ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିବା ବିଶେଷଜ୍ଞ ବକ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଡିନ୍ ଡ. କୃଷ୍ଣକର୍ଣ୍ଣ ରାଉତଙ୍କ ପୌରହିତ୍ୟରେ ଓ ଗୁଗୁଲ୍ ମିଟ୍ ମାଧ୍ୟମରେ ଆୟୋଜିତ ଆଲୋଚନା ଚକ୍ରରେ ବିଶିଷ୍ଟ କୃଷି ଓ କୀଟ ବିଜ୍ଞାନୀ ବିଭିନ୍ନ ପ୍ରଜାତିର ମହୁମାଛିଙ୍କ ସଂରକ୍ଷଣ, ସେମାନଙ୍କର ସଂଖ୍ୟା ବୃଦ୍ଧି, ମହୁ ମାଛି ପାଳନର ଉପକାରିତା ଆଦି ପ୍ରସଙ୍ଗ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବା ସଂଗେସଂଗେ ଓଡିଶାର ଅନୁକୂଳ ପରିବେଶକୁ ଉପଯୋଗ କରି ପ୍ରତ୍ୟେକ ଗାଁରେ ମହୁ ମାଛି ପାଳନକୁ ଜନ ଆନ୍ଦୋଳନରେ ପରିଣତ ଲାଗି ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା କୀଟ ବିଜ୍ଞାନୀ ପ୍ରଫେସର ରମାନାଥ ମହାପାତ୍ର ଭାରତରେ ମହୁମାଛିଙ୍କ ଇତିହାସ ଓ ଜନଜୀବନକୁ ପରିପୃଷ୍ଟ କରିବାରେ ଏହାର ସୁଦୁର ପ୍ରସାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ପି. ଯୋଷୀ, ଡ. ଶୁଭସ୍ମିତା ସାହୁ, ଡ. ଅନୀଲ ଜେନା, ଡ. ସରୋଜ ମଲ୍ଲିକ, ଡ. ପ୍ରବାସିନୀ ବେହେରା, ଡ. ସ୍ୱାଗତ ଶୁଭଦର୍ଶୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପ୍ରାଧ୍ୟାପକ ଡ. କୋଠଳାସ ଚନ୍ଦ୍ର ସାମଲ କାର୍ଯ୍ୟକ୍ରମ ସଂଯୋଜନା, ପ୍ରାଧ୍ୟାପକ ଡ. ମନୋରଂଜନ ମହାପାତ୍ର ସ୍ୱାଗତ ଅଭିଭାଷଣ ଏବଂ କୀଟ ବିଜ୍ଞାନୀ ଡ. ଆରାଧନା ପଣ୍ଡା ଆଲୋଚନା ଚକ୍ରର ପୃଷ୍ଠଭୂମି ଉପରେ ସୂଚନା ପ୍ରଦାନ କରିଥିଲେ । ପ୍ରାଧ୍ୟାପିକା ଡ. ପୁରବୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## କଳାମନ୍ଦିରରେ ସ୍ୱତନ୍ତ୍ର ରଜ ଉତ୍ସବ କଲେକ୍ସନର ସମ୍ଭାର

ଭୁବନେଶ୍ୱର, (ସବ୍ୟୁ): ବହୁ ପ୍ରତିକ୍ଷୀତ ରଜ ଉତ୍ସବ ଆଗମନକୁ ଦୃଷ୍ଟିରେ ରଖି କଳାମନ୍ଦିର ପକ୍ଷରୁ ନୂତନ ଉତ୍ସବ କଲେକ୍ସନର ସମ୍ଭାର




ଅଣାଯାଇଛି । ପାରମ୍ପରିକତା, ସୌନ୍ଦର୍ଯ୍ୟ ଓ ଆଧୁନିକ ଫ୍ୟାସନ୍‌ର ସୁନ୍ଦର ମିଶ୍ରଣ ସହ ଏହି କଲେକ୍ସନ କ୍ରେତାମାନଙ୍କୁ ଆକର୍ଷିତ କରୁଛି । ଟ୍ରେଣ୍ଡି ଏବଂ ପ୍ରିମିୟମ୍ ପୋଷାକ ପାଇଁ ପରିଚିତ କଳାମନ୍ଦିର ଓଡିଶାରେ ଉତ୍ସବ ଓ ପାରିବାରିକ କିଣାକିଣି ପାଇଁ ଏକ ପ୍ରମୁଖ ସ୍ଥାନ ଭାବେ ଜଣାଶୁଣା । ଏହି ରଜ ଋତୁରେ କଳାମନ୍ଦିର ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଶାଢୀ, ଡ୍ରେସ୍ ମ୍ୟାଟେରିଆଲ ଓ ରେଡିମେଡ ପୋଷକର ଏକ ସ୍ୱତନ୍ତ୍ର ସଂଗ୍ରହ ପ୍ରଦର୍ଶନ କରୁଛି । ନୂତନ କଲେକ୍ସନରେ ଆକର୍ଷଣୀୟ ରଙ୍ଗ, ଆଧୁନିକ ଡିଜାଇନ୍, ପାରମ୍ପରିକ ବୁଣା ଓ ରଜ ଉତ୍ସବ ପାଇଁ ବିଶେଷ ଭାବେ ପ୍ରସ୍ତୁତ ଷ୍ଟାଇଲିସ୍ ଡିଜାଇନ୍ ସ୍ଥାନ ପାଇଛି । ଗ୍ରାହକମାନେ ଡିଜାଇନ୍ ଶାଢୀ, ସିଲ୍କ ଶାଢୀ, କଟନ ଶାଢୀ, ଫ୍ୟାସନେବଲ ମ୍ୟାଟେରିଆଲ ସମସ୍ତ ବୟସ୍କଙ୍କ ପାଇଁ ଏଥ୍ନିକ୍ ଓ କାଜୁଆଲ ପୋଷାକର ବିଭିନ୍ନ ରେଞ୍ଜ ଏଠାରେ ପାଇପାରିବେ । ଉତ୍ସବ କଲେକ୍ସନ ସହିତ କଳାନ୍ଦିରରେ ବିବାହ ପାଇଁ ମଧ୍ୟ ଆକର୍ଷଣୀୟ ମ୍ୟାରେଜ କଲେକ୍ସନ ଉପଲବ୍ଧ ରହିଛି ଯାହା ଏହି ସ୍ଥାନକୁ ବିବାହ କିଣାକିଣି ଓ ଉତ୍ସବ ଅବସର ପାଇଁ ଏକ ଆକର୍ଷଣୀୟ ସ୍ଥାନରେ ପରିଣତ କରିଛି । ଅରାମଦାୟକତା ସହ ଉତ୍ସବର ଗ୍ଲାମରସ ଷ୍ଟାଇଲିସ୍ ଲୁକ୍‌ର ପୋଷାକଗୁଡିକ ନୂତନ ଫ୍ୟାସନ୍ ବ୍ରାଣ୍ଡ୍‌କୁ ଖୋଜୁଥିବା କ୍ରେତାମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ପରିବର୍ତ୍ତିତ ଫ୍ୟାସନ୍ ଟ୍ରେଣ୍ଡ ଅନୁଯାୟୀ ନିରନ୍ତର ନୂତନ କଲେକ୍ସନ ଆଣିବା ସହିତ ଗୁଣବତ୍ତା ଓ ସୁଲଭ ମୂଲ୍ୟ ବଜାୟ ରଖିବାରେ କଳାମନ୍ଦିର ସବୁବେଳେ ପ୍ରଶଂସିତ ହୋଇଆସୁଛି । ଏହାର ଗ୍ରାହକ ଅନୁକୂଳ ସେବା ଓ ବିଶାଳ ସଂଗ୍ରହ ସାରା ଓଡିଶାର ପରିବାରମାନଙ୍କର ଆସ୍ଥା ଅର୍ଜନ କରିପାରିଛି । ରଜ ଉତ୍ସବକୁ ଆହୁରି ରଙ୍ଗୀନ ଓ ସ୍ମରଣୀୟ କରିବା ପାଇଁ କଳାମନ୍ଦିର ପକ୍ଷରୁ ସମସ୍ତଙ୍କୁ ନୂତନ କଲେକ୍ସନର ପରିଦର୍ଶନ କରିବା ଓ ଆକର୍ଷଣୀୟ କିଣାକିଣିର ଅନୁଭୂତି ନେବାକୁ ଆମନ୍ତ୍ରଣ କରାଯାଉଛି ।

## ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା







ଭୁବନେଶ୍ୱର (ସବ୍ୟୁ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୬ ମସିହାର +୨ ପରୀକ୍ଷାର ସମସ୍ତ ବିଭାଗର ଫଳାଫଳ ପ୍ରକାଶିତ ହୋଇଛି । ସାରା ରାଜ୍ୟରେ ବିଜ୍ଞାନ ବିଷୟରେ ୮୮.୮୦% ଫଳାଫଳ ହୋଇଥିବା ବେଳେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଫଳାଫଳ ୯୭% ହୋଇ ବିଦ୍ୟାଳୟର ଅତୀତର ଗୌରବ ବଜାୟ ରଖିଅଛି । ଉକ୍ତ ବିଦ୍ୟାଳୟର ମୋଟ ୨୩୪ ଛାତ୍ରଛାତ୍ରୀ +୨ ବିଜ୍ଞାନ ବିଷୟରେ ପରୀକ୍ଷା ଦେଇ ୨୨୬ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ତନ୍ମଧ୍ୟରୁ ୨୧୪(୯୨%) ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୨ (୫%) ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୩ ଜଣ ଛାତ୍ରଛାତ୍ରୀ ୯୦% ଉପରେ ନମ୍ବର ରଖିଥିବା ବେଳେ ୬୭ ଜଣ ଛାତ୍ରଛାତ୍ରୀ ୫୦୦ ଉପରେ ନମ୍ବର ରଖିଛନ୍ତି ଏବଂ ୯୩ ଜଣ ଛାତ୍ରଛାତ୍ରୀ ୮୦% ଉପରେ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । ଅନୁଷ୍ଠାନର ଛାତ୍ରୀ ରାଜଲକ୍ଷ୍ମୀ ନାୟକ ସର୍ବୋଚ୍ଚ ୫୭୮ ନମ୍ବର, ପ୍ରିୟବାଦିନୀ ସାହୁ ୫୭୭ ନମ୍ବର ଏବଂ ସୁରଜିତ୍ ସାହୁ ୫୭୬ ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବା ସହିତ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ମାନ ବଜାୟ ରଖିବାରେ ସଫଳ ହୋଇଛନ୍ତି । ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ନିରବଚ୍ଛିନ୍ନ କଠିନ ପରିଶ୍ରମ, ଅଧ୍ୟକ୍ଷ ପ୍ରଫେସର ଡ଼ଃ. ତ୍ରିବିକ୍ରମ ଷଡଙ୍ଗୀଙ୍କ ଉନ୍ନତମାନର ତତ୍ତ୍ୱାବଧାନ, ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ଼ଃ. ଚିତ୍ତ ରଞ୍ଜନ ମିଶ୍ରଙ୍କ ବଳିଷ୍ଠ ଦିଗଦର୍ଶନ ଏବଂ ସମସ୍ତ କର୍ମଚାରୀ ମାନଙ୍କର ପ୍ରଚେଷ୍ଟା ବଳରେ ଏବର୍ଷର ଫଳାଫଳ ଅନୁଷ୍ଠାନର ଗୌରବ ବଜାୟ ରଖିବାରେ ସଫଳ ହୋଇଛି । ଏହି ଅବସରରେ ଅନୁଷ୍ଠାନର ଚେୟାରମ୍ୟାନ ଡ଼ଃ. ମିଶ୍ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେବା ସହିତ ଶୁଭେଚ୍ଛା ଜଣାଇ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କର ମଙ୍ଗଳ କାମନା କରିଛନ୍ତି ।

## ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଆପେକ୍ସ ଏକାଡେମୀର ସଫଳତା

# ୯୭ ପ୍ରତିଶତ ନମ୍ବର ରଖି ଏସ୍‌ପି ଜୟପ୍ରକାଶ ପ୍ରଥମ

କଟକ, (ସ୍ୱପ୍ର) : ବୁଧବାର ପ୍ରକାଶ ପାଇଥିଲା ଯୁକ୍ତ ଦୁଇ ପରୀକ୍ଷା ଫଳ । ସ୍ଥାନୀୟ ରେଭେନ୍ସା କଲେଜ ଛକ ସ୍ଥିତ ଆପେକ୍ସ ଏକାଡେମୀର ଛାତ୍ର, ଛାତ୍ରୀ ମାନେ ଚଳିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଶତପ୍ରତିଶତ ରେଜଲ୍ଟ କରି ଏକାଡେମୀର ଗୌରବ ବୃଦ୍ଧି କରିଛନ୍ତି । ଆଳି ପଟ୍ଟାମୁଣ୍ଡେଇ ଅଂଚଳର ପିତା, ପ୍ରଦୀପ୍ତ କୁମାର ମୁଦୁଲି, ମାତା ସସ୍ମିତା ମୁଦୁଲିଙ୍କ ସାନ ପୁଅ ଏସପି ଜୟପ୍ରକାଶ ମୁଦୁଲି ମୋଟ ୬୦୦ ନମ୍ବରରୁ ୫୮୨ ନମ୍ବର ( ୯୭%) ରଖି ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି । ସେ ରେଭେନ୍ସା କଲେଜରେ



ଅଧ୍ୟୟନ କରୁଥିବା ବେଳେ ଆପେକ୍ସ ଏକାଡେମୀରେ ରହି ଅଭିଜ୍ଞ ଶିକ୍ଷକ ମାନଙ୍କ ନିକଟରେ ପାଠ ପଢିବା ସହିତ ପରୀକ୍ଷାରେ ଅଧିକ ନମ୍ବର ପାଇବାକୁ ପରିଶ୍ରମ କରୁଥିଲେ । ଫଳରେ ତାଙ୍କୁ ଏହି ଏକାଡେମୀର ଶିର୍ଷ ସଫଳତା ମିଳିଥିଲା । ଏହା ସହିତ ଏକାଡେମୀର ତନ୍ମୟ ବସ୍ତିଆ ୯୬ ପ୍ରତିଶତ, ଶକ୍ତି ସିଦ୍ଧାନ୍ତ ଦାସ ୯୬ ପ୍ରତିଶତ, ଦେବବ୍ରତ ରଥ ୯୬ ପ୍ରତିଶତ, ଆୟୁଷ ବାରିକ ୯୫ ପ୍ରତିଶତ, ଅମିତେଶ ରାଉତ ୯୫ ପ୍ରତିଶତ ସହ ମୋଟ ୯୪ ପିଲାରୁ ୯୪ ଜଣ ପିଲା କୃତକାର୍ଯ୍ୟ ହୋଇ ଶତପ୍ରତିଶତ ରେଜଲଫ କରିଛନ୍ତି । ଏମାନଙ୍କ ମଧ୍ୟରୁ ୨୧ ଜଣ ପିଲା ୯୦ ପ୍ରତିଶତରୁ ଉର୍ଦ୍ଧ ନମ୍ବର ରଖିଛନ୍ତି । ଫଳରେ ଏକାଡେମୀ ପକ୍ଷରୁ କୃତି ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା । ଛାତ୍ରଛାତ୍ରୀମାନେ ଆପେକ୍ସ ଏକାଡେମୀର ଶିକ୍ଷାଦାନ ଶୈଳୀକୁ ପ୍ରଶଂସା କରିଥିଲେ । ଦୀର୍ଘ ୧୨ ବର୍ଷ ଧରି ଏହି ଆପେକ୍ସ ଏକାଡେମୀ ଶତପ୍ରତିଶତ ସଫଳତା ହାତେଇ ବହୁ କୃତି ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାରେ ସହାୟ ହୋଇଛି ବୋଲି ଏହାର ପ୍ରତିଷ୍ଠାତା କେଦାରନାଥ ପରିଡା କହିଛନ୍ତି । ସେ ଏହି ଏକାଡେମୀରେ ଛାତ୍ର, ଛାତ୍ରୀ ମାନେ ଏଠାରେ ରହିବା, ଖାଇବା ସହିତ ଦକ୍ଷ ଶିକ୍ଷକ ମାନଙ୍କ ଦ୍ୱାରା ପାଠ ପଢିବା ଭଳି ସମସ୍ତ ସୁବିଧା ଉପଲବ୍ଧ ରହିଛି ବୋଲି କହିଥିଲେ ।

## ହାଇଟେକ୍ ଛକରୁ ଲିଙ୍ଗିପୁର-ନିର୍ମାଣ ହେବ ଦୁଇଲାଇନ ବିଶିଷ୍ଟ ରାସ୍ତା ଜବର ଦଖଲ ମୁକ୍ତ ହେଲା ରାସ୍ତାର ଉଭୟ ପାର୍ଶ୍ୱ

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ମେଡିକାଲ୍ କଲେଜ ଓ ହସ୍‌ପିଟାଲ ସମ୍ମୁଖ ରାସ୍ତା ସଂପୂର୍ଣ୍ଣ ଜବରଦଖଲ ମୁକ୍ତ ହୋଇଛି ଓ ରାଜ୍ୟ ସରକାର ଓ ବିଏମ୍‌ସି ପକ୍ଷରୁ ରାସ୍ତା ଅବରୋଧ କରିଥିବା ଦୋକାନ ଓ ଘର ଉଚ୍ଛେଦ କରାଯାଇଛି, ଜାତୀୟ ରାଜପଥ କଡ ହାଇଟେକ୍ ଛକରୁ ଲିଙ୍ଗିପୁର ଯାଏଁ ଏହି ରାସ୍ତା ଦୁଇ ଲାଇନ୍ ବିଶିଷ୍ଟ ହେବ । ଉଚ୍ଛେଦ ବେଳେ ହାଇଟେକ୍ କର୍ତ୍ତୃପକ୍ଷଙ୍କ ଅଜାଣତରେ ପାଚେରୀ କରାଯାଇଥିବା କିଛି ଜମି ଉଚ୍ଛେଦରେ ସାମିଲ୍ ହୋଇଛି, ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ କହିଛନ୍ତି ଯେ, ଦୁଇ ଲାଇନ୍ ବିଶିଷ୍ଟ ରାସ୍ତା ନିର୍ମାଣ ନିଶ୍ଚିତ ରୁପେ ସ୍ୱାଗତ ଯୋଗ୍ୟ ପଦକ୍ଷେପ, ଉଚ୍ଛେଦ ପ୍ରକ୍ରିୟା ସଂପୂର୍ଣ୍ଣ ନିରପେକ୍ଷ ଭାବରେ କରାଯାଇଛି ଓ ଦୁଇ ଲାଇନ୍ ରାସ୍ତା ହେବା ଦ୍ୱାରା ଗମନାଗମନରେ ସୁବିଧା ହେବ, କାରଣ ପୂର୍ବରୁ ଏହି ରାସ୍ତାରେ ଅନେକ ଛୋଟବଡ ଦୂର୍ଘଟଣା ମାନ ହେଉଥିଲା, ଅନେକ ଧନ ଜୀବନ ନଷ୍ଟ ହେଉଥିଲା ଓ ରାସ୍ତା ପ୍ରସସ୍ତ ହେବା ଦ୍ୱାରା ଦୂର୍ଘଟଣା କମିବ ଏବଂ ସର୍ବସାଧାରଣ ଯାତାୟତ ସୁବିଧାଜନକ ହେବ, ଏହି ପରିପ୍ରେକ୍ଷୀରେ ବିଏମ୍‌ସି ମେୟର, କମିସନର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ଡକ୍ଟର ପାଣିଗ୍ରାହୀ । ହାଇଟେକ୍ ଛକରୁ ଲିଙ୍ଗିପୁରୁ ପର୍ଯ୍ୟନ୍ତ ପ୍ରସସ୍ତ ଦୁଇ ଲାଇନ ବିଶିଷ୍ଟ ରାସ୍ତା ନିର୍ମାଣ ହେଉଥିବାରୁ, ହାଇଟେକ୍ ଗ୍ରୁପ୍‌ର କର୍ମଚାରୀଙ୍କ ମଧ୍ୟରେ ଖୁସିର ମାହୋଲ ସୃଷ୍ଟି ହୋଇଥିବା ବେଳେ, ପରସ୍ପରକୁ ମିଷ୍ଟାନ୍ନ ବଣ୍ଟନ କରିଛନ୍ତି ।

## ସମ ହସ୍ପିଟାଲ୍ କ୍ୟାମ୍ପସ୍-୨ ଫୁଲନଖରା ପକ୍ଷରୁ

# 'ଡାଇଗ୍ନୋଷ୍ଟିକ୍ ଅଟୋମେସିନ ଏବଂ ଆଣ୍ଟିମାଇକ୍ରୋବିଆଲ୍ ଷ୍ଟେୱାର୍ଡସିପ୍' ସମ୍ପର୍କିତ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ ଫୁଲନଖରା ଅଧିନସ୍ଥ ମାଇକ୍ରୋବାୟୋଲୋଜି ବିଭାଗ ପକ୍ଷରୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ନେଇ 'ଡାଇଗ୍ନୋଷ୍ଟିକ୍ ଅଟୋମେସିନ ଏବଂ ଆଂଟି ମାଇକ୍ରୋବିଆଲ୍ ଷ୍ଟେୱାର୍ଡସିପ୍' ଶୀର୍ଷକ ଏକ କର୍ମଶାଳା ସଫଳତାର ସହ ନିକଟରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ପ୍ରମୁଖ ଚିକିତ୍ସା ବିଶେଷଜ୍ଞମାନେ ଏକତ୍ରିତ ହୋଇ ଆଂଟିମାଇକ୍ରୋବିଆଲ୍ ପ୍ରତିରୋଧର ବିଶ୍ୱବ୍ୟାପୀ ଆହ୍ୱାନର ମୁକାବିଲା କରିବା ସହ କିପରି ସ୍ୱୟଂଚାଳିତ ପ୍ରଣାଳୀ ଚିକିତ୍ସା ପ୍ରୋଟୋକଲକୁ ଅଧିକ ସୁଦୃଢ଼ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ, ଆଡିସନାଲ୍ ମେଡିକାଲ୍ ସୁପରିଟେଣ୍ଟେଂଟ ପ୍ରଫେସର (ଡାକ୍ତର) ତାପସୀ ପତି ଏବଂ ଲାବୋରେଟୋରୀ ନିର୍ଦ୍ଦେଶକ ତଥା ମାଇକ୍ରୋବାୟୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର (ଡାକ୍ତର) ଦେବାଶିଷ ସାହୁ ପ୍ରମୁଖ ଯୋଗ ଦେଇ ସ୍ମାର୍ଟ ଡାଇଗ୍ନୋଷ୍ଟିକ୍ ମାଧ୍ୟମରେ ଚିକିତ୍ସା କ୍ଷେତ୍ରରେ ଉତ୍କର୍ଷତା ଆଣିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ବାୟୋମେରିଅକ୍ସର ମେଡିକାଲ୍ ଆଫେୟାର୍ସ ଲିଡ, ବିଶିଷ୍ଟ ଅତିଥି ବକ୍ତା ଡାକ୍ତର ଦେବଜାନୀ ଦେ'ଙ୍କ ଦ୍ୱାରା ପ୍ରଦତ୍ତ ଏକ ଜ୍ଞାନବର୍ଦ୍ଧକ ଅଭିଭାଷଣ । ଏହି ଉପସ୍ଥାପନ ପରେ ଉପସ୍ଥିତ ଶ୍ରୋତାମାନଙ୍କ ସହ ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ସମସ୍ତ ଅତିଥି ଓ ମୁଖ୍ୟ ବକ୍ତାଙ୍କୁ ସମ୍ମାନିତ କରାଯିବା ସହ ଆୟୋଜକ କମିଟିର ସୁଚାରୁ ପରିଚାଳନା ଏବଂ ଭବିଷ୍ୟତର ମିଳିତ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ସମାପ୍ତି ଘୋଷଣା କରାଯାଇଥିଲା ।

## ବେଦାନ୍ତ ଆଲୁମିନିୟମର ସ୍ୱାସ୍ଥ୍ୟସେବା ଦ୍ୱାରା

# କଳାହାଣ୍ଡି ଏବଂ ରାୟଗଡ଼ାରେ ୬୫ ହଜାରରୁ ଅଧିକ ଲୋକ ଉପକୃତ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ମୋବାଇଲ୍ ହେଲ୍ଥ ୟୁନିଟ୍ (ଏମଏଚୟୁ) ପଦକ୍ଷେପ ମାଧ୍ୟମରେ ଓଡ଼ିଶାରେ ଗ୍ରାମୀଣ ସ୍ୱାସ୍ଥ୍ୟସେବା ପ୍ରଦାନକୁ ସୁଦୃଢ଼ କରିଛି, ଯାହାର ଲକ୍ଷ୍ୟ ହେଉଛି ଅନୁନ୍ନତ ଅଂଚଳଗୁଡ଼ିକରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଉନ୍ନତ କରିବା । ଆର୍ôଥକ ବର୍ଷ ୨୬ ରେ, କମ୍ପାନୀ ରାୟଗଡ଼ାର ୩୫ ଗ୍ରାମ, ସିଜିମାଲିର ୩୧ଟି ଗ୍ରାମ ଏବଂ କଳାହାଣ୍ଡିର ୬୦ଟି ଗ୍ରାମ ସମେତ ମୋଟ ୧୨୬ ଟି ଗ୍ରାମରୁ ୬୫,୦୦୦ ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରାଯାଇଛି । ମୋବାଇଲ୍ ହେଲ୍ଥ ୟୁନିଟ୍ (ଏମଏଚୟୁ) ହେଉଛି ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ଯାନ ଯାହା ସମ୍ପ୍ରଦାୟଗୁଡ଼ିକୁ ସିଧାସଳଖ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥାଏ, ବିଶେଷକରି ଦୁର୍ଗମ, ଗ୍ରାମାଂଚଳ ଏବଂ ଅନୁନ୍ନତ ଅଂଚଳରେ ଯେଉଁଠାରେକି ହସ୍ପିଟାଲ ଏବଂ କ୍ଲିନିକ୍ ଉପଲବ୍ଧତା ସୀମିତ ଥାଏ । 'କ୍ଲିନିକ୍ ଅନ୍ ହ୍ୱିଲ୍ସ' ଭାବରେ କାର୍ଯ୍ୟ କରୁଥିବା ଏହି ୟୁନିଟ୍ ଗୁଡିକ ସମ୍ପୂର୍ଣ୍ଣ ଭାବରେ




ଅତ୍ୟାବଶ୍ୟକୀୟ ଚିକିତ୍ସା ଉପକରଣ ସହିତ ସଜ୍ଜିତ ଏବଂ ଯୋଗ୍ୟତାପ୍ରାପ୍ତ ସ୍ୱାସ୍ଥ୍ୟସେବା ବୃତିଗତଙ୍କ ଦ୍ୱାରା କର୍ମଚାରୀ ଭାବରେ କାର୍ଯ୍ୟ କରନ୍ତି, ଯାହା ସମ୍ପ୍ରଦାୟର ଦ୍ୱାରଦେଶରେ ସିଧାସଳଖ ଚିକିତ୍ସା ସେବା ଆଣି ଗୁରୁତ୍ୱପୂର୍ଣ୍ଣ ପ୍ରବେଶଯୋଗ୍ୟତା ବ୍ୟବଧାନକୁ ପୂରଣ କରିବାରେ ସାହାଯ୍ୟ କରେ ।

ଏମଏଚୟୁ ଗୁଡିକ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଚାପ ଏବଂ ରକ୍ତ ଶର୍କରା ପରୀକ୍ଷା, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟସେବା ସହାୟତା, ମୌଳିକ ରୋଗ ନିର୍ଣ୍ଣୟ ଏବଂ ମାଗଣା ଔଷଧ ବଂଟନ ସମେତ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରନ୍ତି । ଏହା ସହିତ, ସୁସ୍ଥ ସମ୍ପ୍ରଦାୟକୁ ଉତ୍ସାହିତ କରିବା ପାଇଁ ଡାକ୍ତରୀ ଦଳଗୁଡ଼ିକ ନିୟମିତ ଭାବରେ ପ୍ରତିରୋଧକ ସ୍ୱାସ୍ଥ୍ୟସେବା, ପରିଷ୍କାର ପରିଚ୍ଛନ୍ନତା, ପୁଷ୍ଟିସାର, ଋତୁକାଳୀନ ରୋଗ ଏବଂ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଉପରେ ସଚେତନତା ଅଧିବେଶନ ଆୟୋଜନ କରନ୍ତି । ଦୂରଦୂରାନ୍ତ ସ୍ଥାନରେ ନିର୍ଭରଯୋଗ୍ୟ ଚିକିତ୍ସା ସେବାର ପ୍ରବେଶକୁ ଉନ୍ନତ କରିବା ପାଇଁ ଏହି ପଦକ୍ଷେପ ସ୍ୱାସ୍ଥ୍ୟସେବା କର୍ମୀ ଏବଂ ସମ୍ପ୍ରଦାୟ ସଦସ୍ୟମାନଙ୍କଠାରୁ ପ୍ରଶଂସା ପାଇଛି ।

ଜଣେ ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ (ଆଶା) କର୍ମୀ ଶ୍ରୀମତୀ ବାସନ୍ତୀ ଭାଗ କହିଛନ୍ତି, "ବେଦାନ୍ତର ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଏହି ଅଂଚଳରେ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ସେବାର ପ୍ରବେଶକୁ ଉନ୍ନତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ପଦକ୍ଷେପ ଆମ ସମ୍ପ୍ରଦାୟର ନିକଟତର ହେବା ସହିତ ଗ୍ରାମାଂଚଳମାନଙ୍କ ମଧ୍ୟରେ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଅଭ୍ୟାସ ବିଷୟରେ ସଚେତନତା ବୃଦ୍ଧି କରିଛି । ଏହି ପଦକ୍ଷେପର ପ୍ରଭାବ ବିଷୟରେ କହିବାକୁ ଗଲେ, କଳାହାଣ୍ଡି ଜିଲ୍ଲାର ଉପର ଆମ୍ବୋପଦର ଗ୍ରାମର ବାସିନ୍ଦା ଶ୍ରୀମତୀ ସରକାର ମାଝୀ କହିଛନ୍ତି, "ମୁଁ ବେଦାନ୍ତ ଆଲୁମିନିୟମର ବିକାଶ ପ୍ରୟାସ ପାଇଁ କୃତଜ୍ଞ, କାରଣ ମୋବାଇଲ୍ ହେଲ୍ଥ ୟୁନିଟ୍ ଆମ ଗାଁ , ବିଶେଷକରି ବୃଦ୍ଧ ଏବଂ ପିଲାମାନଙ୍କ ପାଇଁ ଏକ ବରଦାନ ସଦୃଶ ସାବ୍ୟସ୍ତ ହୋଇଛି । ଏହି ବ୍ୟାପକ ସ୍ୱାସ୍ଥ୍ୟସେବା ହସ୍ତକ୍ଷେପଗୁଡ଼ିକ ଓଡ଼ିଶାରେ ସ୍ଥାୟୀ ବିକାଶ ଏବଂ ସମାଜ କଲ୍ୟାଣ ପ୍ରତି ବେଦାନ୍ତ ଆଲୁମିନିୟମର ବ୍ୟାପକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି । ସ୍ଥାନୀୟ କର୍ତ୍ତୃପକ୍ଷ, ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଏବଂ ସମାଜିକ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରି, କମ୍ପାନୀ ସ୍ୱାସ୍ଥ୍ୟସେବା, ଶିକ୍ଷା, ଜୀବିକା ବିକାଶ, ମହିଳା ସଶକ୍ତିକରଣ ଏବଂ ଗ୍ରାମୀଣ ଭିତିଭୂମିରେ ପ୍ରଭାବଶାଳୀ ପଦକ୍ଷେପ ଚଳାଇ ଚାଲିଛି, ଯାହା ଏହି ଅଂଚଳର ସାମାଜିକ-ଆର୍ôଥକ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି ।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କୁକୁଡାଖଣ୍ଡି ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର (ସବ୍ୟୁ) : ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ କୁକୁଡାଖଣ୍ଡି ଶାଖା ଉଦ୍‌ଘାଟିତ ହୋଇଯାଇଛି । ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ସଞ୍ଜିବ ରଞ୍ଜନ ସହାୟ ଏହି ଶାଖାର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବ୍ୟାଙ୍କର ବ୍ରହ୍ମପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଏଲ୍. ସଂଗୀତା କୁଜୁର, ଉପ-କ୍ଷେତ୍ରୀୟ ମୁଖ୍ୟ ବିଭୂତି ଭୂଷଣ ମହାନ୍ତି, କୁକୁଡାଖଣ୍ଡି ଶାଖାର ଶାଖା ମୁଖ୍ୟ ଦିଲ୍ଲୀପ କୁମାର ବେହେରାଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ । ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୁକୁଡାଖଣ୍ଡି ଅଞ୍ଚଳର ଜନସାଧାରଣଙ୍କୁ ସର୍ବୋତ୍ତମ ଗ୍ରାହକ ସେବା ପ୍ରଦାନ କରିବା ସହ ଏହି ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ସହାୟ ସୂଚନା ଦେଇଛନ୍ତି ।

## ଅବକାରୀ ଚଢାଉ, ବିପୁଳ ପରିମାଣର ବିଦେଶୀ ମଦ ଜବତ

ଖଣ୍ଡପଡ଼ା (ସବ୍ୟୁ) : ନୟାଗଡ ଅବକାରୀ ବିଭାଗ ପକ୍ଷରୁ ଭାପୁର ବ୍ଲକ ଅଧୀନ ଭଗବାନପୁର ଗ୍ରାମରେ ଅଚାନକ ଚଢାଉ କରାଯାଇ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଥିବା ଜଣାପଡିଛି । ନୟାଗଡ ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଉପ ଅଧିକ୍ଷକ ପ୍ରକାଶ କୁମାର ଶା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋବାଇଲ ଟିମ ଭଗବାନପୁର ଗ୍ରାମର ରବୀନ୍ଦ୍ର କୁମାର ପ୍ରଧାନଙ୍କ ଘରେ ବୁଧବାର ସକାଳ ୭ ଟା ସମୟରେ ଅଚାନକ ଚଢାଉ କରି ୩୦ ପେଟି ବିଅର (୨୩୪ ଟି ବିଅର) ସମେତ ୪୩ ଲିଟର ବିଦେଶୀ ମଦ ଜବତ କରିଥିବା ଜଣାଯାଇଛି । ଚଢାଉ ସମୟରେ ରବୀନ୍ଦ୍ର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାଯାଇଛି ।

## ମୋଦୀଙ୍କ ୫ ରାଷ୍ଟ୍ର ଗସ୍ତ

# ଭାରତରେ ୪୦ ବିଲିଅନ ଡଲାର ନିବେଶ ପ୍ରସ୍ତାବ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଞ୍ଚ ରାଷ୍ଟ୍ର ଗସ୍ତରୁ ଭାରତ ବିଶେଷ ଭାବେ ଲାଭବାନ ହେବାକୁ ଯାଉଛି। ବହୁ ସଂଖ୍ୟାର ଅନ୍ତର୍ଜାତୀୟ କମ୍ପାନି ଭାରତରେ ନିବେଶ କରିବା ଓ ନିଜ ପ୍ରକଳ୍ପର ସମ୍ପ୍ରସାରଣ କରିବାକୁ କହିଛନ୍ତି। ଏହି ଗସ୍ତରୁ ଭାରତ ୪୦ ବିଲିଅନ ଡଲାର (୩,୮୪,୫୩୨ କୋଟି ଟଙ୍କା)ର ନିବେଶ ପ୍ରସ୍ତାବ ହାସଲ କରିଛି।ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ୫୦ରୁ ଅଧିକ କମ୍ପାନିର ସିଇଓମାନଙ୍କ ସହ ଆଲୋଚନା କରି ସେମିକଣ୍ଡକ୍ଟର, ଭିତ୍ତିଭୂମି, ପ୍ରତିରକ୍ଷା, ଶକ୍ତି ଓ ପ୍ରଯୁକ୍ତି କ୍ଷେତ୍ର ପାଇଁ ନିବେଶ ପ୍ରସ୍ତାବ ହାସଲ କରିଥିଲେ। ଅଧିକାଂଶ କମ୍ପାନୀ ଭାରତରେ କାରବାର କରୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ୟୁଏଇ, ନେଦରଲ୍ୟାଣ୍ଡ୍ସ, ସ୍ୱିଡେନ, ନରୱେ ଓ ଇଟାଲୀ ଗସ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ରାଜିନାମା ସ୍ୱାକ୍ଷର ହୋଇଥିଲା। ଭାରତରେ



ୟୁଏଇ ୫ ବିଲିଅନ ଡଲାର ନିବେଶ କରିବାକୁ ପ୍ରତିବଦ୍ଧତା ଜଣାଇଛି। ଶକ୍ତି ଓ ଭିତ୍ତିଭୂମି କ୍ଷେତ୍ରରେ ଉଭୟ ଦେଶ ସହଯୋଗିତା ବଢ଼ାଇବା ଘୋଷଣା କରିଥିଲେ। ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତ୍ତା (ଏଆଇ), କ୍ୱାଣ୍ଟମ କମ୍ପ୍ୟୁଟିଂ, ଗ୍ରିନ ହାଇଡ୍ରୋଜନ ଓ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ସହଯୋଗିତା ବଢ଼ାଇବାକୁ ଭାରତ ଓ ନେଦରଲ୍ୟାଣ୍ଡ ସହମତ ହୋଇଥିଲେ। ଦୁଇ ଦେଶ ଭିତରେ ୧୭ଟି ରାଜିନାମା ସ୍ୱାକ୍ଷର ହୋଇଥିଲା। ଭାରତ ଓ ସ୍ୱିଡେନ ପ୍ରତିରକ୍ଷା, ବାଣିଜ୍ୟ ଓ ଜଳବାୟୁ ମୁକାବିଲା କ୍ଷେତ୍ରରେ ସହଯୋଗିତା ବଢ଼ାଇବାକୁ ସହମତି ପ୍ରକାଶ କରିଥିଲେ। ସେହିପରି, ଭାରତ ଓ ଇଟାଲୀ ମଧ୍ୟରେ ପ୍ରତିରକ୍ଷା ବିନିର୍ମାଣ, ବିରଳ ମୃତ୍ତିକା, ଉଚ୍ଚ ଶିକ୍ଷା, ସାମୁଦ୍ରିକ ସହଯୋଗିତା, ଜଳବାୟୁ ଗବେଷଣା, ସ୍ୱାସ୍ଥ୍ୟସେବା ଓ ଆୟୁର୍ବେଦ ଉପରେ ରାଜିନାମା ସ୍ୱାକ୍ଷର ହୋଇଥିଲା।

## ପ.ବଙ୍ଗ: ମଦ୍ରାସାରେ 'ବନ୍ଦେ ମାତରମ୍' ଗାନ ବାଧ୍ୟତାମୂଳକ

**କୋଲକାତା:** ରାଜ୍ୟର ବିଜେପି ସରକାର ସମସ୍ତ ସ୍କୁଲରେ ଜାପଶ୍ଚିମବଙ୍ଗ ସରକାର ତୁରନ୍ତ ପ୍ରଭାବରୁ ସମସ୍ତ ମଦ୍ରାସାରେ 'ବନ୍ଦେ ମାତରମ୍' ଗାନକୁ ବାଧ୍ୟତାମୂଳକ କରିଛନ୍ତି। ସରକାର ଏନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତୀୟ ଗୀତ ଗାନକୁ ବାଧ୍ୟତାମୂଳକ କରିବାର ପ୍ରାୟ ଗୋଟିଏ ସପ୍ତାହ ପରେ ମଦ୍ରାସା ଶିକ୍ଷା ନିର୍ଦ୍ଦେଶାଳୟ ଏହି ନିର୍ଦ୍ଦେଶ ଦେଇଛି। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଏହି ନିର୍ଦ୍ଦେଶ ସମସ୍ତ ସରକାରୀ ମଦ୍ରାସା, ସରକାରୀ ସହାୟତା ପ୍ରାପ୍ତ ମଦ୍ରାସା, ସ୍ୱୀକୃତିପ୍ରାପ୍ତ ଶିଶୁ ଶିକ୍ଷା କେନ୍ଦ୍ର ଓ ମାଧ୍ୟମିକ ଶିକ୍ଷାକେନ୍ଦ୍ର, ସଂଖ୍ୟାଲଘୁ ବ୍ୟାପାର ଓ ମଦ୍ରାସା ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସ୍ୱୀକୃତିପ୍ରାପ୍ତ ଅଣ-ସହାୟତାପ୍ରାପ୍ତ ମଦ୍ରାସାଗୁଡ଼ିକ ପାଇଁ ଲାଗୁ ହେବ। ପ୍ରତି ଅନୁଷ୍ଠାନରେ ଶ୍ରେଣୀ ଆରମ୍ଭ ହେବା ପୂର୍ବରୁ ହେଉଥିବା ପ୍ରାର୍ଥନାବେଳେ ଜାତୀୟ ଗୀତ ଗାନ



କରିବା ବାଧ୍ୟତାମୂଳକ କରାଯାଇଛି। ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏହି ନିଷ୍ପତ୍ତି ବିଭାଗ ଅଧୀନରେ ଥିବା ପ୍ରତିଷ୍ଠାନଗୁଡ଼ିକରେ ସମାନତା ଆଣିବା ପାଇଁ ନିଆଯାଇଛି ଓ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା କୁହାଯାଇଛି। ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା ସ୍କୁଲ ନିରୀକ୍ଷକ, ପଶ୍ଚିମବଙ୍ଗ ମଦ୍ରାସା ଶିକ୍ଷା ବୋର୍ଡ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ବିଜ୍ଞପ୍ତି ପଠାଯାଇଥିଲା। ଗତ ସପ୍ତାହରେ ରାଜ୍ୟ ସରକାର ସମସ୍ତ ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ସ୍କୁଲରେ 'ବନ୍ଦେ ମାତରମ୍' ଗାନ କରିବା ବାଧ୍ୟତାମୂଳକ କରିଥିଲେ। ସ୍କୁଲ ଆରମ୍ଭ ସମୟରେ ଜାତୀୟ ଗୀତ ଗାନ କରିବା ଓ ପ୍ରତ୍ୟେକ ଛାତ୍ରଛାତ୍ରୀ ଯେପରି ଏଥିରେ ଅଂଶଗ୍ରହଣ କରିବେ ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମାର କଡ଼ାକଡ଼ି ଅନୁପାଳନ ଯେପରି ହେବ ସେଥିପାଇଁ ଅନୁଷ୍ଠାନର ମୁଖ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଭୁବନେଶ୍ୱର ହେବ ୟୁପିଏସି ସିଭିଲ ସେବା ପରୀକ୍ଷା କେନ୍ଦ୍ର

**ନୂଆଦିଲ୍ଲୀ:** ସିଭିଲ୍ ସେବା (ପ୍ରାରମ୍ଭିକ) ପରୀକ୍ଷା-୨୦୨୬ ପାଇଁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଭିଡ଼ କମ କରିବା ପାଇଁ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍ସି) ପକ୍ଷରୁ ଭୁବନେଶ୍ୱର, କାନପୁର ଏବଂ ମିରଟରେ ତିନୋଟି ନୂତନ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରଗୁଡ଼ିକ ଯୋଡି ହେବା ସହିତ ପ୍ରାରମ୍ଭିକ ପରୀକ୍ଷା ପାଇଁ ମୋଟ କେନ୍ଦ୍ର ସଂଖ୍ୟା ୮୦ରୁ ୮୩କୁ ବୃଦ୍ଧି ପାଇଛି। ପ୍ରାୟ ୨୩ ହଜାର ପ୍ରାର୍ଥୀ ଏହି ନୂତନ କେନ୍ଦ୍ରଗୁଡ଼ିକୁ ବାଛିଛନ୍ତି, ଯାହା ଫଳରେ ଏହି ପରୀକ୍ଷା ଲାଗି ଅନ୍ୟ ନିକଟବର୍ତ୍ତୀ କେନ୍ଦ୍ରଗୁଡ଼ିକରେ ଭିଡ଼ ହ୍ରାସ ପାଇଛି।ଏ ସମ୍ପର୍କରେ ୟୁପିଏସସି ଅଧ୍ୟକ୍ଷ ଡକ୍ଟର ଅଜୟ କୁମାର କହିଛନ୍ତି, 'ଆମର ଉଦ୍ଦେଶ୍ୟ ହେଉଛି ପରୀକ୍ଷା ପ୍ରକ୍ରିୟାକୁ ପ୍ରାର୍ଥୀମାନଙ୍କ ପାଇଁ ଅଧିକ ସୁଗମ, ସୁଗମ ଏବଂ ଦକ୍ଷ କରିବା। ଏହି ତିନୋଟି ନୂତନ କେନ୍ଦ୍ର ଆରମ୍ଭ ଦ୍ୱାରା ଭିଡ଼ ହ୍ରାସ କରିବା ଏବଂ ପ୍ରାର୍ଥୀମାନଙ୍କୁ ଅଧିକ ସୁବିଧା ପ୍ରଦାନ କରିବା ଲାଗି ଲକ୍ଷ୍ୟ ରହିଛି। ଏହା ବ୍ୟତୀତ, ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ସେମାନଙ୍କର ପସନ୍ଦର ପରୀକ୍ଷା କେନ୍ଦ୍ର ଉପଲବ୍ଧ କରି, ଆୟୋଗ ଭୌଗୋଳିକ ଏବଂ ଶାରିରୀକ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାକୁ ପ୍ରୟାସ କରୁଛନ୍ତି। ଏହା ଦ୍ୱାରା ୟୁପିଏସସି ଯାତ୍ରା ସମସ୍ତଙ୍କ ପାଇଁ ସୁଗମ ଓ ସମାବେଶୀ ହୋଇପାରିବ। ଭୁବନେଶ୍ୱରରେ ଏକ ନୂତନ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା କଟକ ଉପରେ ଚାପ ଯଥେଷ୍ଟ ହ୍ରାସ ପାଇଛି। ସିଭିଲ୍ ସେବା (ପ୍ରାରମ୍ଭିକ) ପରୀକ୍ଷା - ୨୦୨୬ ପାଇଁ, ଭୁବନେଶ୍ୱର କେନ୍ଦ୍ରକୁ ୧୦,୬୫୬ ଆବେଦନ ମିଳିଛି। ସେହିପରି, କାନପୁର କେନ୍ଦ୍ର ଯୋଡିବା ଦ୍ୱାରା ଲକ୍ଷ୍ନୌ ଉପରେ ଚାପ ହ୍ରାସ ପାଇଛି; କାନପୁରରେ ନୂତନ କେନ୍ଦ୍ରକୁ ୬,୯୩୮ ଆବେଦନ ମିଳିଛି। ପଶ୍ଚିମ ଉତ୍ତର ପ୍ରଦେଶରେ, ମିରଟ୍ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଆଖପାଖ ଅଞ୍ଚଳର ପ୍ରାର୍ଥୀମାନେ ଉପକୃତ ହୋଇଛନ୍ତି ଏବଂ ଗାଜିଆବାଦ ଉପରେ ସେମାନଙ୍କର ନିର୍ଭରତା ହ୍ରାସ ପାଇଛି। ମିରଟ କେନ୍ଦ୍ରକୁ ୫,୯୦୨ ଆବେଦନ ମିଳିଛି।

## ଆର୍‌ଜି କର ଦୁଷ୍କର୍ମ ହତ୍ୟା ମାମଲା

# ସାନି ତଦନ୍ତ କରିବ ସିବିଆଇ

**କୋଲକାତା :** ୨୦୨୪ ମସିହାର ଆରଜି କର ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ସଦ୍ୟ ତଦନ୍ତ ହେବ। ଏହି ମାମଲାରେ ପ୍ରମାଣ ନଷ୍ଟ କରାଯାଇଥିବା ନେଇ ପୀଡ଼ିତା ଟ୍ରେନି ଡାକ୍ତରଙ୍କ ବାପା ମା' ଅଭିଯୋଗ କରିବାପରେ ହାଇକୋର୍ଟ ଏହି ମାମଲାରେ ସଦ୍ୟ ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି । ସିବିଆଇର ୩ ଜଣିଆ ସଦସ୍ୟ ବିଶିଷ୍ଟ ଏସଆଇଟି ଉକ୍ତ ମାମଲାର ତଦନ୍ତ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଶମ୍ପା ସରକାର ଏବଂ ଜଷ୍ଟିସ ତୀର୍ଥଙ୍କର ଘୋଷଙ୍କ ଖଣ୍ଡପୀଠ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ହୋଇଥିବା ଅଭିଯୋଗକୁ ଭଲଭାବେ ଯାଞ୍ଚ କରିବାପାଇଁ ଏସଆଇଟିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏସ୍ଆଇଟି ଉକ୍ତ ମାମଲାର ତଦନ୍ତ ରିପୋର୍ଟ ଜୁନ୍ ୨୫ ସୁଦ୍ଧା ହାଇକୋର୍ଟରେ ଦାଖଲ କରିବାକୁ କୁହାଯାଇଛି। ସିବିଆଇର ଇଷ୍ଟର୍ଣ୍ଣ ଜୋନ୍ ଯୁଗ୍ମ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏସ୍ଆଇଟି ଉକ୍ତ ମାମଲାରେ ସଦ୍ୟ ତଦନ୍ତ କରିବ। ଅନ୍ୟପକ୍ଷେ ଏସ୍ଆଇଟିର ଅନ୍ୟ ୨ ସଦସ୍ୟ କିଏ ରହିବେ ତାହା କୋର୍ଟ ୪୮ ଘଣ୍ଟା ମଧ୍ୟରେ ନିଷ୍ପତ୍ତି ନେବେ।କୋର୍ଟ




ଏହି ମାମଲାରେ ସିବିଆଇକୁ ପୂରା ଘଟଣାର ପୁନର୍ବାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ ଅଗଷ୍ଟରେ ଟ୍ରେନି ଡାକ୍ତର ଡିନର କରିବା ସମୟଠାରୁ ଆରମ୍ଭ କରି ତାଙ୍କ ସହ ହୋଇଥିବା ବର୍ବରତା ଏବଂ ପରଦିନ ତାଙ୍କ ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ଘଟଣାର ପୁନର୍ବାର ତଦନ୍ତ କରିବାକୁ କୋର୍ଟ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ , ପୀଡ଼ିତାଙ୍କ ବାପା ମା' ଏହି ମାମଲାରେ ସଦ୍ୟ ତଦନ୍ତ ପାଇଁ ଦାବି କରି କାଲକାଟା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ବର୍ବର ଅପରାଧରେ ୧ରୁ ଅଧିକ ଲୋକଙ୍କ ସମ୍ପୃକ୍ତି ଅଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଏହି ମାମଲାରେ ଏବେ ସିଭିକ ଭଲ୍ୟୁଣ୍ଟିୟର ସଞ୍ଜୟ ରାୟ ଗିରଫ ହୋଇ ସିଅଲଦା ସେସନ୍ କୋର୍ଟଙ୍କ ଦ୍ୱାରା ଆଜୀବନ କାରାଦଣ୍ଡ ଭୋଗୁଛି।

## ଦିଲ୍ଲୀ-ବେଙ୍ଗାଲୁରୁ ବିମାନ ଦୁର୍ଘଟଣା: ବର୍ତ୍ତିଗଲେ ଯାତ୍ରୀ

**ବେଙ୍ଗାଲୁରୁ:** ଦିଲ୍ଲୀରୁ ବେଙ୍ଗାଲୁରୁ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନ ବୁଧବାର ବେଙ୍ଗାଲୁରୁ ବିମାନବନ୍ଦରରେ ଅବତରଣ କରିବା ସମୟରେ ଏହାର ପଛପଟ ମାଡ଼ ହୋଇଯାଇଥିଲା। ଫଳରେ ଏୟାରଲାଇନ୍ସ ପକ୍ଷରୁ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବିମାନରୁ ଓହ୍ଲାଇ ଦିଆଯିବା ସହିତ ବିମାନ ଚଳାଚଳ ବାତିଲ କରିଦିଆଯାଇଥିଲା। ଏୟାର ଲାଇନ୍ସ କହିଛି ଯେ. ବିମାନରେ ଥିବା ସମସ୍ତ ଯାତ୍ରୀ ଓ କ୍ରୁ ସୁରକ୍ଷିତ ଅଛନ୍ତି ଓ ସେମାନେ ସ୍ୱାଭାବିକ ଭାବରେ ଓହ୍ଲାଇଛନ୍ତି।ଏୟାରଇଣ୍ଡିଆ ବିମାନ ଏଆଇ୨୬୫୧ରେ ୧୭୯ ଯାତ୍ରୀ ଥିବାବେଳେ ପଛପଟ ମାଡ଼ ହେବା ପରେ ଏହାକୁ ଯାଞ୍ଚ ପାଇଁ ବିମାନବନ୍ଦରରେ ରଖାଯାଇଛି। ଏହି ଘଟଣା ପରେ ବେଙ୍ଗାଲୁରୁରୁ ଦିଲ୍ଲୀ ଫେରିବାକୁ ଥିବା ଏଆଇ୨୬୫୨ ବିମାନକୁ ବାତିଲ କରିଦିଆଯାଇଛି। ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି ଯେ, ବିମାନରେ ଥିବା ଯାତ୍ରୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଥିଲା। ପରି ଅସୁବିଧା ପାଇଁ ଏୟାରଲାଇନ୍ସ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଥିଲା। ଦୁର୍ଘଟଣା ଘଟିଥିବା ବିମାନଟି ଏୟାରବସ୍ ଏ୩୨୧ ବୋଲି ଜଣାପଡ଼ିଛି। ଏହି ଘଟଣାର ତଦନ୍ତ କରାଯିବ ବୋଲି ଏୟାର ଇଣ୍ଡିଆର ପ୍ରବକ୍ତା କହିଛନ୍ତି।




## ଡରାଇଲା ଇବୋଲା: ଭାରତ-ଆଫ୍ରିକା ୟୁନିୟନ ସମ୍ମିଳନୀ ସ୍ଥଗିତ

**ନୂଆଦିଲ୍ଲୀ:** ଆଫ୍ରିକାରେ ଇବୋଲା ଭୂତାଣୁ ଯୋଗୁ ସୃଷ୍ଟି ହୋଇଥିବା ଚିନ୍ତାଜନକ ସ୍ଥିତର ପ୍ରଭାବ ଭାରତରେ ଦେଖିବାକୁ ମିଳିଛି। ଇବୋଲା ଭୂତାଣୁ ଆଫ୍ରିକାରେ ଜୀବନ ନେଉଥିବାରୁ ନୂଆଦିଲ୍ଲୀରେ



ହେବାକୁ ଥିବା ସମ୍ମିଳନୀକୁ ସ୍ଥଗିତ କରି ଦିଆଯାଇଛି।ଆସନ୍ତା ୨୮ରୁ ୩୧ ଯାଏ ଭାରତ ଓ ଆଫ୍ରିକା ୟୁନିୟନ ମଧ୍ୟରେ ଗୋଟିଏ ବଡ଼ ସମ୍ମିଳନୀ ଦିଲ୍ଲୀରେ ହେବାକୁ ଥିଲା। କିନ୍ତୁ ଏବେ ଏହାକୁ ପରବର୍ତ୍ତୀ ତାରିଖ ଯାଏ ସ୍ଥଗିତ କରି ଦିଆଯାଇଛି। ବର୍ତ୍ତମାନ ଆଫ୍ରିକାର ବିଭିନ୍ନ ସ୍ଥାନରେ ମାରାତ୍ମକ ଇବୋଲା ଭାଇରସ ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ଡେମୋକ୍ରାଟିକ ରିପବ୍ଲିକ ଅଫ କଙ୍ଗୋର ଦକ୍ଷିଣ କିଭୁ ପ୍ରଦେଶରେ ଏହା ଜଣଙ୍କ ପରେ ଜଣଙ୍କୁ ମୁଣ୍ଡ ନେଉଛି। ସେଠାକାର ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବି ଚିନ୍ତା ପ୍ରକଟ କରିଛି।ଏସବୁ ଭିତରେ ଭାରତ ଓ ଆଫ୍ରିକା ୟୁନିୟ ୪ର୍ଥ ଭାରତ-ଆଫ୍ରିକା ସମ୍ମିଳନୀ ପାଇଁ ପ୍ରସ୍ତୁତ ହେଉଥିଲେ। କିନ୍ତୁ ଆଫ୍ରିକାର ସ୍ଥିତିକୁ ଦେଖି ଉଭୟ ପକ୍ଷ ସମ୍ମିଳନୀ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।ପରବର୍ତ୍ତୀ ସମୟରେ ଦୁଇ ପକ୍ଷ ମିଳିତ ଭାବେ ସମ୍ମିଳନୀ ପାଇଁ ନୂଆ ତାରିଖ ସ୍ଥିର କରିବେ। ଏ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ ବୋଲି ଭାରତ ସରକାର କହିଛନ୍ତି। ସମ୍ମିଳନୀକୁ ସ୍ଥଗିତ ରଖିବାକୁ ଘୋଷଣା କରିବା ପୂର୍ବରୁ ଭାରତ ସରକାର, ଆଫ୍ରିକା ୟୁନିୟନ ଅଧ୍ୟକ୍ଷ ଓ ଆଫ୍ରିକା ୟୁନିୟନ କମିଶନ ଆଲୋଚନା କରିଥିଲେ। ଏହାପରେ ସମସ୍ତେ ମିଳିତ ଭାବେ ୪ର୍ଥ ଭାରତ-ଆଫ୍ରିକା ଫୋରମ ସମ୍ମିଳନୀକୁ ପରବର୍ତ୍ତୀ ତାରିଖକୁ ଘୁଞ୍ଚାଇ ଦେବା ଶ୍ରେୟସ୍କର ହେବ ବୋଲି ମତ ରଖିଥିଲେ। ଭାରତରେ ଏଯାଏ ଇବୋଲା ଭୂତାଣର କୌଣସି ମାମଲା ଚିହ୍ନଟ ହୋଇନାହିଁ। ତଥାପି କେନ୍ଦ୍ର ସରକାର ସର୍ଭେଲାନ୍ସକୁ ଜୋରଦାର କରିବା ସହ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ବିଦେଶରୁ ଆସୁଥିବା ଲୋକଙ୍କୁ ସ୍କ୍ରିନିଂ କରିବାକୁ କୁହାଯାଇଛି। ସଙ୍ଗରୋଧ ଠାରୁ ଆରମ୍ଭ କରି ଲ୍ୟାବ ଟେଷ୍ଟିଂ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦିଆଯାଇଛି।

## କେରଳ ବାଚସ୍ପତି ନିର୍ବାଚନ: ପ୍ରାର୍ଥୀ ଦେବ ବିଜେପି

**ତିରୁଅନନ୍ତପୁରମ୍:** କେରଳ ବିଧାନସଭା ନିର୍ବାଚନରେ ବିଜେପି ପ୍ରଥମ ଥର ପାଇଁ ୩ ଟି ଆସନ ଜିତିଥିବାବେଳେ ଏଥର ବାଚସ୍ପତି ପଦ ପାଇଁ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି କେରଳ ବିଜେପି ସଭାପତି ରାଜୀବ ଚନ୍ଦ୍ରଶେଖର କହିଛନ୍ତି। ଦଳ ବିବି ଗୋପକୁମାରଙ୍କୁ ବାଚସ୍ପତି ନିର୍ବାଚନରେ ପ୍ରାର୍ଥୀ କରିବ ବୋଲି ଜଣାପଡ଼ିଛି। ଗୋପକୁମାର କୋଲ୍ଲମ ଜିଲ୍ଲାର ଚଥାନ୍ନୁର ଆସନରୁ ନିର୍ବାଚିତ ହୋଇଛନ୍ତି। ବାଚସ୍ପତି ଆସନ ପାଇଁ ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହେବ। କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଏହି ପଦ ପାଇଁ ବରିଷ୍ଠ ନେତା ତିରୁଭାଞ୍ଚୁର ରାଧାକ୍ରିଷ୍ଣନଙ୍କୁ ପ୍ରାର୍ଥୀ ଭାବରେ ଘୋଷଣା କରିଥିବା ବେଳେ, ବିରୋଧୀ ଏଲଡିଏଫ୍ ଏପର୍ଯ୍ୟନ୍ତ ନିଜର ପ୍ରାର୍ଥୀ ଘୋଷଣା କରିନାହିଁ। ବିଜେପିର କେରଳର ତିନି ବିଧାୟକଙ୍କ ମଧ୍ୟରେ ଗୋପକୁମାର, ଭି ମୁରଲୀଧରନ୍ ଓ ନିଜେ ଚନ୍ଦ୍ରଶେଖର ଅଛନ୍ତି। ପ୍ରଥମ ଥର ବିଜେପିର ଜଣେ ପ୍ରାର୍ଥୀ ବାଚସ୍ପତି ନିର୍ବାଚନ ଲଢ଼ିବ ବୋଲି ଚନ୍ଦ୍ରଶେଖର କହିଛନ୍ତି। ବିଜେପି ବିଧାୟକମାନେ ଗୁରୁବାର ବିଧାନସଭାରେ ଶପଥ ନେଇଛନ୍ତି।



# ବିଶ୍ୱର ସବୁଠାରୁ ବଡ଼ ରେଳ ଷ୍ଟେସନ

**ବେଜିଂ:** ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ତଥା ଟେକ୍ନୋଲୋଜି ଜଗତର ମହାନାୟକ ଏଲନ୍ ମସ୍କ ନିକଟରେ ଚୀନ ଗସ୍ତ ସମୟରେ ସୋସିଆଲ ମିଡିଆ ପ୍ଲାଟଫର୍ମ "ଏକ୍ସ" ରେ ଚୀନରେ ନିର୍ମିତ ବିଶ୍ୱର ସବୁଠାରୁ ବଡ଼ ରେଳ ଷ୍ଟେସନ "ଚୋଙ୍ଗକିଙ୍ଗ ଇଷ୍ଟ ରେଲୱେ ଷ୍ଟେସନ"ର ଏକ ଭିଡିଓ ସେୟାର କରିଛନ୍ତି। ସାଧାରଣ ପରିବହନ ବ୍ୟବସ୍ଥା ପ୍ରତି ସର୍ବଦା ସନ୍ଦେହ ପ୍ରକାଶ କରୁଥିବା ମସ୍କ ଭିଡିଓଟିକୁ ସେୟାର କରିବା ପରେ ସମଗ୍ର ବିଶ୍ୱରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।ତେବେ ଏହି ଷ୍ଟେସନର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଯେଉଁ ବୃହତ୍ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ଅନ୍ୟ ଦେଶଗୁଡ଼ିକୁ ଦଶନ୍ଧି ଦଶନ୍ଧି ସମୟ ଲାଗିଯାଏ, ଚୀନ ମାତ୍ର ୩୮ ମାସ ମଧ୍ୟରେ ଏହି ବିଶାଳ ୧.୨୨ ମିଲିୟନ ବର୍ଗ ମିଟର ବିଶିଷ୍ଟ ଷ୍ଟେସନକୁ ସମ୍ପୂର୍ଣ୍ଣ ଭାବେ ନିର୍ମାଣ କରି ଦେଖାଇଛି। ଚୀନର ସରକାରୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିବା ପଛରେ ରହିଛି ଚୀନର ଏକ ବିଶାଳ "ରୋବଟ୍ ସେନା"।

ଚୀନର ଦକ୍ଷିଣ-ପଶ୍ଚିମ ଭାଗରେ ଅବସ୍ଥିତ ଚୋଙ୍ଗକିଙ୍ଗ ସହର ହେଉଛି ଜନସଂଖ୍ୟା ଓ ପ୍ରଶାସନିକ କ୍ଷେତ୍ର ଅନୁଯାୟୀ ଦେଶର ସବୁଠାରୁ



ବଡ଼ ମେଗାସିଟି। ୧୯୬୦ ଦଶକରେ ମାଓ ଜେଡୋଙ୍ଗଙ୍କ "ଥାର୍ଡ ଫ୍ରଣ୍ଟ କ୍ୟାମ୍ପେନ" ଜରିଆରେ ଏହି ଅଞ୍ଚଳର ଶିଳ୍ପାୟନର ମୂଳଦୁଆ ପଡ଼ିଥିଲା। ଆଜି ୪୪୦ ବିଲିୟନ ଡଲାରରୁ ଅଧିକ ଜିଡିପି ସହ ଏହା ଏକ ପ୍ରମୁଖ ଅର୍ଥନୈତିକ ଶକ୍ତି କେନ୍ଦ୍ର ପାଲଟିଛି, ଯେଉଁଠାରେ ମେଟ୍ରୋ ଟ୍ରେନ୍ ଆପାର୍ଟମେଣ୍ଟ ବିଲ୍ଡିଂ ଭିତର ଦେଇ ଗତି କରିଥାଏ। ଏହି ସହରର ବର୍ଦ୍ଧିତ ପରିବହନ ଆବଶ୍ୟକତାକୁ ପୂରଣ କରିବା ପାଇଁ ନିର୍ମିତ ଚୋଙ୍ଗକିଙ୍ଗ ଇଷ୍ଟ ଷ୍ଟେସନରେ ୧୫ଟି ପ୍ଲାଟଫର୍ମ ଓ ୨୯ଟି ଟ୍ରାକ୍ ରହିଛି ଏବଂ ଏହା ୮ ମହଲା ବିଶିଷ୍ଟ ଏକ ମଲ୍ଟି-ମୋଡାଲ୍ ହବ୍, ଯାହା ହାଇ-ସ୍ପିଡ୍ ରେଲ୍, ମୋନୋରେଲ୍ ଓ ବସକୁ ଏକତ୍ର ସଂଯୋଗ କରେ।

## କ୍ୟାନନ ଇଣ୍ଡିଆର ନୂଆ ହାଇସ୍ପିଡ ଏ୩ କଲର ଏମଏଫଡି

**ମୁମ୍ବାଇ:** ଡିଜିଟାଲ ଇମେଜିଂ ସଲ୍ୟୁଶନ୍ସ କ୍ଷେତ୍ରରେ ଅଗ୍ରଣୀ କ୍ୟାନନ ଇଣ୍ଡିଆ ପକ୍ଷରୁ ଏକ ଉଚ୍ଚ କାର୍ଯ୍ୟଦକ୍ଷତାସମ୍ପନ୍ନ ଏ୩ କଲର ମଲଫିଫଙ୍କସନ ଡିଭାଇସ ଇମେଜଫୋର୍ସ ସି୩୧୫୦ର ଶୁଭାରମ୍ଭ କରାଯାଇଛି ।ଏହି ଶୁଭାରମ୍ଭ ମାଧ୍ୟମରେ କ୍ୟାନନ ପ୍ରମୁଖ କ୍ଷେତ୍ର ଓ ନୂତନ ବଜାରଗୁଡିକରେ ନିଜର ଉପସ୍ଥିତି ବୃଦ୍ଧି କରିବା, ବର୍ଦ୍ଧିତ ବଜାର ଅଂଶକୁ ଆଗକୁ ବଢାଇବା ଏବଂ କ୍ରମାଗତ ୧୦ ବର୍ଷ ପାଇଁ ଲେଜର କପିଅର ମାର୍କେଟରେ ୧ ନମ୍ବର ସ୍ଥିତି ବଜାୟ ରଖିବା ପାଇଁ ଲକ୍ଷ୍ୟ ରଖିଛି । ଏଥିସହିତ କ୍ୟାନନ ଇଣ୍ଡିଆ ପକ୍ଷରୁ ଇମେଜଫର୍ମୁଲା ଡିଆର ସି୩୪୦ ଓ ଡିଆର ସି୩୫୦ ଅଲଟ୍ରା-କମ୍ପାକଟ ହାଇସ୍ପିଡ ଡକ୍ୟୁମେଣ୍ଟ ସ୍କାନର ମଧ୍ୟ ଲଞ୍ଚ୍ କରାଯାଇଛି । କ୍ୟାନନ ଇଣ୍ଡିଆର ଅଧ୍ୟକ୍ଷ ଓ ସିଇଓ, ତୋସିଆକି ନୋମୁରା କହିଛନ୍ତିଯେ, ଇମେଜଫୋର୍ସ ସି୩୧୫୦ ଏ୩ କଲର ଏମଏଫଡିର ଶୁଭାରମ୍ଭ, ଗ୍ରାହକଙ୍କୁ ନିଜର ପ୍ରିଣ୍ଟ



ପରିବେଶକୁ ବିସ୍ତାର କରିବାରେ ସାହାଯ୍ୟ କରୁଥିବା ଉଚ୍ଚ କାର୍ଯ୍ୟଦକ୍ଷତାସମ୍ପନ୍ନ, ନିର୍ଭରଯୋଗ୍ୟ ସମାଧାନ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ସୂଚିତ କରୁଛି । ସେହିପରି ଇମେଜଫର୍ମୁଲା ଡିଆର ସି୩୪୦ ଓ ଡିଆର ସି୩୫୦ ସ୍କାନରଗୁଡିକ ଡକ୍ୟୁମେଂଟ ଡିଜିଟାଲୀକରଣ ଓ ସୂଚନା କାର୍ଯ୍ୟପ୍ରବାହକୁ ତ୍ୱରାନ୍ୱିତ କରିବା ଉପରେ ଆମର ଧ୍ୟାନକୁ ମଜବୁତ କରିଛି ।

# ପଶ୍ଚିମ ଏସିଆ ସଙ୍କଟ: ମାମଲାର ଅନଲାଇନ ଶୁଣାଣି କରିବେ ହାଇକୋର୍ଟ

**ନୂଆଦିଲ୍ଲୀ:** ପଶ୍ଚିମ ଏସିଆ ସଙ୍କଟ ମଧ୍ୟରେ ସାରା ବିଶ୍ୱରେ ଏବେ ତୈଳ ସଙ୍କଟ ଦେଖାଦେଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ଦେଶବାସୀଙ୍କୁ ଉଦ୍ବୋଧନ ଦେଇ ଖର୍ଚ୍ଚ କାଟ କରିବା କଥା କହିଥିଲେ। ପ୍ରଧାନମନ୍ତ୍ରୀ ତୈଳ ବଞ୍ଚାଇବା କଥା କହିଥିଲେ। ଏହି କ୍ରମରେ ମୋଦୀ ନିଜେ ତାଙ୍କ କାର୍କେଡର ଗାଡ଼ି ସଂଖ୍ୟା କମାଇଥିଲେ। ମୋଦୀଙ୍କ ଉଦବୋଧନ ପରେ ସୁପ୍ରିମକୋର୍ଟରେ ମଧ୍ୟ ୨ ଦିନ ଅନଲାଇନ ଶୁଣାଣି କରାଯାଉଛି। ଆଜି ଏହି କ୍ରମରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, ଦେଶରେ ସମସ୍ତ



ହାଇକୋର୍ଟଙ୍କୁ ଅନଲାଇନ ଶୁଣାଣି କରିବାକୁ କୁହାଯାଇଛି ଏବଂ ଏଥି ମଧ୍ୟରୁ ଅଧିକାଂଶ ଏହା କାର୍ଯ୍ୟକାରୀ କରି ସାରିଛନ୍ତି। ଦିଲ୍ଲୀର ସମସ୍ତ କୋର୍ଟରେ ଅନଲାଇନ ଶୁଣାଣି କରିବାପାଇଁ ଦାବି କରି ଜଣେ ଆଇନଜୀବୀ ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ ଏବଂ ମାମଲାର ଜରୁରୀ ଶୁଣାଣି ଚାହିଥିଲେ। ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠରେ ଏହି ଆବେଦନକୁ ମେନସନ୍ କରାଯାଇଥିବାବେଳେ ପ୍ରଧାନ ବିଚାରପତି କହିଥିଲେ ମୁଁ ଏନେଇ ସବୁ ହାଇକୋର୍ଟର ବିଚାରପତିମାନଙ୍କୁ ଅନୁରୋଧ କରି ସାରିଛି ଏବଂ ଅଧିକାଂଶ ଏହାକୁ କାର୍ଯ୍ୟକାରୀ କରି ସାରିଛନ୍ତି। ଆଇନଜୀବୀ ତାଙ୍କ ଆବେଦନରେ କହିଥିଲେ ଯେ ଦେଶର ସ୍ୱାର୍ଥ ପାଇଁ ସେ ଆଗାମୀ ୩ ମାସ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲା କୋର୍ଟ ଗୁଡ଼ିକରେ ଅନଲାଇନ ଶୁଣାଣି ହେବାକୁ ଚାହାନ୍ତି। ସିଜେଆଇ ଏହାପରେ କହିଥିଲେ, ଜିଲ୍ଲା କୋର୍ଟ ଗୁଡ଼ିକ ହାଇକୋର୍ଟଙ୍କ ପ୍ରଶାସନିକ ଡୋମେନ୍‌ରେ ରହୁଛନ୍ତି। ଜିଲ୍ଲା କୋର୍ଟ ପାଇଁ ମଧ୍ୟ ମୁଁ ଏହି ସମାନ ଅନୁରୋଧ କରିଛି ବୋଲି ସିଜେଆଇ କହିଛନ୍ତି। ଉଲ୍ଲେଖଯୋଗ୍ୟ ଏହା ପୂର୍ବରୁ ସୁପ୍ରିମକୋର୍ଟ ସପ୍ତାହରେ ୨ ଦିନ ଆବେଦନ ଗୁଡ଼ିକର ଭର୍ଚୁଆଲ ଶୁଣାଣି ପାଇଁ ନିଷ୍ପତ୍ତି ନେଇଥିଲେ। ଆରଜି କର ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ସଦ୍ୟ ତଦନ୍ତ ନିର୍ଦ୍ଦେଶ ଦେଲେ କୋଲକାତା ହାଇକୋର୍ଟ ୨୦୨୪ ମସିହାର ଆରଜି କର ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ସଦ୍ୟ ତଦନ୍ତ ହେବ। ଏହି ମାମଲାରେ ପ୍ରମାଣ ନଷ୍ଟ କରାଯାଇଥିବା ନେଇ ପୀଡ଼ିତା ଟ୍ରେନି ଡାକ୍ତରଙ୍କ ବାପା ମା' ଅଭିଯୋଗ କରିବାପରେ ହାଇକୋର୍ଟ ଏହି ମାମଲାରେ ସଦ୍ୟ ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଜିର ମ୍ୟାଚ

- ହାଇଦ୍ରାବାଦ-ବେଙ୍ଗାଲୁରୁ
- ସ୍ଥାନ- ହାଇଦ୍ରାବାଦ
- ସମୟ- ରାତି ୭.୩୦
- ପ୍ରସାରଣ- ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୩ | ୯ | ୪ | ୧୮ |
| ଗୁଜରାଟ | ୧୪ | ୯ | ୫ | ୧୮ |
| ହାଇଦ୍ରାବାଦ | ୧୩ | ୮ | ୫ | ୧୬ |
| ରାଜସ୍ଥାନ | ୧୩ | ୭ | ୬ | ୧୪ |
| ପଞ୍ଜାବ | ୧୩ | ୬ | ୬ | ୧୩ |
| ଚେନ୍ନାଇ | ୧୪ | ୬ | ୮ | ୧୨ |
| ଦିଲ୍ଲୀ | ୧୩ | ୬ | ୭ | ୧୨ |
| କୋଲକାତା | ୧୨ | ୫ | ୬ | ୧୧ |
| ମୁମ୍ବାଇ | ୧୨ | ୪ | ୮ | ୮ |
| ଲକ୍ଷ୍ନୌ | ୧୩ | ୪ | ୯ | ୮ |

# ପ୍ରଥମ ଦଳ ଭାବେ ବିଦା ହେଲା ଚେନ୍ନାଇ

**ଆଇପିଏଲ୍ ମହାସମର**

ଅହମ୍ମଦାବାଦ,୨୧ା୫(ଏଜେନ୍ସି): ଚଳିତ ଆଇପିଏଲରେ ଚେନ୍ନାଇ ସୁପରକିଙ୍ଗ୍ସ ପ୍ରଥମ ଦଳ ଭାବେ ଅଭିଯାନ ଶେଷ କରିଛି । ଗୁରୁବାର ଅହମ୍ମଦାବାଦରେ ଅନୁଷ୍ଠିତ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସ ୮୯ ରନ ବ୍ୟବଧାନରେ ଗୁଜରାଟ ଟାଇଟନ୍ସ ନିକଟରୁ ପରାଜିତ ହୋଇଛି । ଚେନ୍ନାଇ ୧୪ ମ୍ୟାଚରୁ ୬ ବିଜୟ,୮ ପରାଜୟ ସହ ୧୨ ପଏଣ୍ଟ ହାସଲ କରିଛି । ସେହିପରି ଗୁଜରାଟ ୧୪ ମ୍ୟାଚରୁ ୯ ବିଜୟ ସହ ୧୮ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି । ଏହି ମ୍ୟାଚରେ ଗୁଜରାଟ ଟାଇଟନ୍ସ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ୱିକେଟ୍ ହରାଇ ୨୨୯ ରନ୍ କରିଥିଲା । ଜବାବରେ ଚେନ୍ନାଇ ସୁପରକିଙ୍ଗ୍ସ ୧୩.୪ ଓଭରରେ ୧୪୦ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଟାଇଟନ୍ସ ପକ୍ଷରୁ ସାଇ ସୁଦର୍ଶନ, ଶୁଭମନ ଗିଲ ଓ ଜୋଶ ବଟଲରଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଇନିଂସ ଦେଖିବାକୁ ମିଳିଥିଲା । ଅଧିନାୟକ ଶୁଭମନ ଗିଲ ଓ ସାଇ ସୁଦର୍ଶନ ପାଳି ଆରମ୍ଭ କରିଥିଲେ । ପ୍ରଥମ ୱିକେଟ୍ ପାଇଁ ସାଇ ଓ ଗିଲଙ୍କ ମଧ୍ୟରେ ୧୨୫ ରନର ପାର୍ଟନରସିପ ହୋଇଥିଲା । ଭଲ ମୂଳଦୁଆ କାରଣରୁ ଗୁଜରାଟ ବଡ଼ ସ୍କୋର କରିବାକୁ ସକ୍ଷମ ହୋଇଥିଲା । ଭଲ ଲୟରେ ଥିବା ଶୁଭମନ ଗିଲ ୩୭ ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୩ ଛକା ସହାୟତାରେ ୬୪ ରନ କରିଥିଲେ । ସାଇ ସୁଦର୍ଶନ ମଧ୍ୟ ଆଶାନୁରୂପ ପ୍ରଦର୍ଶନ ଦେଖାଇଥିଲେ । ସେ ୫୩ ବଲ ଖେଳି ୭ ଚୌକା ଓ ୪ ଛକା ସହାୟତାରେ ୮୪ ରନ କରିଥିଲେ । ଜୋଶ ବଟଲର ୨୭ ବଲ ଖେଳି ୫ ଚୌକା ଓ ୪ ଛକା ସହାୟତାରେ ଅପରାଜିତ ୫୭ ରନ୍ କରିଥିଲେ । ୱାଶିଂଟନ ସୁନ୍ଦରଙ୍କ ୭ ରନ ସହ ଗୁଜରାଟ ୨୦ ଓଭରରେ ୪ ୱିକେଟ୍ ହରାଇ ୨୨୯ ରନ କରିଥିଲା । ଚେନ୍ନାଇର ମୁକେଶ ଚୌଧୁରୀ, ସ୍ପେନସର ଜନସନ ଓ ଅଂଶୁଲ କାମ୍ବୋଜ ପ୍ରତ୍ୟେକ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

୨୩୦ ରନର ବିଜୟ ଲକ୍ଷ୍ୟ ଚେନ୍ନାଇ ପାଇଁ ସହଜ ନଥିଲା । ଭଲ ଫର୍ମରେ ଥିବା ସଞ୍ଜୁ ସାମସନ ମହମ୍ମଦ ସିରାଜଙ୍କ ପ୍ରଥମ ବଲରେ ୱିକେଟରକ୍ଷକ ଜୋଶ ବଟଲରଙ୍କ ହାତରେ ଧରାପଡିଥିଲେ । ଏହାପରେ ରୁତୁରାଜ ଗାଏକ୍ୱାର୍ଡ ୧୬ ରନ୍, ଉର୍ଭିଲ ପଟେଲ ୦, ମାଥ୍ୟୁ ସଟ ୨୪, କାର୍ତ୍ତିକ ଶର୍ମା ୧୯ ରନ୍ କରି ଆଉଟ୍ ହେବାରୁ ଚେନ୍ନାଇର ବିଜୟ ଆଶାରେ ପୂର୍ଣ୍ଣଚ୍ଛେଦ ପଡିଥିଲା । ଡେୱାଲ୍ଡ ବ୍ରେଭିସ ୮, ଶିବମ ଦୁବେ ୧୭ ବଲରୁ ୪୭, ଅନସୁଲ କାମ୍ବୋଜ ୧୯ ରନ୍ ତଥା ନୁର ଅହମ୍ମଦ ୧ ରନ କରି ଆଉଟ୍ ହୋଇଥିଲେ । କେବଳ ମୁକେଶ ଚୌଧୁରୀ ୨ ରନ କରି ଅପରାଜିତ ଥିଲେ । ବୋଲିଂରେ ଗୁଜରାଟର ମହମ୍ମଦ ସିରାଜ, କାଗିସୋ ରବାଡା ଓ ରସିଦ ଖାନ୍ ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ୍ ସଫଳତା ଅକ୍ତିଆର କରି ଚେନ୍ନାଇ ଇନିଂସର ଜବନିକା ଟାଣି ଥିଲେ ।

# ଜିଲ୍ଲା ଚେସ ଚାମ୍ପିଅନସିପ ଉଦ୍‌ଯାପିତ

ଢେଙ୍କାନାଳ,୨୧ା୫(ସବ୍ୟୁ): ଢେଙ୍କାନାଳ ଜିଲ୍ଲାଚେସ ସଙ୍ଘ ଓ ରୋଟାରୀ କ୍ଲବର ମିଳିତ ସହଯୋଗରେ ରୋଟାରୀ କ୍ଲବ ପରିସରରେ ଜିଲ୍ଲା ଓପନ ଚେସ ଚାମ୍ପିୟାନସିପ ଉଦଯାପିତ ହୋଇଯାଇଛି । ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୯ଜଣ ଆନ୍ତର୍ଜାତିକ ମାନ୍ୟତା ପ୍ରାପ୍ତ ଖେଳାଳୀଙ୍କ ସହିତ ୪୫ଜଣ ଖେଳାରୀ ଅଂଶ ଗ୍ରହଣ କରଥିଲେ ।ଜିଲ୍ଲା ଚେସ ସଙ୍ଘର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ମେଡିକାଲ ଅଫିସର ଡକ୍ଟର ଏନ.ଡି.ସି ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ରୋଟାରୀ କ୍ଲବ ସଭାପତି ସାଗରିକା ମିଶ୍ର,ସମ୍ପାଦକ ତପନ କୁମାର ପାଲ,ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ସଙ୍ଘର ସମ୍ପାଦକ ତଥା ଅଲ ଓଡିଶା ଚେସ ସଙ୍ଘର ସମ୍ପାଦକ ଇଂ ଦେବବ୍ରତ ଭଞ୍ଜ ସମ୍ପାଦକୀୟ




ବିବରଣୀ ପ୍ରଦାନ କରିଥିଲେ ଓ ସଦସ୍ୟ ରାଜେନ୍ଦ୍ର ନାରାୟଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ପ୍ରତିଯୋଗିତାରେ ଚିଫ ଆରବିଟର ଭାବରେ ଆନ୍ତର୍ଜାତିକ ଆରବିଟର ତାପସ କୁମାରମହାନ୍ତି ଏବଂ ଅଭିଷେକ ଆଚାର୍ଯ୍ୟ ପରିଚାଳନା କରିଥିବା ବେଳେ ଆଶିଷ ମିଶ୍ର ସହାୟତା କରିଥିଲେ । ଏହି ପ୍ରତିଯୋଗିତାରେ ୧୩ବର୍ଷରୁ କମ ବିଭାଗରେ ସାନ ସାତ୍ୱିକ ବେହେରା ବାଳକ ଏବଂ ଦେବ୍ୟଙ୍କା ମିଶ୍ର ବାଳିକା,୧୧ବର୍ଷରୁ କମ ବାଳକବିଭାଗରେ ସୂର୍ଯ୍ୟାଦିତ୍ୟ ସାହୁ , ୯ବର୍ଷରୁ କମବାଳକରେ ରିଶାନ ଖାନ,୭ବର୍ଷରୁ କମ ବାଳକ ବିଭାଗରେ ସୁଭମ୍ରିତ ମିତ୍ର,ବାଳିକା ବିଭାଗରେ ପ୍ରଣଭି ମାହେଶ୍ୱରୀ ପୁରସ୍କୃତ ହୋଇଛନ୍ତି ।ସେହିପରି ସୂର୍ଯ୍ୟପ୍ରାଞ୍ଜଳ ଇନ୍ଦ୍ରଜିତ ୭ ପଏଣ୍ଟ ହାସଲ କରି ୩ ହଜାର ଟଙ୍କା ସହିତ ଟ୍ରଫି ହାସଲ କରିଥିବା ବେଳେ ୬ପଏଣ୍ଟ ପାଇ ଆଲମସ ଖାନ,୫.୫ ପଏଣ୍ଟ ପାଇ ଅଂଶୁମାନ ଭଞ୍ଜ ଯଥାକ୍ରମେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି ।ଅମୃତାଂଶୁ ଭଞ୍ଜ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ସାନଭି ମିଶ୍ର ।

# ବିଶୃଙ୍ଖଳିତ ହାର୍ଦ୍ଦିକ ପାଣ୍ଡ୍ୟା ଦଣ୍ଡିତ

ନୂଆଦିଲ୍ଲୀ,୨୧ା୫(ଏଜେନ୍ସି): ବିଶୃଙ୍ଖଳିତ ଆଚରଣ ପାଇଁ ଆଇପିଏଲ୍ ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ (ବିସିସିଆଇ) ଦଣ୍ଡିତ କରିଛି । ଆଇପିଏଲ ଆଚରଣ ବିଧି ଲେବଲ-୧ ଉଲ୍ଲଂଘନ କରିଥିବାରୁ ପାଣ୍ଡ୍ୟା ଫି ୧୦ % କଟିଛି । ଏତଦବ୍ୟତୀତ ଗୋଟିଏ ଡିମେରିଟ୍ ପଏଣ୍ଟ ମିଳିଛି । କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଆଚରଣ ବିଧି ଉଲ୍ଲଂଘନ କରିଥିଲେ । ମ୍ୟାଚର ଦଶମ ଓଭରରେ ହାର୍ଦ୍ଦିକ ନିଜ ବୋଲିଂ ରନ ଅପକୁ ଚାଲି ଚାଲି ଆସୁଥିଲେ । ଏସମୟରେ ରାଗରେ ୱିକେଟର ବେଲକୁ ଭାଙ୍ଗି ଦେଇଥିଲେ । ମୁମ୍ବାଇ ମ୍ୟାଚରେ ୱିକେଟ ନେଇପାରୁନଥିବା ବେଳେ କ୍ୟାଚ ମଧ୍ୟ ହାତଛଡା କରିଥିଲେ । ସେହି ରାଗରେ



ପାଣ୍ଡ୍ୟା ବେଲକୁ ଭାଙ୍ଗି ଥିଲେ । ଏପରି ଆଇପିଏଲ ଆଚରଣ ବିଧି ୨.୧କୁ ଉଲ୍ଲଂଘନ କରିଛନ୍ତି । ତେଣୁ ପାଣ୍ଡ୍ୟାଙ୍କୁ ଏଭଳି ଆଚରଣ ପାଇଁ ଦଣ୍ଡିତ କରାଯାଇଛି । ଏହି ମ୍ୟାଚରେ ମୁମ୍ବାଇ ୪ ୱିକେଟରେ ହରାଇଥିଲା । ବିଜୟ ସହ କୋଲକାତା ମଧ୍ୟ ପ୍ଲେ ଅଫ୍ ଦୌଡ଼ରେ ଅଛି । ଯଦି ଶେଷ ଲିଗ ମ୍ୟାଚ ଜିତିବ ଓ ରାଜସ୍ଥାନ ଶେଷ ମ୍ୟାଚ ମୁମ୍ବାଇ ଠାରୁ ହାରିବ ତା'ହେଲେ କୋଲକାତାର ପ୍ଲେ ଅଫ୍ ଆଶା ସଫଳ ହେବ ।

# ତିଲକଙ୍କ ଦଳରେ ଅନୁକୂଳ ରୟ

ନୂଆଦିଲ୍ଲୀ,୨୧ା୫(ଏଜେନ୍ସି): ଝାଡ଼ଖଣ୍ଡର ବାମହାତି ସ୍ପିନ ଅଲରାଉଣ୍ଡର ଅନୁକୁଲ ରୟଙ୍କୁ ବଡ଼ ସୁଯୋଗ ମିଳିଛି । ଚଳିତ ଆଇପିଏଲରେ କୋଲକାତା ନାଇଟରାଇଡର୍ସ ପକ୍ଷରୁ ଖେଳୁଥିବା ଅନୁକୁଳ ଭାରତୀୟ ଏ' ଦଳର ନେତୃତ୍ୱ ତିଲକ ବର୍ମା ନେବେ । ଶ୍ରୀଲଙ୍କାରେ ଆୟୋଜିତ ହେବାକୁଥିବା ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା ପାଇଁ ଭାରତୀୟ ଏ' ଦଳରେ ଅନୁକୁଳଙ୍କୁ ସ୍ଥାନ ମିଳିଛି । ବାମହାତି ସ୍ପିନର ହର୍ଷ ଦୁବେ ପୂର୍ବରୁ ଏହି ଦଳରେ ସ୍ଥାନ ପାଇଥିଲେ । କିନ୍ତୁ ଆଫଗାନିସ୍ତାନ ବିପକ୍ଷ ଘରୋଇ ଟେଷ୍ଟ ଓ ଦିନିକିଆ ଶୃଙ୍ଖଳା ପାଇଁ ତାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି । ଏଦୃଷ୍ଟିରୁ ତାଙ୍କ ବଦଳରେ ଅନୁକୂଳ ରୟ ଭାରତୀୟ ଏ ଦଳରେ ସ୍ଥାନ ପାଇଛନ୍ତି । ଆଇପିଏଲ ଶେଷ ହେବା ମାତ୍ରେ ଭାରତ ଏ' ତ୍ରିରାଷ୍ଟ୍ରୀୟ ଦିନିକିଆ ଶୃଙ୍ଖଳା ଖେଳିବ । ଶ୍ରୀଲଙ୍କା, ଆଫଗାନିସ୍ତାନ ଓ ଭାରତ




ମଧ୍ୟରେ ଶୃଙ୍ଖଳା ଖେଳାଯିବ । ଜୁନ ୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଶୃଙ୍ଖଳା ଚାଲିବ । ଜୁନ ୯ ଓ ୧୧ ତାରିଖରେ ଭାରତୀୟ ଦଳ ଯଥାକ୍ରମେ ଶ୍ରୀଲଙ୍କା ଓ ଆଫଗାନିସ୍ତାନ ବିପକ୍ଷରେ ମ୍ୟାଚ ଖେଳିବ । ଏହାପରେ ଜୁନ୍ ୧୫ ଓ ୧୭ରେ ପୁଣିଥରେ ଶ୍ରୀଲଙ୍କା ଓ ଆଫଗାନିସ୍ତାନ ସହ ଆଉ ୨ଟି ମ୍ୟାଚ ଖେଳିବ ଭାରତ । ୪ଟି ଲେଖାଏଁ ମ୍ୟାଚ ଖେଳିବା ପରେ ଯେଉଁ ଦୁଇ ଦଳ ଅଧିକ ପଏଣ୍ଟ ପାଇଥିବେ ସେମାନଙ୍କ ମଧ୍ୟରେ ଜୁନ୍ ୨୧ରେ ଫାଇନାଲ ମ୍ୟାଚ ଖେଳାଯିବ । ସୀମିତ ଓଭର ଶୃଙ୍ଖଳା ପରେ ଭାରତୀୟ ଏ' ଦଳ ଓ ଶ୍ରୀଲଙ୍କା ଏ' ଦଳ ମଧ୍ୟରେ ଦୁଇଟି ଟେଷ୍ଟ ମ୍ୟାଚ ଖେଳାଯିବ ।

**ଭାରତୀୟ ଏ' ଦଳ:** ତିଲକ ବର୍ମା (ଅଧିନାୟକ), ପ୍ରିୟଂନ୍ସ ଆର୍ଯ୍ୟ, ବୈଭବ ସୂର୍ଯ୍ୟବଂଶୀ, ରିଆନ ପରାଗ, ଆୟୁଷ ବଦୋନୀ, ନିଶାନ୍ତ ସିନ୍ଧୁ, ଅନୁକୁଳ ରୟ, ସୂର୍ଯ୍ୟଂଶ ସେଗଡେ, ପ୍ରଭସିନରନ ସିଂ, କୁମାର କୁସଗ୍ର, ବିପ୍ରର୍ଯ ନିଗମ, ଯଷ ଠାକୁର, ଯୁଦ୍ଧବୀର ସିଂ, ଅଂଶୁଳ କାମ୍ବୋଜ ଏବଂ ଅର୍ଶଦ ଖାନ ।

# ଉତ୍କଳ କରାଟେ ସ୍କୁଲର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ




ଭୁବନେଶ୍ୱର,୨୧ା୫(ସବ୍ୟୁ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଠାରେ ବନ୍ଧୁକ ଚାଳନ, ଆତ୍ମରକ୍ଷା ଓ କରାଟେ ର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇ ଅଛି । ଏହି ଶିବିର ଗତ ମେ ୨୦ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ମେ ୩୧ ତାରିଖ ଦିନ ଉଦଯାପିତ ହେବ । ଏହି ପ୍ରଶିକ୍ଷଣ ଶିବିରରେ ଛାତ୍ରଛାତ୍ରୀ ଓ ଯୁବପିଢି ଅଂଶଗ୍ରହଣ କରି ବନ୍ଧୁକ ଚାଳନ, ଆତ୍ମରକ୍ଷା କୌଶଳ ଏବଂ କରାଟେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି । ଅଭିଜ୍ଞ ପ୍ରଶିକ୍ଷକମାନଙ୍କ ଦ୍ୱାରା ନିୟମିତ ଭାବେ ପ୍ରାୟୋଗିକ ଓ ତାତ୍ତ୍ୱିକ ପ୍ରଶିକ୍ଷଣ ଦିଆଯାଉଛି । ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯୁବପିଢିଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ, ଶାରୀରିକ ସୁସ୍ଥତା ଓ ଆତ୍ମରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା । ଶିବିରର ସମାପନୀ ଉତ୍ସବ ମେ ୩୧ ତାରିଖ ଦିନ ଆୟୋଜିତ ହେବ । ଏହି ପ୍ରଶିକ୍ଷଣ ଶିବିରକୁ ଉତ୍କଳ କରାଟେ ସ୍କୁଲ ର ପ୍ରତିଷ୍ଠାତ ଡ. ହରି ପ୍ରସାଦ ପଟ୍ଟନାୟକ ଉଦଘାଟନ କରିଥିବା ବେଳେ ଶିବିରକୁ ଡ. ଗୌରି ମହାନ୍ତି, ବଳଭଦ୍ର ଦାସ, ଆଶିଷ ନାୟକ, ଗୁରୁପଦ ମହାନ୍ତି, ଆଶୁତୋଷ ବେହେରା ଓ ଦିପ୍ତିମୟୀ ସ୍ୱାଇଁ ପ୍ରମୁଖ ପରିଚାଳନା କରୁଛନ୍ତି ।

# ଓଡ଼ିଶା ମହିଳା ଲିଗ୍: ମନୋରମା, ତାରିଣୀ କ୍ଲବ ବିଜୟୀ

ଭୁବନେଶ୍ୱର,୨୧ା୫(ସବ୍ୟୁ): ଫୁଟବଲ ଆସୋସିଏସନ୍ ଓଡ଼ିଶାର ଘରୋଇ ପ୍ରତିଯୋଗିତା ଓଡ଼ିଶା ମହିଳା ଲିଗର ଦ୍ୱିତୀୟ ଦିନ ଅନୁଷ୍ଠିତ ଦୁଇଟି ମ୍ୟାଚରେ ମନୋରମା କ୍ଲବ ଏବଂ କେନ୍ଦୁଝରର ତାରିଣୀ ଫୁଟବଲ ଏକାଡେମୀ ବିଜୟୀ ହୋଇଛନ୍ତି । ୟୁନିଟ୍-୧ ଫୁଟବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଗଞ୍ଜାମ ଏକାଦଶକୁ ଭେଟିଥିଲା ମନୋରମା କ୍ଲବ । ଦେଢ଼ ଘଣ୍ଟାର ମ୍ୟାଚରେ ମନୋରମ କ୍ଲବର



ଗୋଲ ବର୍ଷା ଦେଖିବାକୁ ମିଳିଥିଲା । ମନୋରମା କ୍ଲବ ୨୨-୦ ଗୋଲରେ ଗଞ୍ଜାମ ଏକାଦଶକୁ ପରାଜିତ କରିଛି । ମନୋରାମା କ୍ଲବର କୀର୍ତ୍ତି କିଷାନ, ଜ୍ୟୋତି ବାର୍ଲା, ପ୍ରିୟା କିଷାନ, ସଞ୍ଜିବନୀ ଗୁରୁ, ବିଲୁ ମୁଣ୍ଡା, ସ୍ନେହା ତିର୍କୀ, ଅନିତା ନାୟକ ପ୍ରମୁଖ ଗୋଲ ସ୍କୋର କରିଥିଲେ । ସେହିଭଳି ଓଡ଼ିଶା ପୋଲିସ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ କେନ୍ଦୁଝରର ତାରିଣୀ ଫୁଟବଲ ଏକାଡେମୀ ୪-୦ ଗୋଲରେ ୟଙ୍ଗ ଆସୋସିଏସନକୁ କ୍ଲବକୁ ପରାଜିତ କରିଛି ।

# ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର, ଡିଜିଟାଲ୍ ଏଲ୍‌ଇଡି କ୍ରିକେଟ୍ ସ୍କୋର ବୋର୍ଡର ଉଦ୍‌ଘାଟିତ

ଜଟଣୀ,୨୧ା୫(ସବ୍ୟୁ): ଖୋର୍ଦ୍ଧାରୋଡ୍ ଇଷ୍ଟକୋଷ୍ଟ ରେଳବାଇ କ୍ରୀଡ଼ା ସଂଘର କ୍ରିକେଟ୍ ଷ୍ଟାଡିୟମଠାରେ ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର-୨୦୨୬ ଏବଂ ଡିଜିଟାଲ୍ ଏଲଇଡି କ୍ରିକେଟ୍ ସ୍କୋର ବୋର୍ଡର ଉଦ୍‌ଘାଟନ ଚାଲିଥିବା ଗ୍ରୀଷ୍ମକାଳୀନ ଛୁଟି ସମୟରେ ପିଲାମାନଙ୍କର ଶାରୀରିକ, ମାନସିକ ଓ ନୈତିକ ଦକ୍ଷତାର ବିକାଶ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧାରୋଡ୍ ଇଷ୍ଟକୋଷ୍ଟ ରେଳବାଇ କ୍ରୀଡ଼ା ସଂଘ ପକ୍ଷରୁ କ୍ରୀଡ଼ା କମ୍ପ୍ଲେକ୍ସଠାରେ ରେଳବାଇ କର୍ମଚାରୀଙ୍କ ପିଲାମାନଙ୍କ ସହ ସ୍ଥାନୀୟ ପିଲାମାନଙ୍କ ପାଇଁ ଏକ "ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର-୨୦୨୬" ର ଆୟୋଜନ କରାଯାଉଛି । ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିରର ଉଦ୍‌ଘାଟନ ସହିତ ନୂତନ ଭାବେ ସ୍ଥାପନ କରାଯାଇଥିବା ଏକ ଡିଜିଟାଲ୍ ଏଲଇଡି କ୍ରିକେଟ୍ ସ୍କୋର ବୋର୍ଡ ମଧ୍ୟ ଉଦ୍ଘାଟିତ ହୋଇଯାଇଛି । ମଣ୍ଡଳ



ରେଳ ପ୍ରବନ୍ଧକ ଡି. ସୁନୀଲ ଖୋର୍ଦ୍ଧାରୋଡ୍ ଇଷ୍ଟକୋଷ୍ଟ ରେଳବାଇ ମହିଳା କଲ୍ୟାଣ ସଂଗଠନର ସଭାପତି ପ୍ରିୟଙ୍କା ଜୀଭାରାଜ୍,ଏଡିଆରଏମ୍ (ଅପରେସନ୍) ପି. କେ. ବେହେରା,ଏଡିଆରଏମ୍ (ଇନଫ୍ରା) ରାଜଧାରୀ ଯାଦବ, କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ୍ କୁମାର ଏସ୍. ଏବଂ ଅନ୍ୟାନ୍ୟ ଶାଖା ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଏହି ଶିବିର ୨୦.୦୫.୨୦୨୬ ରୁ ୩୦. ୦୫.୨୦୨୬ ପର୍ଯ୍ୟନ୍ତ ୧୧ ଦିନ ଧରି ଚାଲିବ । ଏଥିରେ ୫ ବର୍ଷରୁ ଅଧିକ ବୟସର ପିଲାମାନେ ଟେବୁଲ୍ ଟେନିସ୍, ଭଲିବଲ୍, କ୍ରିକେଟ୍, ବ୍ୟାଡମିଣ୍ଟନ୍, ସନ୍ତରଣ ଏବଂ ଯୋଗ ଭଳି ବିଭିନ୍ନ କ୍ରୀଡ଼ା କାର୍ଯ୍ୟକଳାପ ରେ ଭାଗ ନେବେ । ଏହା ସହିତ "ଟେକ୍ୱାଣ୍ଡୋ" ସମରକଳା ମାଧ୍ୟମରେ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯିବ ଏହା ସହିତ "ଟେକ୍ୱାଣ୍ଡୋ" ମାର୍ଶଲ ଆର୍ଟ ମାଧ୍ୟମରେ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯିବ । ଖୋର୍ଦ୍ଧାରୋଡ୍ର କ୍ରୀଡ଼ା ସାଧାରଣ ସମ୍ପାଦକ ମହମ୍ମଦ ଜାକିରୁଦ୍ଦିନ, ସହକାରୀ ସାଧାରଣ ସମ୍ପାଦକ ଜେ.ଏସ୍. ପାତ୍ର ଏବଂ ସେମାନଙ୍କ ଦଳର ସଦସ୍ୟମାନେ ଶିବିରର ବିଭିନ୍ନ କାର୍ଯ୍ୟକ୍ରମ ଓ ଗତିବିଧିକୁ ସଫଳତାର ସହ ସଂଯୋଜନା ଓ ପରିଚାଳନା କରୁଛନ୍ତି ।

**ସୂଚନା**

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକୃତି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ [illegible] / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ [illegible]ରେ ଯୋଗାଯୋଗ କରନ୍ତୁ ।

# ପିଏମ୍ ସୂର୍ଯ୍ୟ ଘର ଯୋଜନାରେ ଅମିତଙ୍କ ଘରେ ଜଳିଲା ବିଜୁଳି

ଭୁବନେଶ୍ୱର,୨୧ା୫(ସବ୍ୟୁ): ଭାରତୀୟ ହକି ଖେଳାଳି ତଥା ଅଲିମ୍ପିଆନ୍ ଅମିତ ରୋହିଦାସ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ଅଧୀନରେ ନିଜ ଘରେ ରୁଫ୍‌ଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରି ସୌର ଶକ୍ତିକୁ ଆପଣେଇଛନ୍ତି । ଏହି ପଦକ୍ଷେପ ଯୋଗୁଁ ସୋଲାର ସିଷ୍ଟମ୍ ଲଗାଇବା ଖର୍ଚ୍ଚ ଯଥେଷ୍ଟ କମିଯାଇଛି ଏବଂ ଏହାସହ ଦୀର୍ଘ ସମୟ ପାଇଁ ବିଦ୍ୟୁତ ବିଲ୍‌ରେ ମଧ୍ୟ ବହୁତ ସଞ୍ଚୟ ସୁନିଶ୍ଚିତ ହୋଇଛି । ତାଙ୍କର ଏହି ନିଷ୍ପି ସ୍ୱଚ୍ଛ ଓ ଦୀର୍ଘସ୍ଥାୟୀ ଶକ୍ତି ବିକଳ୍ପକୁ ଆପଣେଇବା ଦିଗରେ ଉପଭୋକ୍ତାମାନଙ୍କ ମଧ୍ୟରେ ବଢୁଥିବା ବିଶ୍ୱାସକୁ ଦର୍ଶାଉଛି ।

ନିଜର ଅନୁଭୂତି ବାଣ୍ଟି ଅମିତ ରୋହିଦାସ କହିଛନ୍ତି ଯେ, "ଆମେ ଯେତେବେଳେ ପଡ଼ିଆରେ ଖେଳୁ, ଆମ ପାଇଁ ପ୍ରତିଟି ସେକେଣ୍ଡ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଠିକ୍ ସେହିପରି, ଆମ ଘର ପାଇଁ ପ୍ରତିୟୁନିଟ୍ ବିଦ୍ୟୁତ୍ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ । ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ମାଧ୍ୟମରେ ମୁଁ ସୌର ଶକ୍ତି ଆପଣେଇଛି ଏବଂ ୧,୩୮,୦୦୦ ଟଙ୍କାର ସବ୍‌ସିଡି ପାଇଛି । ଏଭଳି ଏକ ଯୋଜନା ପାଇଁ ମୁଁ ସରକାରଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି । ମୋ ଘରେ ସୋଲାର ସ୍ଥାପନ କରିବାରେ ସାହାଯ୍ୟ କରିଥିବାରୁ ମୁଁ ଟିପିସିଓଡିଏଲ୍ କୁ ମଧ୍ୟ ଧନ୍ୟବାଦ ଦେଉଛି । ସୋଲାର ଲଗାଇବା ପରେ ମୋର



ବିଦ୍ୟୁତ ବିଲ୍ ଚିନ୍ତା ଦୂର ହୋଇଯାଇଛି - ମୋତେ ଆଉ ବିଲ୍ ଦେବାକୁ ପଡୁନାହିଁ ।

ଖେଳ ପାଇଁ ଯେମିତି ଶୃଙ୍ଖଳା ଜରୁରୀ, ଆମ ଆଗାମୀ ଭବିଷ୍ୟତ ପାଇଁ ସୌର ଶକ୍ତି ସେମିତି ଆବଶ୍ୟକ । ଏହା ଏକ ବହୁତ ବୁଦ୍ଧିମାନର ନିଷ୍ପି । ଆପଣ ନିଜ ସ୍ୱପ୍ନକୁ ସାକାର କରିବା ପଛରେ ଲାଗନ୍ତୁ. ଆଉ ଆପଣଙ୍କ ଘରକୁ ଆଲୋକିତ କରିବା କାମ ସୂର୍ଯ୍ୟଙ୍କ ଉପରେ ଛାଡ଼ିଦିଅନ୍ତୁ । ଅମିତଙ୍କ ଏହି ପଦକ୍ଷେପ ଓଡ଼ିଶାର ହଜାର ହଜାର ପରିବାରକୁ ସ୍ୱଚ୍ଛ ଶକ୍ତି ଆଡ଼କୁ ଆଗେଇବାକୁ ଏବଂ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ର ଲାଭ ଉଠାଇବାକୁ ପ୍ରେରିତ କରିବ ବୋଲି ଆଶା କରାଯାଉଛି, ଯାହା ପରିବେଶର ସୁରକ୍ଷା ପାଇଁ ଅବଦାନ ଦେବା ସହିତ ରୁଫ୍‌ଟପ୍ ସୋଲାର ସ୍ଥାପନ ପାଇଁ ଆକର୍ଷଣୀୟ ସବ୍‌ସିଡି ପ୍ରଦାନ କରୁଛି । ଏହି ଅବସରରେ ଅମିତ ରୋହିଦାସ କହିଛନ୍ତି ଯେ, ମୁଁ ମଧ୍ୟ ମୋ ଛାତ ଉପରେ ସୋଲାର ପ୍ୟାନେଲ୍ ଲଗାଇଛି, ଆପଣ ମଧ୍ୟ ଏହା କରିପାରିବେ ଏବଂ ନିଜର ବିଦ୍ୟୁତ ବିଲ୍ କମାଇ ପାରିବେ ।

ଏହି ପଦକ୍ଷେପ ଉପରେ ନିଜର ମତ ରଖି ଟିପିସିଓଡିଏଲ୍ ର ସିଇଓ ଅରଭିନ୍ଦ ସିଂ କହିଛନ୍ତି ଯେ, ଅମିତ ରୋହିଦାସଙ୍କ ଭଳି ଜଣାଶୁଣା କ୍ରୀଡ଼ାବିତ୍ ରୁଫ୍‌ଟପ୍ ସୋଲାର ଆପଣାଉଥିବା ଏବଂ ଦୀର୍ଘସ୍ଥାୟୀ ଶକ୍ତିର ପ୍ରଚାର କରୁଥିବା ଦେଖି ଆମେ ବହୁତ ଖୁସି । ଏଭଳି ପଦକ୍ଷେପଗୁଡ଼ିକ ସମାଜକୁ ଏକ ଉମ ଭବିଷ୍ୟତ ପାଇଁ ସବୁଜ ବିକଳ୍ପ ଆପଣେଇବାକୁ ଅନୁପ୍ରାଣିତ କରିଥାଏ । ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ଅଧୀନରେ ଉପଭୋକ୍ତାମାନଙ୍କୁ ପ୍ରତିଟି ପାଦରେ ସାହାଯ୍ୟ ଓ ସହଯୋଗ କରିବା ପାଇଁ ଟିପିସିଓଡିଏଲ୍ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ ।




Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି